RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-207 ♦THURSDAY ♦22 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୦୭ ♦ଗୁରୁବାର ♦୨୨ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



ଅର୍ଦ୍ଧଶତକରେ ବିଶ୍ୱ ରେକର୍ଡ
▶ପୃଷ୍ଠା ୧୨ ଦେଖନ୍ତୁ...

# ଭୂସ୍ୱର୍ଗରେ ବି ବାୟୁ ଦୂଷିତ

## ଶ୍ରୀନଗର ପ୍ରଦୂଷଣ ୭ ବର୍ଷରେ ସବୁଠୁ ଖରାପ

ଦିଲ୍ଲୀରେ ପୁଣି ବଢ଼ିଲା ଏକ୍ୟୁଆଇ



■ ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ଭାରତର ଭୂସ୍ୱର୍ଗ କୁହାଯାଉଥିବା ଜମ୍ମୁ-କଶ୍ମୀର ଅବସ୍ଥା ମଧ୍ୟ ଖରାପ। ଏଠାରେ ବାୟୁ ପ୍ରଦୂଷଣ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ରାଜଧାନୀ ଶ୍ରୀନଗ।।ର।।ରେ ଗତ ସାତ ବର୍ଷରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳିନଥିଲା। ଆଜି ସହରର ବାୟୁ ମାନ ଇଣ୍ଡେକ୍ସ (ଏକ୍ୟୁଆଇ) ୩୦୮ ରେକର୍ଡ କରାଯାଇଛି। ଏୟାର ମନିଟରିଂ ଡାଟା ଅନୁସାରେ ଜାନୁଆରୀ ସହରର ଏକ୍ୟୁଆଇ ବହୁତ ଖରାପ ରହିଛି। ଶ୍ରୀନଗରରେ ବର୍ତ୍ତମାନ ହାରାହାରି ପିଏମ୍୨.୫ ସାନ୍ଦ୍ରତା ପ୍ରତି ଘନ ମିଟରରେ ୧୧୫ ମାଇକ୍ରୋଗ୍ରାମ ରହିଛି ଓ ଏହା ଡବ୍ଲ୍ୟୁଏଚ୍ଓ ସୀମାଠାରୁ ଯଥେଷ୍ଟ ଅଧିକ। ଏହି ସ୍ତର ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି ଓ ଏହା ଦିନକୁ ୪ଟି ସିଗାରେଟ ପିଇବା ସହ ସମାନ। ୨୦୧୯ ପରେ ୨୦୨୬ ଶ୍ରୀନଗର ସବୁଠାରୁ ପ୍ରଦୂଷିତ ବର୍ଷ ସାବ୍ୟସ୍ତ ହୋଇଛି ଓ ଏହାର ହାରାହାରି ଏକ୍ୟୁଆଇ ୧୫୯ ରହିଛି। ତେବେ ୨୦୨୩ ଗତ ୭ ବର୍ଷ ମଧ୍ୟରେ ସବୁଠାରୁ ସ୍ୱଚ୍ଛ ବାୟୁ ରେକର୍ଡ କରିଛି ଓ ଏହାର ହାରାହାରି ଏକ୍ୟୁଆଇ ଥିଲା ୪୯।

ଏକ୍ୟୁଆଇ ତଥ୍ୟ ଅନୁଯାୟୀ, ଶ୍ରୀନଗରରେ ପ୍ରତ୍ୟେକ ସନ୍ଧ୍ୟାରେ ହିଁ ପ୍ରଦୂଷଣ ଦ୍ରୁତଗତିରେ ବୃଦ୍ଧି ପାଇଥାଏ। ସକାଳେ ବାୟୁ ସଫା ରହିଥାଏ। ସନ୍ଧ୍ୟାରେ ହାରାହାରି ଏକ୍ୟୁଆଇ ୨୨୮ରେ ପହଞ୍ଚିଥାଏ। ଗତ ୭ ଦିନଧରି ଏକ୍ୟୁଆଇ ୧୦୦ ଉପରେ ରହିଛି। ଜାନୁଆରୀ ୧୬ରେ ଶ୍ରୀନଗରର ଏକ୍ୟୁଆଇ ସବୁଠାରୁ ଖରାପ ୪୧୫ ରେକର୍ଡ କରାଯାଇଥିଲା। ଏହା ପରିବେଶବିତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସେପଟେ ଦେଶର ରାଜଧାନୀ ଦିଲ୍ଲୀରେ ପୁଣି ଥ।।ରେ ପ୍ରଦୂଷଣ ପୁଣି ବଢ଼ିବାରେ ଲାଗିଛି। କିଛି ଦିନର ବିରାମ ପରେ ଆଜି ରାଜଧାନୀରେ ବାୟୁମାନ ଅତ୍ୟନ୍ତ ଖରାପ ବର୍ଗରେ ରହିଥିଲା। ସହରର ଏକ୍ୟୁଆଇ ୩୩୯ ରେକର୍ଡ କରାଯାଇଛି। କିନ୍ତୁ ଜାହାଙ୍ଗୀରପୁରରେ ଏକ୍ୟୁଆଇ ୩୯୦ ରେକର୍ଡ କରାଯାଉଛି।

## ୨୮ରୁ ସଂସଦର ବଜେଟ ଅଧିବେଶନ

# ହକ୍ ଅପେକ୍ଷାରେ ଓଡ଼ିଶା

■ ଭୁବନେଶ୍ୱର, ୨୧।୧ (ସମିସ): କ୍ରମାଗତ ଭାବରେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଛି ଓଡ଼ିଶା। ରାଜ୍ୟ ସ୍ୱାର୍ଥ ସମ୍ବଳିତ ଦାବିକୁ କେନ୍ଦ୍ର ସରକାର ବିଭିନ୍ନ ବାହାନା ଦେଖାଇ ଏଡ଼ାଇ ଯାଉଛନ୍ତି କିମ୍ବା ନିରବ ରହୁଛନ୍ତି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଭାଗିଦାରୀ ରହିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ତାଙ୍କର ଭୂମିକା ନିର୍ବାହ କରୁଥିବାବେଳେ କେନ୍ଦ୍ର ସରକାର ଏ ଦିଗରେ ଯେପରି ତତ୍ପରତା ପ୍ରଦର୍ଶନ କରିବା କଥା ତାହା ଦେଖାଉ ନାହାନ୍ତି। ରାଜ୍ୟଗୁଡ଼ିକର ଆବଶ୍ୟକତା ଅନୁସାରେ କେନ୍ଦ୍ର ସରକାର ସହଯୋଗ କରିବାର ଆବଶ୍ୟକତା ରହିଛି ଏବଂ ଠିକ୍ ସମୟରେ ଓ ସଠିକ୍ ଅନୁପାତରେ କେନ୍ଦ୍ରୀୟ ଅନୁଦାନ ପାଇବା ରାଜ୍ୟଗୁଡ଼ିକର ହକ୍ ରହିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଏହି ପ୍ରସଙ୍ଗ ଉଲ୍ଲେଖ କରିଥିଲେ ବି କେନ୍ଦ୍ର ସରକାର ସେତେବେଳେ ଶୁଣିଲେ ନାହିଁ, ଏବେ ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ବି ଓଡ଼ିଶା ଅବହେଳିତ ହୋଇ ରହିଛି। ରାଜ୍ୟରେ ରେଳ ସାନ୍ଦ୍ରତା ବୃଦ୍ଧି, କୋଇଲା ରାଜଭାଗ ବୃଦ୍ଧି, ଉଷୁନା ଚାଉଳ ଉଠାଇବା, ଠିକ୍ ସମୟରେ ସାର ଯୋଗାଇବା, ସ୍ୱତନ୍ତ୍ର ଫୋକସ ରାଜ୍ୟ ମାନ୍ୟତା ସହ ରାଜ୍ୟକୁ ଅଧିକ ଅନୁଦାନ ପ୍ରଦାନ କରିବା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିମନ୍ତେ ସହଯୋଗ କରିବା, ଜଳସେଚନ କ୍ଷେତ୍ରକୁ ଉପଯୁକ୍ତ ସହାୟତା ଦେବା ଆଦି ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ନକରାତ୍ମକ ମନୋଭାବ ପୋଷଣ କରୁଛନ୍ତି। ଏପରିକି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଉଦାର ମନୋଭାବ ପୋଷଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ନିରବ ରହୁଛନ୍ତି। ଓଡ଼ିଶାକୁ କ୍ରମାଗତ ଉପେକ୍ଷା ରାଜ୍ୟବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ପରିସ୍ଥିତିରେ ଆସନ୍ତା ୨୮ ତାରିଖରୁ କେନ୍ଦ୍ର ବଜେଟ୍ ଅଧିବେଶନ ଉପରେ ଓଡ଼ିଶାବାସୀଙ୍କ ଧ୍ୟାନ କେନ୍ଦ୍ରୀତ ହୋଇଛି।

ସାରା ରାଜ୍ୟରେ ବର୍ତ୍ତମାନ ଖରିଫ ଧାନ ସଂଗ୍ରହ ଜାରି ରହିଛି। ମାତ୍ର ଯାବତୀୟ ସମସ୍ୟା ଓ ଅନିୟମିତତା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଥିପାଇଁ ବିରୋଧୀ ରାଜ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ନିଜର ଅଂଶ ପ୍ରଦାନରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା ଯୋଗୁଁ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି ବାରମ୍ବାର ଦାବି ସତ୍ତ୍ୱେ ▶ପୃଷ୍ଠା-୭



- ମିଳୁନି ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଅନୁଦାନ
- ଅଟକି ରହିଛି ଓଡ଼ିଶା ସାମୁଦ୍ରିକ ବୋର୍ଡ ଆଇନ
- ପଡ଼ି ରହିଛି କୋଇଲା ରାଜଭାଗ ସଂଶୋଧନ ଦାବି
- ଦାବି ସତ୍ତ୍ୱେ ରାଜ୍ୟକୁ ମିଳୁନାହିଁ ଆବଶ୍ୟକ 'ଆବାସ'

## ଦଳୀୟ ନେତା ଓ କର୍ମୀଙ୍କୁ ନବୀନଙ୍କ ସ୍ପଷ୍ଟ ବାର୍ତ୍ତା

# ଲୋକଙ୍କ ସ୍ୱାର୍ଥ ବିରୋଧରେ କାମ କଲେ କଠୋର କାର୍ଯ୍ୟାନୁଷ୍ଠାନ



■ ଭୁବନେଶ୍ୱର, ୨୧।୧ (ସମିସ): ବିଜେଡିରେ ଶୃଙ୍ଖଳା, ଅନୁଶାସନ ଓ ଦଳୀୟ ଆନୁଗତ୍ୟ ସର୍ବପ୍ରଥମ। ଏହାକୁ ଆୟୁଧ କରି ବିଜେଡି କ୍ରମାଗତ ୨୪ ବର୍ଷ ଓଡ଼ିଶାବାସୀଙ୍କ ସେବା କରିଛି। ଦେଶର ଅନ୍ୟତମ ଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବରେ ଉଦାହରଣ ସୃଷ୍ଟି କରିଛି। ଯେତେ କ୍ଷମତାଶାଳୀ ହେଲେ ବି ବିଶୃଙ୍ଖଳ ଷଡ଼ଯନ୍ତ୍ରକାରୀ ଓ ଜନବିରୋଧୀ ନେତାଙ୍କ ସହ ବିଜେଡି କେବେ ସାଲିସ କରିନାହିଁ, ଭବିଷ୍ୟତରେ ବି ସାଲିସର ସମ୍ଭାବନା ନାହିଁ। ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କର ସେହି ନୀତି ଓ ଆଭିମୁଖ୍ୟରେ ଅଟଳ ରହିଛନ୍ତି। ଯେତେ ପ୍ରଭାବଶାଳୀ ହେଲେ ବି ଦଳୀୟ ଶୃଙ୍ଖଳା ଭଙ୍ଗକାରୀ ଓ ଲୋକଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବା ନେତା ଓ କର୍ମୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରାର ବିଜେଡି ନେତା ଓ କର୍ମୀମାନେ ନବୀନ ନିବାସରେ ଆଜି ତାଙ୍କୁ ଭେଟିବା ଅବସରରେ ପୁଣିଥରେ ଏହାକୁ ସ୍ପଷ୍ଟ ଭାଷାରେ ଦୋହରାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦୁର୍ନୀତିଲିପ୍ତ, ବିଶ୍ୱାସଘାତକଙ୍କର ସ୍ଥାନ ବିଜେଡିରେ ନାହିଁ ବୋଲି ନବୀନ ସଫାସଫା ଶୁଣାଇ ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ପାଟକୁରାର ଦଳୀୟ କର୍ମୀଙ୍କୁ ନବୀନ କହିଛନ୍ତି ଯେ ବିଜେଡି ସବୁବେଳେ ଲୋକଙ୍କ ସେବାରେ ବିଶ୍ୱାସ କରେ। ଲୋକଙ୍କ ସ୍ୱାର୍ଥ ବିରୋଧରେ ତଥା ଦଳ ବିରୋଧରେ କାମ କରୁଥିବା ବ୍ୟକ୍ତି ଯେତେ ଶକ୍ତିଶାଳୀ ହେଲେବି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ। ଏହି ଅବସରରେ କାହାରି ନାମ ଉଲ୍ଲେଖ କରି ନ ଥିଲେ ହେଁ ସେ ପାଟକୁରା ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ଦଳୀୟ କର୍ମୀଙ୍କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପାଟକୁରାରେ ଜନସାଧାରଣଙ୍କ କାର୍ଯ୍ୟ କରିବା ପାଇଁ ବିଶ୍ୱାସ କରି ମୁଁ ଜଣକୁ ସୁଯୋଗ ଦେଇଥିଲି; କିନ୍ତୁ ତାଙ୍କ ପାଇଁ ପାଟକୁରାବାସୀ ହଇରାଣ ହରକତ ହେଉଛନ୍ତି ବୋଲି ଜାଣିବାକୁ ପାଇଲି। ଦଳରେ କର୍ମୀମାନଙ୍କୁ ହଇରାଣ କରିବା ଲୋକଙ୍କର ସ୍ଥାନ ନାହିଁ ବୋଲି ନବୀନ ସ୍ପଷ୍ଟ ଭାଷାରେ ▶ପୃଷ୍ଠା-୭

# ରାଜଧାନୀରେ 'ଥାର୍' ଆତଙ୍କ

## ପିତାପଲ୍ଲୀରେ ଟ୍ରେଲର୍ ସହ ଧକ୍କା; ୩ ମୃତ



■ ଭୁବନେଶ୍ୱର, ୨୧।୧ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଖବର ନେବାରୁ ଜଣାପଡ଼ିଛି ଯେ, ବୁଧବାର ବିଳମ୍ବିତ ରାତିରେ ଏକ ଥାର୍‌ରେ ୪ ଜଣ ଯୁବକ ଯାଁଳାରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ରାସ୍ତା ମଝିରେ ଭାରସାମ୍ୟ ହରାଇ ଏକ ଟ୍ରେଲରକୁ ପଛରୁ ପିଟି ଦେଇଥିଲା। ଦୁର୍ଘଟଣା ଏତେମାତ୍ରାରେ ହୋଇଥିଲା ଯେ, ଥର୍ ଗାଡ଼ିଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଛି। ଗାଡ଼ିରେ ବସିଥିବା ୪ ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ମୃତାହତଙ୍କୁ ଉଦ୍ଧାର କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତଙ୍କୁ ପୁଲିସ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାନବାହନଗୁଡ଼ିକ ଅଟକି ରହିବା ସହ ଜାମ୍ ହୋଇଯାଇଥିଲା। ପ୍ରକାଶ ଥାଉ କି ମଙ୍ଗଳବାର ରାତିରେ କ୍ୟାପିଟାଲ୍ ହସ୍ପିଟାଲ୍ ଛକରେ ଅନ୍ୟଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଥାର୍ ଧକ୍କାରେ ବୁଲେଟ୍ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ରାଜା ପେଦିନି। ରାଜାଙ୍କ ବୟସ ▶ପୃଷ୍ଠା-୭

**୨ ଦିନରେ ଗଲା ୪ ଜୀବନ**


# ୨୮ ନୂଆ ଏନ୍‌ଏସି ନିର୍ବାଚନ ଜୁନ୍‌ରେ !

■ ଭୁବନେଶ୍ୱର, ୨୧।୧ (ସମିସ): ରାଜ୍ୟରେ ନୂଆ ୨୮ଟି ଏନଏସି ଗଠନ ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏହି ଏନଏସି ଗୁଡ଼ିକର ସୀମା ନିର୍ଦ୍ଧାରଣ ସହ ଭୋଟର ତାଲିକା ଚୂଡ଼ାନ୍ତ ହୋଇନାହିଁ। ଏହି ସମୟରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସାରିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମନ୍ତବ୍ୟ ଜୁନ୍ ମାସରେ ହେବାର ସମ୍ଭାବନା ଥିବା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ବ୍ୟବସ୍ଥା ଅନୁସାରେ କୌଣସି ଏନଏସି ଗଠନ ନେଇ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପରେ ଏହାର ୬ ମାସରେ ନିର୍ବାଚନ ହେବା ନେଇ ନିୟମ ରହିଛି। ସେହିପରି ମାର୍ଚ୍ଚ ସୁଦ୍ଧା ସବୁ ନୂଆ ଏନଏସିର ସୀମା ନିର୍ଦ୍ଧାରଣ ସାରିବାକୁ ସରକାରଙ୍କୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ଆସନ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସ୍ତୁତ ହେବ ଓ ଉକ୍ତ ଏନଏସି ଗୁଡ଼ିକରେ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହେବ। ତେବେ ରାଜ୍ୟ ସରକାର ଯାଏଁ ନବ ଗଠିତ ୨୮ ଏନଏସିରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ତେଣୁ ୩ ମାସରେ ଭିତରେ ପ୍ରକ୍ରିୟା ସାରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ନିର୍ବାଚନ କମିଶନ ଅବଗତ କରିଛନ୍ତି। ମାର୍ଚ୍ଚ ସୁଦ୍ଧା ▶ପୃଷ୍ଠା-୭

**ମାର୍ଚ୍ଚ ଶେଷ ସୁଦ୍ଧା ସରିବ ସୀମା ନିର୍ଦ୍ଧାରଣ**

# ନୋବେଲ ପାଗଳ ଟ୍ରମ୍ପ



'୮ଟି ଯୁଦ୍ଧ ବନ୍ଦ କରିଛି, ପ୍ରତ୍ୟେକଟି ପାଇଁ ନୋବେଲ ପାଇବାକୁ ଯୋଗ୍ୟ'

■ ୱାଶିଂଟନ, ୨୧।୧ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଗଳାମୀ ଯାଉନାହିଁ। ଯେତେବେଳେ ସୁଯୋଗ ମିଳୁଛି, ସେ ଏହି ପୁରସ୍କାର ପାଇ ନଥିବାରୁ ନିଜର କ୍ଷୋଭ ପ୍ରକାଶ କରିବାକୁ ପଛାଉ ନାହାନ୍ତି। ନୋବେଲ ମିଳିନଥିବାରୁ ସାରା ବିଶ୍ୱକୁ ଥରହର କରି ରଖିଥିବା ଟ୍ରମ୍ପ ପୁଣି ଥରେ କହିଛନ୍ତି ଯେ ସେ ହିଁ ନୋବେଲ ପୁରସ୍କାର ପାଇବାର ହକ୍‌ଦାର। ଡାଭୋସ ଯିବା ପୂର୍ବରୁ ସେ ଆଜି ସାମ୍ବାଦିକମାନଙ୍କୁ କହିଛନ୍ତି, 'ଏପର୍ଯ୍ୟନ୍ତ ୮ଟି ଯୁଦ୍ଧକୁ ବନ୍ଦ କରିଛି ଓ ପ୍ରତ୍ୟେକଟି ପାଇଁ ମୋତେ ପୃଥକ ଭାବେ ନୋବେଲ ପୁରସ୍କାର ମିଳିବା ଉଚିତ। ଏହା ମୁଁ ନିଜେ କହିବାକୁ ଚାହୁଁନାହିଁ, କିନ୍ତୁ ଏହା ସତ୍ୟ। ଯଦି କେହି କୁହେ ଯେ, ମୋତେ ନୋବେଲ ପାଇବାରୁ ବଞ୍ଚିତ କରିବାରେ ନରୱେ ସରକାର କୌଣସି ଭୂମିକା ଗ୍ରହଣ କରିନାହିଁ, ▶ପୃଷ୍ଠା-୭




## ପରିବହନ ବିଭାଗର 'ଅନ୍ଧ ନୀତି'

# କଳାତାଲିକାଭୁକ୍ତ ସଂସ୍ଥାକୁ ଠିକା ଦେବାକୁ ଜିଦ୍




- ବିନା ଟେଣ୍ଡରରେ ୧୪ କୋଟିର ଚୁକ୍ତି ପାଇଁ ଏସ୍‌ଟିଏର ମସୁଧା
- ଭିଏଲ୍‌ଟିଡି ପରିଚାଳନା ପାଇଁ ଗଳାବାଟ ଆପଣାଇଛି 'ସି-ଡିଏସି'
- ଏସ୍‌ଟିଏକୁ ଚିଠି ଲେଖି କଳା କାରନାମା ଦର୍ଶାଇଲା 'ଓଭିଡିଏ'
- ୨୮ରେ ଚୁକ୍ତିନାମା, ହାଇକୋର୍ଟରେ ମାମଲା ପାଇଁ ଚେତାବନୀ

■ ଭୁବନେଶ୍ୱର, ୨୧।୧ (ସମିସ): ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଓଡ଼ିଶାରେ ଏପର୍ଯ୍ୟନ୍ତ ପ୍ରାୟ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ଲାଗିସାରିଥିବା ବେଳେ ଆହୁରି ୨ ଲକ୍ଷରୁ ଅଧିକ ଗାଡ଼ିରେ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାମ ପାଇଁ ରାଜ୍ୟ ସରକାର 'ସି-ଡିଏସି' ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଂସ୍ଥା ସହ ଆସନ୍ତା ୨୮ ତାରିଖରେ ରାଜ୍ୟ ସରକାର ଚୁକ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବିଭିନ୍ନ ସମୟରେ ବିବାଦୀୟ ରହିଥିବା ଏହି ସଂସ୍ଥା ସହ ଚୁକ୍ତି ପାଇଁ କାହିଁକି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଆଗ୍ରହ ଦେଖାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଓଡ଼ିଶା ଭେଇକିଲ୍ ଡିଲର ଆସୋସିଏସନ୍ (ଓଭିଡିଏ) ଏ ସଂକ୍ରାନ୍ତରେ ଆପତ୍ତି ଉଠାଇବା ସହ ଏସ୍‌ଟିଏ କମିଶନରଙ୍କୁ ଚିଠି ଲେଖି 'ସି-ଡିଏସି' ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଛି। ନିଜ ଚିଠିରେ ସଂଘ ପୂରା କଳା ଚିଠା ଖୋଲିଥିବା ବେଳେ ଏହି ବୁଝାମଣା ପଛରେ ବଡ଼ କାରବାର ଅଛି ବୋଲି ଅଭିଯୋଗ କରିଛି। ଅଭିଯୋଗ ଅନୁସାରେ ପୂର୍ବରୁ ଓଡ଼ିଶାରେ ଭିଏଲ୍‌ଟିଡ଼ି କାର୍ଯ୍ୟ ଭାରତୀୟ ସଂଚାର ନିଗମ (ବିଏସ୍‌ଏନ୍‌ଏଲ୍) କରୁଥିଲା। ଅବଧି ଶେଷ ପରେ ବିଏସ୍‌ଏନ୍‌ଏଲ୍ ମଧ୍ୟ କାମକୁ ଆଗକୁ ବଢ଼ାଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ହେଲେ ▶ପୃଷ୍ଠା-୭

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com


# ଜନ୍-ରୋହିତ୍‌ଙ୍କ ଫିଲ୍ମର ଟାଇଟଲ ସାମ୍ନାକୁ ଆସିଲା



ବଲିଉଡ୍‌ର ଆରାଧ୍ୟଙ୍କ ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ତାଙ୍କ ଆକ୍ସନ ଓ କମେଡି ଫିଲ୍ମଗୁଡ଼ିକ ପାଇଁ ଜଣାଯାନ୍ତି । ରୋହିତ୍ ପ୍ରଥମ ଥର ଦର୍ଶକଙ୍କ ପାଇଁ ଏକ ବାୟୋପିକ୍ ଫିଲ୍ମ ନେଇ ଆସୁଛନ୍ତି । ତାଙ୍କର ଆଗାମୀ ଫିଲ୍ମ ପୁଲିସ୍ ଅଧିକାରୀ ରାକେଶ ମାରିଆଙ୍କ ଉପରେ ଆଧାରିତ । ଏଥିରେ ଜନ୍ ଆବ୍ରାହମ୍ ଲିଡ୍ ରୋଲରେ ଦେଖାଯିବେ । ତେବେ ଏହି ଫିଲ୍ମର ଟାଇଟଲ୍ ଏବେ 'ମାରିଆ ଆଇପିଏସ୍' ରଖାଯାଇଛି । ଫିଲ୍ମର ସୁଟିଂ ସରିଯାଇଛି । ଏହାର ଅଧିକାଂଶ ସୁଟିଂ ମୁମ୍ବାଇରେ ହୋଇଛି । ମୁମ୍ବାଇର ଏଲୋରା ଷ୍ଟୁଡିଓରେ ପୁଲିସ୍ ଷ୍ଟେସନ୍‌ର ସେଟ୍ ତିଆରି କରାଯାଇଥିଲା । ଏହି ଫିଲ୍ମ ମାଧ୍ୟମରେ ରୋହିତ୍ ଦର୍ଶକଙ୍କୁ ଆକ୍ସନ୍, ଥ୍ରିଲର୍ ଓ ସତ୍ୟଘଟଣା ଉପରେ ଆଧାରିତ ଏକ କାହାଣୀର ଅନୁଭବ ଦେବାକୁ ଯାଉଛନ୍ତି । ତେବେ ଏହି ଫିଲ୍ମର ନାଁ ଆଉ କିଛି ରଖିବାକୁ ଟିମ୍ ବିଚାର କରୁଛି । ଆସନ୍ତା ଫେବ୍ରୁଆରୀରେ ଫିଲ୍ମର ଫାଇନାଲ ଟାଇଟଲ ଓ ରିଲିଜ୍ ଡେଟ୍ ପ୍ରକାଶ ପାଇପାରେ ବୋଲି କୁହାଯାଉଛି ।

# ଜ୍ୱାଇଁ ପାଇଁ ୧୩୭୪ ବ୍ୟଞ୍ଜନ

ଭାରତୀୟ ସଂସ୍କୃତିରେ ଜ୍ୱାଇଁ ଶ୍ୱଶୁର ଘରକୁ ଆସିଲେ ଶ୍ରଦ୍ଧା ଓ ସମ୍ମାନର ସହ ଆତିଥ୍ୟତା ପ୍ରଦାନ କରାଯାଏ । ଏଥିସହ ଭଲିକି ଭଲି ବ୍ୟଞ୍ଜନ ପରଷି ସ୍ୱାଗତ କରାଯାଏ । ଏହି କ୍ରମରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାର ତେନାଲିର ଏକ ପରିବାର ମକର ସଂକ୍ରାନ୍ତି ଉପଲକ୍ଷେ ଜ୍ୱାଇଁଙ୍କୁ ସ୍ୱାଗତ କରିବା ପାଇଁ ୧୩୭୪ ବ୍ୟଞ୍ଜନ ପ୍ରସ୍ତୁତ କରି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ବିଜ୍ଞାପୁ ଭେଙ୍କଟ ଉଦ୍ରମ୍ ଏବଂ ତାଙ୍କ ପତ୍ନୀ ସୁଶୀଳା ନିଜ ଝିଅ କିର୍ତ୍ତିଶ୍ରୀ ଏବଂ ଜ୍ୱାଇଁ ବୋହ୍ନ ସାଇ ଶରତଙ୍କ ସ୍ୱାଗତ ପାଇଁ ଏହି ଦିବ୍ୟ ଭୋଜନର ଆୟୋଜନ କରିଥିଲେ । କେବଳ ଏତେସଂଖ୍ୟକ ବ୍ୟଞ୍ଜନ ନୁହେଁ, ଏହାର ସାଜସଜ୍ଜା ଏବଂ ପ୍ରସ୍ତୁତି ମଧ୍ୟ ଦେଖିବା ଯୋଗ୍ୟ ଥିଲା । ପ୍ରତ୍ୟେକ ବ୍ୟଞ୍ଜନକୁ ଖୁବ୍ ସ୍ନେହ ଏବଂ ଶ୍ରଦ୍ଧାର ସହ ପ୍ରସ୍ତୁତ କରାଯାଇଥିଲା । ଏହାକୁ ଖୁବ୍ ସୁନ୍ଦର ଭାବେ ଟେବୁଲ ଉପରେ ସଜା ମଧ୍ୟ ଯାଇଥିଲା । ଏହାକୁ ଦେଖି ଲୋକେ ପୁଣି ଥରେ ଗୋଦାବରୀ ଅଞ୍ଚଳର ଭବ୍ୟ ଆତିଥ୍ୟତାକୁ ମନେ ପକାଇଥିଲେ । ତେବେ ବିବାହ ପରେ ଶ୍ୱଶୁର ଘରେ ଶରତଙ୍କର ଏହା ପ୍ରଥମ ସଂକ୍ରାନ୍ତି ଥିଲା । ଏହାକୁ ତେଲୁଗୁ ପରିବାରରେ ଖୁବ୍ ଶୁଭ ମନାଯାଏ । ତେଣୁ ଏହାକୁ ସ୍ୱତନ୍ତ୍ର କରିବା ପାଇଁ କିର୍ତ୍ତିଶ୍ରୀଙ୍କ ପରିବାର ଲୋକେ ଏହି ଦିବ୍ୟ ଭୋଜନର ଆୟୋଜନ କରିଥିଲେ । ଏଥିସହ ଝିଅ ଜ୍ୱାଇଁଙ୍କ ସ୍ୱାଗତ ପାଇଁ ସ୍ୱତନ୍ତ୍ର ବୋର୍ଡ, ସେଲ୍ଫି ପଏଣ୍ଟ ଏବଂ ଶୁଭେଚ୍ଛା ବାର୍ତ୍ତାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ଶରତଙ୍କୁ ଶ୍ୱଶୁର ଘର ପକ୍ଷରୁ ୧୨ ଟି ଉପହାର ମଧ୍ୟ ମିଳିଥିଲା । ଏହି ଉପହାରକୁ ୧୨ ମାସର ପ୍ରତୀକ ଭାବେ ଜଣାଯାଏ । ଶରତଙ୍କୁ ପରଷା ଯାଇଥିବା ବ୍ୟଞ୍ଜନଗୁଡ଼ିକ ମଧ୍ୟରେ ପାରମ୍ପରିକ ସ୍ନାକ୍ସ, ବିଭିନ୍ନ ସ୍ଥାନୀୟ ବ୍ୟଞ୍ଜନ, ସତେଜ ଫଳ, ଜୁସ୍ ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନର ଖାଦ୍ୟପାନୀୟ ସାମିଲ ଥିଲା । ସବୁ ଖାଦ୍ୟକୁ କଦଳୀ ପତ୍ରରେ ପରଷା ଯାଇଥିଲା ।



## ଆଜିର ଇତିହାସ

- ୧୬୬୬- ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଦେହାନ୍ତ ।
- ୧୯୦୧- ମହାରାଣୀ ଭିକ୍ଟୋରିଆଙ୍କ ଦେହାନ୍ତ ।
- ୧୯୩୪-ପ୍ରସିଦ୍ଧ ଫିଲ୍ମ ନିର୍ମାତା ବିଜୟ ଆନନ୍ଦଙ୍କ ଜନ୍ମ ।
- ୧୯୭୩- ଡେରାଡୁନରେ ଦୃଷ୍ଟିବାଧିତଙ୍କ ପାଇଁ ଜାତୀୟ ପୁସ୍ତକାଳୟର ଆରମ୍ଭ ହେଲା ।
- ୨୦୦୨- ପାକିସ୍ତାନରେ ତାଲିବାନର ସମସ୍ତ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଗଲା ।
- ୨୦୦୯- ଫିଲ୍ମ 'ସ୍ଲମଡଗ୍ ମିଲିଅନିୟର୍' ଓସ୍କାର ପୁରସ୍କାର ପାଇଁ ମନୋନୀତ ହେଲା ।

## ନିଆରା ବ୍ୟକ୍ତି

# ୫୦ ବର୍ଷ ଧରି ଉଜାଗର !



ଶରୀର ପାଇଁ ନିଦ ଖୁବ୍ ଜରୁରି । ଏଥିପାଇଁ ସାତରୁ ଆଠ ଘଣ୍ଟା ଶୋଇବା ପାଇଁ କୁହାଯାଏ । ହେଲେ ମଧ୍ୟପ୍ରଦେଶ ରୀବାର ଅବସରପ୍ରାପ୍ତ ସରକାରୀ ଅଧିକାରୀ ମୋହନ ଲାଲ ଦ୍ୱିବେଦୀ ଦୀର୍ଘ ୫୦ ବର୍ଷ ଧରି ଶୋଇ ନ ଥିବା ଦାବି କରନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ସେ ଦୀର୍ଘଦିନ ଧରି ଶୋଇ ନ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛନ୍ତି । ତେବେ ତାଙ୍କର ଏହି ନିଆରା କ୍ଷମତା ଦେଖି ଡାକ୍ତର ମଧ୍ୟ ଚକିତ ହୋଇଛନ୍ତି । ୭୫ ବର୍ଷୀୟ ମୋହନଲାଲଙ୍କ କହିବାନୁଯାୟୀ, ସେ ଶେଷଥର ପାଇଁ ଜରୁରୀକାଳୀନ ପରିସ୍ଥିତି ସମୟରେ ଶାନ୍ତିରେ ଶୋଇଥିଲେ । ତା ପରଠୁ ଅଦ୍ୟାବଧି ସେ ଆଦୌ ଶୋଇ ନାହାନ୍ତି । ପଲକ ବନ୍ଦ ହେବା ସତ୍ତ୍ୱେ ଆଖିକୁ ତାଙ୍କର ନିଦ ଆସେନି । ୫୦ ବର୍ଷ ଧରି ଅନିଦ୍ରା ଥିଲେ ମଧ୍ୟ ତାଙ୍କୁ ଥକ୍କାପଣ, ଦୁର୍ବଳତା ତଥା ମାଂସପେଶୀରେ ଏଲାଗି କୌଣସି ଯନ୍ତ୍ରଣା ଅନୁଭୂତ ହୁଏ ନାହିଁ । ସେ ଗୋଟିଏ ମୁଦ୍ରାରେ ଘଣ୍ଟା ଘଣ୍ଟା ମଧ୍ୟ ବସିପାରନ୍ତି । କେବଳ ସେତିକି ନୁହେଁ, ଦୀର୍ଘ ସମୟ ଧରି କାର୍ଯ୍ୟ ମଧ୍ୟ କରିପାରନ୍ତି । ଏନେଇ ମୋହନଲାଲଙ୍କ କହିବା କଥା, "ତାଙ୍କ ଆଖିକୁ ନିଦ ଆସେନି । ରାତିରେ ଖଟରେ ଶୋଇଲେ ମଧ୍ୟ ତାଙ୍କୁ ନିଦ ହୁଏନି । ଫଳରେ ସେ ରାତିରେ ବଢ଼ି ପଢ଼ିବା ସହ ବୁଲାବୁଲି କରନ୍ତି । ଏହା ଏବେ ତାଙ୍କ ଜୀବନଚର୍ଯ୍ୟା ପାଲଟି ଯାଇଛି ।" ଚାକିରି ଜୀବନରେ ତାଙ୍କ କାର୍ଯ୍ୟ ଶୈଳୀକୁ ନେଇ ମଧ୍ୟ ବେଶ୍ ଚର୍ଚ୍ଚା ହୁଏ । ତାଙ୍କ ଅଧୀନସ୍ଥ କର୍ମଚାରୀ ତାଙ୍କ ସହ କାର୍ଯ୍ୟ କରିବାକୁ ମଧ୍ୟ ଡରନ୍ତି । କାରଣ ସେ ବିଶ୍ରାମ ନ ନେଇ ଘଣ୍ଟା ଘଣ୍ଟା ଧରି କାର୍ଯ୍ୟ କରିପାରନ୍ତି । ତେବେ ଏହି ନିଦ ନ ଲାଗିବା ସମସ୍ୟାକୁ ନେଇ ସେ ଦିଲ୍ଲୀ, ମୁମ୍ବାଇର ବଡ଼ ବଡ଼ ଡାକ୍ତରଙ୍କୁ ଦେଖାଇଥିଲେ, କିନ୍ତୁ କୌଣସି ସୁଫଳ ମିଳି ନ ଥିଲା । ଯୋଗ, ପ୍ରାଣାୟାମରୁ ନେଇ ଝଡ଼ା ଫୁଙ୍କା ସବୁ ଜିନିଷ ଆପଣାଇଲେ ମଧ୍ୟ ନିଦ ଆସି ନ ଥିଲା । ମୋହନଲାଲଙ୍କ କହିବାନୁଯାୟୀ, ସେ ପ୍ରଥମେ ଏହାକୁ ନେଇ ଚିନ୍ତାରେ ଥିଲେ । ଏବେ ଏହା ତାଙ୍କର ଅଭ୍ୟାସ ପାଲଟିଛି । ବିନା ନିଦ୍ରାରେ ୫୦ ବର୍ଷ ଏହା ବିଜ୍ଞାନ ପାଇଁ ମଧ୍ୟ ଏକ ରହସ୍ୟଜନକ କଥା । ତାଙ୍କର ଏହି ନିଆରା ଅଭ୍ୟାସ ଏବେ ବି ଡାକ୍ତରଙ୍କୁ ଚକିତ କରିଛି ।


# କାମ ଦେଉନି ଆଣ୍ଟିବାୟୋଟିକ୍!



ଏସ୍‌ଏମ୍‌ଏସ୍ ମେଡିକାଲ କଲେଜର ଏକ ଗବେଷଣାରେ ଆଣ୍ଟିବାୟୋଟିକ୍ ଔଷଧକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି । ଗବେଷଣାରୁ ଜଣାପଡ଼ିଛି ଯେ, ଏସିନେଟୋବ୍ୟାକ୍ଟର ଜୀବାଣୁରୁ ହେଉଥିବା ସଂକ୍ରମଣ ଯୋଗୁଁ ଆଣ୍ଟିବାୟୋଟିକ୍ ଔଷଧର ପ୍ରଭାବ ଦ୍ରୁତ ଭାବେ ହ୍ରାସ ପାଉଛି । ଗବେଷଣାରେ ଏହି ସଂକ୍ରମଣର ଚିକିତ୍ସା ନିମନ୍ତେ ବ୍ୟବହାର କରାଯାଇଥିବା ୧୫ଟି ଆଣ୍ଟିବାୟୋଟିକ୍ ଔଷଧର ପରୀକ୍ଷା କରାଯାଇ ଥିଲା । ଏହି ଜୀବାଣୁ ଉପରେ ୧୩ଟି ଔଷଧ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲା । ତେଣୁ ଏହି ସ୍ଥିତିକୁ ବର୍ତ୍ତମାନ ଚିନ୍ତାଜନକ ବୋଲି କୁହାଯାଉଛି । ଏସିନେଟୋବ୍ୟାକ୍ଟର ସଂକ୍ରମଣ ମୁଖ୍ୟତଃ ଗମ୍ଭୀର ରୋଗ ସହିତ ଜଡ଼ିତ । ଡାକ୍ତରଙ୍କ ମତରେ, ଏହି ଜୀବାଣୁ କ୍ଷତରେ ସଂକ୍ରମଣ, ମୂତ୍ର ସଂକ୍ରମଣ ଏବଂ ନିମୋନିଆ ଭଳି ସମସ୍ୟା ସୃଷ୍ଟି କରିଥାଏ । ବିଶେଷକରି ଟ୍ରମା ରୋଗୀ, କ୍ୟାଥେଟର ବ୍ୟବହାର କରୁଥିବା ଲୋକ ଏବଂ ଭେଣ୍ଟିଲେଟରରେ ଥିବା ରୋଗୀଙ୍କଠାରେ ଏହି ବିପଦ ଅଧିକ । ଏହି ଗବେଷଣାରେ ଆଣ୍ଟିବାୟୋଟିକ୍ କାମ ନ ଦେବାର ପଛରେ ଅନେକ କାରଣ ଥିବା କୁହାଯାଇଛି । ଡାକ୍ତରୀ ପରାମର୍ଶ ବିନା ଆଣ୍ଟିବାୟୋଟିକ୍ କିଣିବା, ଭୁଲ୍ ଉପାୟରେ ଏହାକୁ ବ୍ୟବହାର କରିବା, ଭାଇରାଲ ରୋଗରେ ମନଇଚ୍ଛା ଆଣ୍ଟିବାୟୋଟିକ୍ ସେବନ କରିବା ଏହାର କାରଣ ବୋଲି କୁହାଯାଉଛି । ସେହିପରି ଗବେଷଣାରେ ଏସିନେଟୋବ୍ୟାକ୍ଟର ସଂକ୍ରମଣର ୧୭୬୬ ମାମଲାକୁ ବିଶ୍ଳେଷଣ କରାଯାଇ ଥିଲା । ଏନେଇ ଡାକ୍ତରଙ୍କ କହିବା କଥା, ଏହି ଔଷଧ ସମ୍ପୂର୍ଣ୍ଣ ଭାବେ ପ୍ରଭାବଶୂନ୍ୟ ନ ହେଲେ ବି ଏହାର ପ୍ରଭାବ ପୂର୍ବ ଅପେକ୍ଷା ବହୁତ କମିଛି । ଗବେଷଣାରେ ଏକଥା ବି ସାମ୍ନାକୁ ଆସିଛି ଯେ, ଏହି ଜୀବାଣୁ ଉପରେ ସାଧାରଣ ଆଣ୍ଟିବାୟୋଟିକ୍ କାମ କରୁ ନ ଥିବା ଦେଖାଯାଇଛି । ଅନ୍ୟପଟେ ଏହି ଅବହେଳା ଯଦି ଏମିତି ଜାରି ରହିବ ଆଗକୁ ସ୍ଥିତି ଅଧିକ ବିପଦଜନକ ହେବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି ।

# ରାଗ ଶାନ୍ତ ପାଇଁ ନିଆରା ସେବା

ଚୀନ୍‌ରେ 'ଇନଷ୍ଟାଣ୍ଟ ରିପ୍ଲାଏ' ନାମକ ଏକ ବିଚିତ୍ର ସେବାର ଆରମ୍ଭ ହୋଇଛି । ଯେଉଁମାନେ ଏହି ସେବା ପ୍ରଦାନ କରୁଛନ୍ତି ସେମାନଙ୍କୁ 'ମିଆଓ ହୁଇ ସି' ବୋଲି କୁହାଯାଉଛି । ଏହି ସେବାରେ ନିୟୋଜିତ ବ୍ୟକ୍ତି ରାଗୀ ତଥା କ୍ରୋଧୀ ଲୋକଙ୍କ ସହିତ କଥା ହୋଇ ସେମାନଙ୍କୁ ଶାନ୍ତ କରିବା କାମ କରନ୍ତି । ଯେତେବେଳେ ଜଣେ ରାଗ, ନିରାଶ କିମ୍ବା ଭାବନାତ୍ମକ ସ୍ତରରେ ବ୍ୟତିବ୍ୟସ୍ତ ଥାଆନ୍ତି ଏଭଳି ସେବା ପ୍ରଦାନକାରୀ ଲୋକେ ସେମାନଙ୍କ କଥାକୁ ଧୈର୍ଯ୍ୟର ସହ ଶୁଣନ୍ତି ଏବଂ ତତ୍‌କ୍ଷଣାତ୍ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥାନ୍ତି । ମୁଖ୍ୟତଃ ସେମାନଙ୍କ କାମ ହେଉଛି, ଲୋକଙ୍କ ସହିତ ଏମିତି କଥା ହେବା, ଯେମିତି ସେମାନେ ଖୁସି ହେବେ ଏବଂ ସେମାନଙ୍କ ଦୁଃଖ ଦୂର ହେବ । ଏଠାରେ ଏହି ସେବାକୁ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି । କାରଣ ଏହା ଦ୍ୱାରା ଲୋକଙ୍କ ମାନସିକ ଚାପ କମ୍ ହେଉଛି । ଏହାବାଦ୍ ରୋଜଗାରର ବି ଏହା ଏକ ନୂତନ ଓ ନିଆରା ବିକଳ୍ପ ବି ହୋଇପାରିଛି । ଏହି ସେବା ମାଧ୍ୟମରେ ଲୋକେ ମାସକୁ ୧.୨୯ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି । ତେବେ ଏହି ସେବା ଲାଗି ସମୟ ଆଧାରରେ ଫିସ୍ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଅବଶ୍ୟ ଅଧିକାଂଶ ଲୋକ ଏହାକୁ ପାର୍ଟଟାଇମ୍ ଭାବେ କରିବାକୁ ପସନ୍ଦ କରୁଛନ୍ତି । ସେହିପରି ବିଦ୍ୟାର୍ଥୀଙ୍କ ଲାଗି ଏହା ଆୟର ଏକ ଉତ୍ତମ ମାଧ୍ୟମ ହୋଇପାରିଛି । ଏହି ସେବାର ଲାଭ ମୁଖ୍ୟତଃ କର୍ପୋରେଟ୍ କର୍ମଚାରୀ ଉଠାଉଛନ୍ତି । କର୍ପୋରେଟ୍‌ରେ କାମ କରୁଥିବା ଲୋକେ ଅଧିକ କାମ କରି ନିରାଶ ଭାବ ପ୍ରକାଶ କରନ୍ତି । ଏହାବାଦ୍ ଏକୁଟିଆ ରହୁଥିବା ଯୁବକ, ପରସ୍ପରଠାରୁ ଦୂରରେ ରହୁଥିବା ଦମ୍ପତି, ଅବସାଦ ଦେଇ ଗତି କରୁଥିବା ଲୋକ ଏଭଳି ସେବା ଅଧିକ ଲୋଡ଼ୁଥିବାର ଦେଖାଯାଇଛି । ଅନ୍ୟପକ୍ଷରେ ପେସାଦାର ଥେରାପିଷ୍ଟଙ୍କ ଚାର୍ଜ ଅପେକ୍ଷା ଏଭଳି ସେବାର ଫିସ୍ ଶସ୍ତା ହୋଇଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି । ଏଭଳି ଲୋକଙ୍କ ସହିତ କଥା ହୋଇ ରାଗୀ ଲୋକମାନଙ୍କର ରାଗ ଅନେକ ପରିମାଣରେ ହ୍ରାସ ପାଉଥିବା ଦେଖାଯାଉଛି ।





# ପରଟା ତିଆରି କରିବା ମହଙ୍ଗା ପଡ଼ିଲା

ସାମାଜିକ ଗଣମାଧ୍ୟମରେ ଅନେକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସବୁ ସାମ୍ନାକୁ ଆସେ । ଏହିକ୍ରମରେ ଏବେ ଜଣେ ପ୍ରବାସୀ ମହିଳାଙ୍କ କଥା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ବ୍ରିଟେନରେ ରହୁଥିବା ଭାରତୀୟ ମହିଳା ଅଧ୍ୱାନ କପୁର ଘରେ ପରଟା ତିଆରି କରୁଥିଲେ । ହେଲେ ଏହା ପରେ ଯାହା ଘଟିଲା, ତା'କୁ ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି । ସେ ଏ ବାବଦରେ ସାମଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରି କହିଛନ୍ତି । ସେ ଯେତେବେଳେ ପରଟା ସେକିବା ଆରମ୍ଭ କଲେ, ତାଙ୍କ ଘରର ଫାୟାର ଆଲାରାମ୍ ଅଚାନକ ବାଜି ଉଠିଲା । ସେ ଏହାଦେଖି ବ୍ୟସ୍ତ ହୋଇ ପଡ଼ିଲେ । କାରଣ ଖାଦ୍ୟ ନ ଜଳିବା ସତ୍ତ୍ୱେ ବି ଆଲାରାମ୍ ଲଗାତାର ବାଜି ଚାଲିଥିଲା । ଏହି ଘଟଣା ରାତି ପ୍ରାୟ ସାଢ଼େ ୧୧ଟାରେ ଘଟିଥିଲା । ଏହି ସମୟରେ ତାଙ୍କ ଘର ବାହାରର ତାପମାତ୍ରା ଶୂନ୍ୟ ଥିଲା । ବ୍ରିଟେନରେ ରହିବା ସମୟରେ ଏହା ତାଙ୍କ ଲାଗି ସବୁଠୁ ଲଜ୍ୟାଜନକ ମୁହୂର୍ତ୍ତ ଥିଲା ବୋଲି ଅଧ୍ୱାନ କହିଛନ୍ତି । ଆଲାରାମ୍ ପାଖାପାଖି ୨୦ ମିନିଟ୍ ପର୍ଯ୍ୟନ୍ତ ବାଜିଲା ଏବଂ ଶେଷରେ ତାଙ୍କୁ ଦମକଳ ବାହିନୀଙ୍କୁ ଡାକିବାକୁ ପଡ଼ିଲା । ଦମକଳ ବାହିନୀ ଆସି ଆଲାରମ୍‌ଟିକୁ ବନ୍ଦ କରିଥିଲେ । ପରଟା ତିଆରି କରିବା ତାଙ୍କ ପକ୍ଷେ ମହଙ୍ଗା ସାବ୍ୟସ୍ତ ହୋଇଥିବା ସେ କହିଛନ୍ତି । ତେବେ ଭିଡିଓରେ ତାଙ୍କ ପ୍ରତିକ୍ରିୟା ଏବଂ ଚିନ୍ତା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି । ସେହିପରି ତାଙ୍କର ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି । କିଛି ଲୋକ ଏଥିରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ବ୍ରିଟେନରେ ସ୍ମୋକ୍ ଆଲାର୍ମ ଖୁବ୍ ସମ୍ବେଦନଶୀଳ ଏବଂ ଭାରତୀୟ ରାନ୍ଧଣା ବେଳେ ଏହା ଅନେକ ସମୟରେ ବାଜି ଉଠେ । ସେନ୍‌ସର୍‌କୁ ଘୋଡ଼ାଇ ନଚେତ ଏଗଜଷ୍ଟ ଫ୍ୟାନ୍ ବ୍ୟବହାର କରି ଏଭଳି ସ୍ଥିତିକୁ ରୋକାଯାଇପାରିବ ।' ସେହିପରି ଉକ୍ତ ଭିଡିଓଟି ପ୍ରବାସୀମାନେ ବିଦେଶରେ ସାମ୍ନା କରୁଥିବା ସମସ୍ୟାକୁ ପ୍ରତିଫଳିତ କରିଛି ବୋଲି କେହିକେହି ମତ ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ଭାବିଥିବା କାମ ପୂରା କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ଆଇନଜୀବୀଙ୍କୁ ଶୁଭଫଳ ମିଳିବ । ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ । ଅର୍ଥପ୍ରାପ୍ତି ଯୋଗ ଅଛି । ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ । ଅଫିସ୍ କାମ ସୁଚାରୁରୂପେ ତୁଲାଇବେ । ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ । ମନ ଖୁସି ରହିବ ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିବ । ଘର ପାଇଁ ନୂଆ ଜିନିଷ କିଣିବେ । ବ୍ୟବସାୟରେ ଲାଭ ହେବ । ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ । ନବବିବାହିତା ଦମ୍ପତି ଦୂର ସ୍ଥାନକୁ ବୁଲିବାକୁ ଯିବେ ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବିରୋଧୀ କାମରେ ବାଧା ଦେବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ସମୟ ପୂର୍ବରୁ କାମ ପୂରା କରିବେ । ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ । ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ ।

**କନ୍ୟା:** ଯାତ୍ରାରୁ ଲାଭ ହେବ । କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ । ମହିଳାମାନେ କର୍ମଚଞ୍ଚଳ ରହିବେ । ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ । ପାରିବାରିକ ସମସ୍ୟା ଦେଖା ଦେବ । ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ ।

**ବିଛା:** ମାନସିକ ଚିନ୍ତା ଦୂର ହେବ । ସମାଜସେବା ଲାଗି ସମ୍ମାନିତ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ । ନୂଆ କାମ ଶିଖିବାର ଅବସର ଜୁଟିବ ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ । ଜୀବନସାଥୀଙ୍କଠାରୁ ଉପହାର ମିଳିବ । ମନ ପ୍ରସନ୍ନ ରହିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ । ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** କାମ ବୋଝ ଅଧିକ ରହିବ । କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ । ମାନ ସମ୍ମାନ ବଢ଼ିବ । ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ । କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ ।

**କୁମ୍ଭ:** ଶୁଭ ଖବର ମିଳିବ । ଘରକୁ ଅତିଥିଙ୍କ ଆଗମନ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ମହିଳା ବନ୍ଧୁଙ୍କ ସହଯୋଗ ମିଳିବ ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

# ତୃଣମୂଳରେ ନୂଆ-ପୁରୁଣା କଳି

## ଓଡ଼ିଶା ବିଜେପି ନେତାଙ୍କୁ କାଟୁ କରିବ ତ 'ନିତିନ' ମନ୍ତ୍ର

**ଭୁବନେଶ୍ୱର, ୨୧।୧ (ସମିସ):** କେନ୍ଦ୍ରରେ ବିଜେପି ସଭାପତି ଭାବେ ଦାୟିତ୍ୱ ନେବା ପରେ ନିତିନ ନବୀନ ବିଭିନ୍ନ ରାଜ୍ୟର ବିଜେପି ସଭାପତି, ରାଜ୍ୟ ପ୍ରଭାରୀଙ୍କ ସହ ବୁଧବାର ବୈଠକ କରିଛନ୍ତି। ବୈଠକରେ ନିତିନ ଦଳୀୟ ସଂଗଠନରେ ଶୃଙ୍ଖଳା ଏବଂ ସମର୍ପଣ ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ସଂଗଠନରେ ସମସ୍ତେ ମିଳିମିଶି କାମ କରିବା ସହ ସୁକ୍ଷମ ଦାୟିତ୍ୱ ବଣ୍ଟନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ନିତିନ ଓଡ଼ିଶାର ବିଜେପି ନେତା ଓ ପ୍ରଭାରୀଙ୍କ ସହ ଏକ ବୈଠକରେ ଅନୁରୂପ ଭାବରେ ଶୃଙ୍ଖଳା-ସଂଗଠନ-ସୁସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି ଏହି ବୈଠକରେ ଉପସ୍ଥିତ ଥିବା ବିଜେପି ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀଙ୍କ ସହ ଆଲୋଚନା ସମୟରେ ରାଜ୍ୟରେ ସାଂଗଠନିକ ଦୃଢ଼ୀକରଣ ଓ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ରାଜ୍ୟ ବିଜେପିରେ ଛକାପଞ୍ଝା ଓ ଗୋଷ୍ଠୀ ବିବାଦ ଚରମ ସୀମାରେ ପହଞ୍ଚିଥିବାବେଳେ ନୂଆ ବିଜେପି ସଭାପତିଙ୍କ ପରାମର୍ଶକୁ ଦଳ କେତେମାତ୍ରାରେ କାର୍ଯ୍ୟକାରୀ କରିପାରୁଛି, ତାହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ରାଜ୍ୟରେ ପ୍ରଥମଥର ସରକାର ଗଠନ କରିବାକୁ ବିଜେପିକୁ ୧୯ ମାସ ବିତି ସାରିଲାଣି। ମାତ୍ର ଏଯାବତ୍ ସରକାର ଏବଂ ସଂଗଠନ ଅଧପନ୍ତରିଆ ଭାବରେ ଜାରି ରହିଛି। ସରକାର ଏବଂ ସଂଗଠନ ମଧ୍ୟରେ ତାଳମେଳର ଅଭାବ, ଛାମୁଆ ନେତାଙ୍କ ମଧ୍ୟରେ ମତଭେଦ ଯୋଗୁଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଅଟକି ରହିଛି। ସେହିପରି ଜିଲ୍ଲା ଯୋଜନା ବୋର୍ଡଠାରୁ ଆରମ୍ଭ କରି ରାଜ୍ୟସ୍ତରରେ ନିଗମ, ବୋର୍ଡ

### ଶୃଙ୍ଖଳା-ସଂଗଠନ-ସୁସମ୍ପର୍କ ଉପରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗୁରୁତ୍ୱ

ନିଯୁକ୍ତି ମଧ୍ୟ ହୋଇପାରୁ ନାହିଁ। ରାଜ୍ୟ ନେତୃତ୍ୱ ବାରମ୍ବାର ତାଲିକା ଧରି ଦିଲ୍ଲୀ ଧାଉଁଛନ୍ତି। ମାତ୍ର ଶେଷ ମୂହୂର୍ତ୍ତରେ ଏହା ଅଟକି ଯାଉଛି। ରାଜ୍ୟ ପ୍ରଭାରୀ ଅନେକବାର ନିଗମ ଓ ବୋର୍ଡ ନିଯୁକ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ଇଙ୍ଗିତ ଦେଇଥିଲେ ବି ଶେଷ ମୁହୂର୍ତ୍ତରେ ଏହା ସାକାର ହୋଇ ପାରୁନାହିଁ। ଏଥିପାଇଁ ଦଳରେ ଅସନ୍ତୋଷ ବଢୁଛି, ନେତାମାନେ ଲୋକହସା ହେଉଛନ୍ତି। କେବଳ ଛାମୁଆ ନେତାଙ୍କ ମଧ୍ୟରେ ନୁହେଁ, ରାଜ୍ୟରେ ବିଜେପି କ୍ଷମତା ହାସଲ କରିବା ପରେ ତୃଣମୂଳସ୍ତରରେ ମଧ୍ୟରେ ନୂଆ-ପୁରୁଣା କଳି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଗୋଟିଏ ପଟେ ଅନ୍ୟଦଳରୁ ନେତା, କର୍ମୀ ଆଣି ବିଜେପି ନେତା ରାଜ୍ୟସ୍ତରରେ ପତିଆରା ଦେଖାଇବାରେ ବ୍ୟସ୍ତ ଥିବାବେଳେ ତୃଣମୂଳସ୍ତରରେ ପୁରୁଣା କର୍ମୀ କିନ୍ତୁ ସେମାନଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯାହାଫଳରେ ସଂଗଠନର ପ୍ରତିଟି କାର୍ଯ୍ୟକ୍ରମରେ ଏହି ନୂଆ-ପୁରଣାଙ୍କ ମଧ୍ୟରେ ବିଭେଦ ଜଳଜଳ ହୋଇ ପଦାକୁ ଦିଶୁଛି।

ନୂଆ ଜାତୀୟ ସଭାପତି ସଂଗଠନରେ ଶୃଙ୍ଖଳା ଏବଂ ଦାୟିତ୍ୱର ସୁକ୍ଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ମାତ୍ର ରାଜ୍ୟ ବିଜେପିର ଏହି ଦୁଇଟି ଦିଗ ସର୍ବାଧିକ ଦୁର୍ବଳ ରହିଛି ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି। ବିଶେଷକରି ଜିଲ୍ଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ କମିଟି ଯାଏଁ ନୂଆ ନିଯୁକ୍ତିକୁ ନେଇ ବିଭିନ୍ନ ଗୋଷ୍ଠୀ ଅସନ୍ତୁଷ୍ଟ। ନୂତନ ସଭାପତି ଶ୍ରୀ ନବୀନ ଜାତୀୟ ବିଜେପି ଫୋକସରେ ଓଡ଼ିଶା ଥିବା ଉଲ୍ଲେଖ କରି ଖୁବଶୀଘ୍ର ଓଡ଼ିଶା ଆସିବେ ଦଳୀୟ ନେତାଙ୍କୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଦଳର ରାଷ୍ଟ୍ରୀୟ ସଭାପତିଙ୍କ ପରାମର୍ଶକୁ କେତେ କାର୍ଯ୍ୟକାରୀ କରିବାରେ ସକ୍ଷମ ହେବ ତାହା ଦେଖିବାକୁ କେବଳ ବାକି ରହିଛି ।

## ୧୦ ବିଧାୟକଙ୍କ ସହ ନବୀନଙ୍କ ଆଲୋଚନା

# ପଞ୍ଚାୟତ ନିର୍ବାଚନ ରଣକୌଶଳ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର,୨୧।୧(ସମିସ):** ବୁଧବାର ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚତୁର୍ଥ ପର୍ଯ୍ୟାୟରେ ଦଳର ଆଉ ୧୦ ଜଣ ବିଧାୟକଙ୍କୁ ଭେଟିଛନ୍ତି।

### ସରକାରଙ୍କ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ

ଏହି ଅବସରରେ ନବୀନ ସେମାନଙ୍କ ସହ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣକୌଶଳ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ବିଜେପି ସରକାର ବିରୁଦ୍ଧରେ ସୃଷ୍ଟି ହୋଇ ଥିବା ପ୍ରବଳ ଜନ ଅସନ୍ତୋଷକୁ ଅସ୍ତ୍ର କରି ଲୋକଙ୍କ ନିକଟତର ହେବାକୁ ସେ ଏହି ଅବସରରେ ପରାମର୍ଶ ଦେଇଥିବା ଜଣାପଡ଼ିଛି।

ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ, ପ୍ରତିଶ୍ରୁତି ପୂରଣରେ ବିଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ମଧ୍ୟ ନବୀନ ବିଧାୟକଙ୍କୁ ପରାମର୍ଶ ଦେଇଥଲେ। ରାଜ୍ୟରେ ରାଜ୍ୟ ବିଜେପି ସରକାର ଏକାଧିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଲୋକଙ୍କୁ ସୁଶାସନ ଦେଇପାରୁ ନାହିଁ।



ସମସ୍ତ ପ୍ରସଙ୍ଗଗୁଡ଼ିକୁ ଲୋକଙ୍କ ନିକଟରେ ଶାଣିତ ଢଙ୍ଗରେ ଉତ୍ଥାପନ ପାଇଁ ନବୀନ କହିଥିଲେ। ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶ କାମ ବିଷୟରେ ଆଲୋଚନା ସହ ଚାଷୀଙ୍କ ସମସ୍ୟା, ଧାନ କିଣା ସ୍ଥିତି ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଜିର ଏହି ବୈଠକରେ ବିଧାୟକ ପ୍ରତାପ କେଶରୀ ଦେବ, ବିଭୂତି ଭୂଷଣ ବଳବନ୍ତରାୟ, ସାରଦା ପ୍ରସନ୍ନ ନାୟକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଯୋଗେଶ କୁମାର ସିଂହ, ଅଧୀରାଜ ମୋହନ ପାଣିଗ୍ରାହୀ, ସୁନୀଲ ମହାନ୍ତି, ରୁପେଶ ପାଣିଗ୍ରାହୀ ଓ ରୋହିତ ଜୋସେଫ ତିର୍କୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ହାତୀ ଘଉଡାଇବା ବେଳେ ଅଘଟଣ

# ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

**ରାଉରକେଲା, ୨୧।୧ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ବିଶ୍ରା ବନାଞ୍ଚଳରେ ଆଜି ସକାଳେ ହାତୀ ଘଉଡ଼ାଇବା ବେଳେ ଅଘଟଣ ଘଟିଛି। ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ନୂଆଗାଁ ବ୍ଲକ୍ ବାରିଲେପଟା ପଞ୍ଚାୟତ ପାହାଡ଼ଟୋଲି ବସ୍ତିର ଚାଷୀ ଲବ ସିଂ(୪୮)।



ସକାଳ ପ୍ରାୟ ୭ଟାରେ ଗୋଟିଏ ଝାଡ଼ଖଣ୍ଡୀ ଦନ୍ତା ହାତୀ ବାରିଲେପଟା ପାହାଡ଼ଟୋଲି ବସ୍ତିକୁ ପଶି ଆସିଥିଲା। ହାତୀଟି ଗାଁର ଗଙ୍ଗା ସିଂଙ୍କ ଖଳାରେ ଧାନ ଖାଇଥିଲା। ଏହି ସମୟରେ କିଛି ଗ୍ରାମବାସୀ ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ହାତୀଟି ହଠାତ୍ ବୁଲିପଡ଼ି ଲବଙ୍କ ଆଡ଼କୁ ଦ୍ରୁତଗତିରେ ମାଡ଼ି ଆସିଥିଲା। ଲବ ଜୀବନ ବିକଳରେ ଦୌଡ଼ିବା ବେଳେ ତଳେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବିଶ୍ରା ବନ ବିଭାଗର ଫରେଷ୍ଟର୍ ପାଉଲୁସ ଓରାମ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀଟିକୁ ସେଠାରୁ ଘଉଡ଼ାଇଥିଲେ। ଅପରପକ୍ଷେ, ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲବଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୪ମାସ ହେବ ବିଶ୍ରା ବନାଞ୍ଚଳର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। କିନ୍ତୁ ବନ ବିଭାଗ ସେମାନଙ୍କୁ ଘଉଡ଼ାଉ ନଥିବାରୁ ଆଜି ଏହି ଅଘଟଣ ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ୨.୩ କୋଟି ଠକିନେଲେ ସାଇବର୍ ଲୁଟେରା

- ଗୁଜୁରାଟ ଓ ମହାରାଷ୍ଟ୍ରରୁ ୩ ଠକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ
- ଅନ୍‌ଲାଇନ୍ ଟ୍ରେଡିଂ ଓ ଡିଜିଟାଲ ଆରେଷ୍ଟ ନାଁରେ ଲୁଟିଥିଲେ

**କଟକ, ୨୧।୧(ସମିସ):** ତିନି ପୃଥକ୍ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୁଲିସ ୩ଜଣ ଠକଙ୍କୁ ମହାରାଷ୍ଟ୍ର ଓ ଗୁଜୁରାଟରୁ ଗିରଫ କରିଛି। ଅନଲାଇନ୍ ଟ୍ରେଡିଂ ଓ ଡିଜିଟାଲ ଆରେଷ୍ଟ ଆଳରେ ଏହି ଅଭିଯୁକ୍ତମାନେ ୩ଜଣଙ୍କଠାରୁ ମୋଟ ୨ କୋଟି ୩୦ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିଲେ। ମହାରାଷ୍ଟ୍ରର ପୁନେରୁ ଗିରଫ ଅଭିଯୁକ୍ତଜଣଙ୍କ ହେଲା ରମେଶ ଆଞ୍ଜନା (୩୧)। ମୁମ୍ବାଇ ପୁଲିସର ପରିଚୟ ଦେଇ ସେ ଜଣେ ବ୍ୟକ୍ତିଙ୍କୁ ହ୍ୱାଟସଆପ୍ ଭିଡିଓ କଲ୍ ମାଧ୍ୟମରେ ଧମକଚମକ ଦେଇଥିଲା। ତାଙ୍କ ନାମରେ ମନି ଲଣ୍ଡରିଂ ମାମଲାରେ ଗିରଫ ପରୱାନା ଜାରି ହୋଇଛି କହି ତାଙ୍କୁ ଡିଜିଟାଲ ଆରେଷ୍ଟ କରିଥିଲା। ଅଭିଯୁକ୍ତ ତାଙ୍କୁ ଅନଲାଇନ୍‌ରେ ଜେରା କରି ମାନସିକ ନିର୍ଯାତନା ଦେଇଥିଲା। ଏପରିକି, ଆରବିଆଇକୁ ଟଙ୍କା ପଠାଇବାକୁ କହିଥିଲା। ଭୟରେ ବ୍ୟକ୍ତିଜଣଙ୍କ ପ୍ରାୟ







୬୨.୧୮ ଲକ୍ଷ ଟଙ୍କା ଠକମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଠକେଇର ଶିକାର ହୋଇଥିଲେ।

ସେହିଭଳି, ଆଉ ଏକ ଘଟଣାରେ ଅନଲାଇନ୍ ନିବେଶର ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ମହାରାଷ୍ଟ୍ରରୁ ତାନାଜୀ ରାମଚନ୍ଦ୍ର ଶେଲାର(୪୬)ଙ୍କୁ ଗିରଫ କରିଛି। ଏକ ନକଲି ଟ୍ରେଡିଂ ପ୍ଲାଟଫର୍ମରେ ନିବେଶ କଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ବିଶ୍ୱାସ ଜନ୍ମାଇ ସେ ପ୍ରାୟ ୩୮ ଲକ୍ଷ ୩୮ ହଜାର ଟଙ୍କା ଠକି ନେଇଥିଲା। ସେହିପରି, ନିବେଶ ଆଳରେ ୧.୩୦ କୋଟି ଟଙ୍କାର ଚୂନ ମାରିଥିବା ଜଣେ ଠକକୁ କ୍ରାଇମ୍‌ବ୍ରାଞ୍ଚ ଗୁଜରାଟର ସୁରଟ ଅଞ୍ଚଳରୁ ଗିରଫ କରିଛି। ସେ ହେଲା, ନାସିତ ଭୌତିକଭାଇ ଜୟନ୍ତୀଭାଇ (୩୪)। ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍‌କାର୍ଡ ଜବତ କରିଛନ୍ତି। ଆଇନରେ ଡିଜିଟାଲ ଆରେଷ୍ଟ ବୋଲି କୌଣସି ଶବ୍ଦ ନାହିଁ, ତେଣୁ ନାଗରିକମାନେ ଏପରି କଲ୍ ପ୍ରତି ସତର୍କ ରହିବାକୁ କ୍ରାଇମବ୍ରାଞ୍ଚ ସତର୍କ କରାଇଛି।

# ନିକୋଟିନ୍‌ଯୁକ୍ତ ସାମଗ୍ରୀ ଉପରେ ସ୍ୱାସ୍ଥ୍ୟ ବିଭାଗର ନିଷେଧାଦେଶ

**ଭୁବନେଶ୍ୱର,୨୧।୧(ସମିସ):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଓଡ଼ିଶାରେ ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ କିମ୍ବା ନିକୋଟିନ୍‌ଯୁକ୍ତ ସମସ୍ତ ପ୍ରକାରର ଖାଦ୍ୟ ପଦାର୍ଥର ଉତ୍ପାଦନ ଓ ପ୍ୟାକେଜିଂ ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି। ଏହାସହ ଏହାର ସଞ୍ଚୟ,

### ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ ଉତ୍ପାଦନ, ସଞ୍ଚୟ ଓ ବିକ୍ରି ମନା

ପରିବହନ, ବାଣିଜ୍ୟ ଓ ବିକ୍ରୟ ଉପରେ ମଧ୍ୟ ପ୍ରତିବନ୍ଧକ ଲାଗୁ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ଲୋକଙ୍କୁ ଏହି ନିଷେଧାଜ୍ଞା ପାଳନ କରି ସ୍ୱସ୍ଥ ଓ ତମାଖୁମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ରାଜ୍ୟ ସରକାର ଆହ୍ୱାନ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ତମାଖୁ ଓ ନିକୋଟିନ୍‌ଯୁକ୍ତ ପଦାର୍ଥଗୁଡ଼ିକ ମୁଖ, ଗଳା ଓ ଶରୀର ଆଭ୍ୟନ୍ତର ଅଙ୍ଗରେ କର୍କଟ ସହିତ ଗୁରୁତର ରୋଗ ସୃଷ୍ଟି କରୁଛି। ବିଶେଷକରି ଶିଶୁ ଓ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ହାନିକାରକ ହୋଇଥିବାରୁ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ଏହି ନିଷେଧାଦେଶ ଲାଗୁ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି।

# ୨୦୨୭ ସୁଦ୍ଧା ଦେଢ଼ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ରାସ୍ତା

**ଭୁବନେଶ୍ୱର,୨୧।୧(ସମିସ):** ୨୦୨୭ ସୁଦ୍ଧା ଦେଢ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ରାସ୍ତା ନିର୍ମାଣ ହେବ। ଏହି କ୍ରମରେ ୨୦୨୭ ସୁଦ୍ଧା ୭୫ ହଜାରରୁ ଅଧିକ ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୩୦ ହଜାରରୁ ଅଧିକ ରାସ୍ତା ନିର୍ମାଣ ହୋଇଥିବା ବେଳେ ସମୟ ସୀମା ମଧ୍ୟରେ ସମସ୍ତ କାମ ସାରିବାକୁ ଟାର୍ଗେଟ ରଖାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ୯୨ଟି ବ୍ରିଜ୍‌କୁ ଆପ୍ରୋଚ ରାସ୍ତା ନଥିଲା। ସରକାର ଆସିବା ପରେ ୫୦ଟି ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିଲାଣି। ଖୁବଶୀଘ୍ର ବାକି କାମ ମଧ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଆସନ୍ତା ୩ ମାସରେ ଶତ ପ୍ରତିଶତ ବଜେଟ୍ ଖର୍ଚ୍ଚ କରିବାକୁ ସବୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବଜେଟ ଖର୍ଚ୍ଚ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ସୁଦ୍ଧା ୫୩ ପ୍ରତିଶତ ବଜେଟ୍ ଖର୍ଚ୍ଚ ସରିଥିବା ବେଳେ ୩ ମାସରେ ଶତ ପ୍ରତିଶତ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରହିଥିବା ମନ୍ତ୍ରୀ କହିଛନ୍ତି।

## କନିଷ୍ଠ ଯନ୍ତ୍ରୀ (ସିଭିଲ) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା

# ଆବେଦନକାରୀଙ୍କୁ ଓଏସ୍‌ଏସ୍‌ସିର ବାସନ୍ଦ ହାଇକୋର୍ଟରେ ରଦ୍ଦ

**କଟକ, ୨୧।୧(ସମିସ):** ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସଏସସି) ଦ୍ୱାରା ପରିଚାଳିତ କନିଷ୍ଠ ଯନ୍ତ୍ରୀ (ସିଭିଲ) ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ପ୍ରଶ୍ନପତ୍ର ଲିକ୍ ବିବାଦ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଆବେଦନକାରୀ ପରୀକ୍ଷାର୍ଥୀମାନଙ୍କ ବିରୋଧରେ ଓଏସ୍‌ଏସ୍‌ସି ଜାରି କରିଥିବା ୬ବର୍ଷିଆ ବାସନ୍ଦ ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋପାଳକ୍ରିଷ୍ଣ ବେହେରା ଓ ଅନ୍ୟ ୨୮ଜଣଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ସେପ୍ଟେମ୍ବର ୩ରେ ଅନୁଷ୍ଠିତ ମୁଖ୍ୟ ପରୀକ୍ଷାରେ ଯେଉଁ ଆବେଦନକାରୀମାନେ ଭାଗ ନେଇଥିଲେ ଏବଂ ଯଦି ସେମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇନାହିଁ, ତେବେ ସେମାନଙ୍କ ପରୀକ୍ଷାଫଳ ୨୦୨୬ଜୁନ ସୁଦ୍ଧା ପ୍ରକାଶ କରିବାକୁ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସେମାନେ ଯୋଗ୍ୟବିବେଚିତ ହୁଅନ୍ତି, ନିୟମ ଅନୁଯାୟୀ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଅନ୍ୟପଟରେ, ଯଦି ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ଶେଷ ହେବା ପରେ ଯଦି କୌଣସି ପରୀକ୍ଷାର୍ଥୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୁଏ, ତେବେ ବାସନ୍ଦ ଆଦେଶ ସ୍ୱୟଂଚାଳିତ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୨ ନଭେମ୍ବରରେ ୧୦୦୮ଟି କନିଷ୍ଠ ଯନ୍ତ୍ରୀ (ସିଭିଲ) ପଦବୀ ପାଇଁ ଓଏସ୍‌ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୨୩ ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହେବା ପରେ ବାଲେଶ୍ୱରର ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ କିଛି ପରୀକ୍ଷାର୍ଥୀଙ୍କୁ ତାଳସାରି ବେଳାଭୂମି ନିକଟସ୍ଥ ଏକ ସ୍ଥାନକୁ ନିଆଯାଇ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ଏହା ପରେ ଆୟୋଗ ପକ୍ଷରୁ ପୂର୍ବ ପରୀକ୍ଷାକୁ ବାତିଲ କରାଯାଇ ୨୦୨୩ ସେପ୍ଟେମ୍ବର ୩ରେ ପୁଣିଥରେ ମୁଖ୍ୟ ପରୀକ୍ଷା କରାଯାଇଥିଲା। ଏହି ମାମଲାରେ ସଂପୃକ୍ତି ଥିବା ସନ୍ଦେହ କରି ଓଏସଏସ୍‌ସି (ଓଡ଼ିଶା ଷ୍ଟାଫ ସିଲେକ୍ସନ କମିସନ) ଗତ ୨୦୨୫ ମେ' ୧୨ ରେ ଏକ ଆଦେଶ ଜାରି କରି ଆବେଦନକାରୀମାନଙ୍କୁ ୧୬ ଜୁଲାଇ ୨୦୨୩ରୁ ୧୫ଜୁଲାଇ ୨୦୨୯ ପର୍ଯ୍ୟନ୍ତ, ୬ବର୍ଷ ପାଇଁ କୌଣସି ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ବାରଣ କରିଥିଲା। ଏଥିସହ ସେମାନଙ୍କର ସମସ୍ତ ପରୀକ୍ଷା ଆବେଦନକୁ ରଦ୍ଦ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ପରୀକ୍ଷାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଦ୍ୱାରା ଦାଖଲ ହୋଇଥିବା ପ୍ରାଥମିକ ଚାର୍ଜସିଟ୍‌ରେ ସେମାନଙ୍କର ନାମ ନଥିବା ଏବଂ ସେମାନଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରମାଣ ମିଳି ନଥିବା ତଦନ୍ତକାରୀ ଅଧିକାରୀ କହିଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

# ଜନସ୍ୱାର୍ଥ ମାମଲାର ଅପବ୍ୟବହାର ନେଇ ହାଇକୋର୍ଟଙ୍କ ଅସନ୍ତୋଷ

**କଟକ,୨୧।୧(ସମିସ):** ଜନସ୍ୱାର୍ଥ ମାମଲାର ଅପବ୍ୟବହାର ହେଉଥିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ ସରକାରୀ ଅଧିକାରୀଙ୍କ ବଦଳି ପ୍ରସଙ୍ଗକୁ ଏକ ଜନସ୍ୱାର୍ଥ ମାମଲା ଭାବେ ଦାୟର କରାଯିବାକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ୫୦ହଜାର ଟଙ୍କା ଦଣ୍ଡ ରାଶି ପଇଠ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଅର୍ଥରାଶିକୁ ତିନି ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ କୁହାଯାଇଛି। ଏହି ଜରିମାନା ଅର୍ଥ ରାଜ୍ୟର ଶିଶୁ ସୁଧାର ଗୃହର ଅନ୍ତେବାସୀମାନଙ୍କୁ ଉନ୍ନତ ସୁବିଧା ସୁଯୋଗ ଯୋଗାଇବା ପାଇଁ ବ୍ୟବହାର କରାଯିବ ବୋଲି କୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଏବଂ ଜଷ୍ଟିସ୍ ଏ ମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ଲକ୍ଷ୍ମୀଧର ବିଶ୍ୱାଳ ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### ୫୦ ହଜାର ଟଙ୍କା ଦଣ୍ଡ ଗଣିବେ ଆବେଦନକାରୀ

ବଦଳି ବା ନିଯୁକ୍ତି ହେଉଛି ସରକାରୀ ସେବାର ଏକ ଅଭିନ୍ନ ଅଙ୍ଗ। କେଉଁ ଅଧିକାରୀ କେଉଁଠି ନିଯୁକ୍ତି ପାଇବେ, ତାହା ପ୍ରଶାସନିକ କର୍ତ୍ତୃପକ୍ଷ ସ୍ଥିର କରିବେ। କିଛି ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ ପାଇଁ କିମ୍ବା କୌଶଳର ସହ ଜନସ୍ୱାର୍ଥ ମାମଲାର ଆଳ ନେଇ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ। ଆବେଦନକାରୀ ଜଣେ ସରକାରୀ ଅଧିକାରୀଙ୍କ ବଦଳିକୁ ଚ୍ୟାଲେଞ୍ଜ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ ସରକାରୀ ନିୟମ ଅନୁସାରେ ଜଣେ କର୍ମଚାରୀଙ୍କୁ ତାଙ୍କ ନିଜ ଜିଲ୍ଲା ବା ହୋମ-ଟାଉନରେ ନିଯୁକ୍ତି ଦିଆଯାଇପାରିବ ନାହିଁ।

# ବଜ୍ରକାପ୍ତା କାତି ଜବତ, ୩ ଗିରଫ

**ରାଜନଗର, ୨୧।୧ (ସମିସ):** ବଜ୍ରକାପ୍ତା କାତି ଡିଲ୍ ବେଳେ ମାଡ଼ି ବସିଲା ବନ ବିଭାଗ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନବିଭାଗ ଟିମ୍ ଆଜି ଅପରାହ୍ଣରେ ଏକ ବନ୍ୟଜନ୍ତୁ ତସ୍କର ଗ୍ୟାଙ୍ଗର ପର୍ଦ୍ଦାଫାସ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ପଟ୍ଟାମୁଣ୍ଡାଇର ଏସ୍.କେ ବରଖାଇତୁଲ୍ଲା, ଷଣ୍ଢପଲ୍ଲୀ ଗାଁର ଅଭିରାମ ମଲ୍ଲିକ ଓ ରାଜକିଶୋର ମଲ୍ଲିକ। ସେମାନଙ୍କଠାରୁ ୧୪ଟି ବଜ୍ରକାପ୍ତା କାତି, ୩ଟି ମୋବାଇଲ, ଦୁଇଟି ବାଇକ୍ ଜବତ ହୋଇଛି। ଜବତ ବଜ୍ରକାପ୍ତା କାତିର ଦାମ ୭ଲକ୍ଷ ଟଙ୍କା ହେବ ବୋଲି ଏସିଏଫ ଗଗନ ବିହାରୀ ମଲ୍ଲିକ ସୂଚନା ଦେଇଛନ୍ତି। ବନ ବିଭାଗ ସେମାନଙ୍କୁ ଗିରଫ କରି ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଅଧିକ ପଚରାଉଚରା କରୁଛି। ଅପରପକ୍ଷେ, ଭିତରକନିକା ଅଞ୍ଚଳରେ ବଜ୍ରକାପ୍ତା କାତି ଜବତ ହେବା ପ୍ରଥମ ଘଟଣା ହୋଇଥିବାରୁ ବନ ବିଭାଗ ଅଧିକ ତତ୍ପର ହୋଇପଡ଼ିଛି।

ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଛି ଯେ ଅଭିଯୁକ୍ତମାନେ ବାଲେଶ୍ୱର ଜିଲ୍ଲା କୁଲଡିହା ଜଙ୍ଗଲରେ ଏକ ବଜ୍ରକାପ୍ତା ଶିକାର କରିଥିଲେ। ବଜ୍ରକାପ୍ତାକୁ ମାରି ତା'ର କାତିକୁ ବିକ୍ରି କରିବାକୁ ଏଠାକୁ ଆଣିଥିଲେ। ଏ ସଂପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସଟିଏଫ୍, ବାଲେଶ୍ୱର ଓ ରାଜନଗର ବନ ବିଭାଗର ଏକ ମିଳିତ ଟିମ୍ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଜାଲ ବିଛାଇଥିଲେ। ବନ ବିଭାଗର ଜଣେ କର୍ମଚାରୀ ଗ୍ରାହକ ସାଜି ସେମାନଙ୍କ ସହ ଫୋନ୍‌ରେ ମୂଲଚାଲ କରିଥିଲା। ୭୦ ହଜାର ଟଙ୍କାରେ ଡିଲ୍ ଛିଡ଼ିବା ପରେ ଅଭିଯୁକ୍ତମାନଙ୍କ କହିବାନୁଯାୟୀ ବନ ବିଭାଗ ଟିମ୍ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗାଁରେ ପହଞ୍ଚିଥିଲା। ସେଠାରେ ୩ ବେପାରୀ ବଜ୍ରକାପ୍ତା କାତି ଧରି ଅପେକ୍ଷାରେ ଥିବା ବେଳେ ବନ ବିଭାଗ ସେମାନଙ୍କୁ ମାଡ଼ି ବସିଥିଲା। ବନ ବିଭାଗ ସେମାନଙ୍କୁ ଗିରଫ କରିବା ସହ ୧୪ଟି ବଜ୍ରକାପ୍ତା କାତି ଜବତ କରିଥିଲା।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର,୨୧।୧(ସମିସ):** ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ଅବଧି ବୃଦ୍ଧି ପାଇଛି। ପୂର୍ବରୁ ଜାନୁଆରୀ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ଏବେ ଆଶାୟୀମାନେ ଫେବୃଆରୀ ୫ଯାଏଁ ଆବେଦନ କରିପାରିବେ। ଆଶାୟୀମାନେ www.msp.odisha.gov.in ୱେବସାଇଟ୍‌ରେ ଯାଇ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୋଟ ୧୨ଟି ବର୍ଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବ।

## ସ୍କୁଟିକୁ ଧକ୍କା ଦେଲା ଟ୍ରକ୍

# ପୁଅ ଆଗରେ ଚାଲିଗଲା ବାପାର ଜୀବନ

**ପାଲଲହଡ଼ା, ୨୧।୧ (ସମିସ):** ପୁଅ ଆଖି ଆଗରେ ଚାଲିଗଲା ବାପାର ଜୀବନ। ୪୯ନଂ ଜାତୀୟ ରାଜପଥର ସ୍ଥାନୀୟ ମାଲ୍ୟଗିରି ମହାବିଦ୍ୟାଳୟ ଛକ ନିକଟରେ ଏକ ସ୍କୁଟିକୁ ଟ୍ରକ୍ ଧକ୍କା ଦେବାରୁ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ତାଳଚେର ଥାନା ଗୁରୁଜାଙ୍ଗୁଲି ଅଞ୍ଚଳର କ୍ଷୀରୋଦ ପାଣିଗ୍ରାହୀ। ଏହି ଦୁର୍ଘଟଣାରେ କ୍ଷୀରୋଦଙ୍କ ପୁଅ ସରୋଜ ପାଣିଗ୍ରାହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ପରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଘୋଷଣା କରିଥିଲେ। କ୍ଷୀରୋଦଙ୍କ ସାନ ପୁଅ ପହଞ୍ଚିବା ପରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲା। ଦୁର୍ଘଟଣା ପରେ ଟ୍ରକ ଛାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନାନୁଯାୟୀ, କ୍ଷୀରୋଦ ଓ ସରୋଜ ଏକ ସ୍କୁଟିରେ ପାଲଲହଡ଼ା ଛାମୁଣ୍ଡା ଅଞ୍ଚଳରେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ଘରକୁ ଫେରୁଥିଲେ। ମାଲ୍ୟଗିର ମହାବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା।

# ଗଛରେ ପିଟିହେଲା ବାଇକ୍; ଦୁଇ ସାଙ୍ଗ ମୃତ

**ପଡ଼ିଆ, ୨୧।୧ (ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ସଦର ମହକୁମାସ୍ଥିତ କୁମ୍ଭାରସାହି ଓ ପଡ଼ିଆ ମୁଖ୍ୟ ରାସ୍ତା ବୁଲାଣିରେ ଆଜି ଏକ ଦୁର୍ଘଟଣା ଦୁଇ ସାଙ୍ଗଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ସମୀର ହନ୍ତାଳ ଓ ତାର ବନ୍ଧୁ ଦୀପକ କୁମାର ଲିମା। ଦୁହିଁଙ୍କ ଘର ପଡ଼ିଆ ଗ୍ରାମରେ। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଆଜି ଭୋର୍ ପ୍ରାୟ ୩ଟାରେ ସମୀର ଓ ଦୀପକ ଏକ ବୁଲେଟ୍ ବାଇକ୍‌ରେ କୁମ୍ଭାରସାହିରୁ ପଡ଼ିଆ ଗ୍ରାମ ଅଭିମୁଖେ ଆସୁଥିଲେ। କୁମ୍ଭାରସାହି ନିକଟସ୍ଥ ବୁଲାଣି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କ ନାନୀଙ୍କର ବାହାଘର ୬ ଦିନ ପରେ ହୋଇଥାଆନ୍ତା।

ସକାଳ
THE SAKALA



**ଧାନ ବିକ୍ରିର ୧୫ ଦିନ ପରେ ବି ମିଳୁନି ଟଙ୍କା**

# ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କୋମନା, ୨୧।୧(ସମିସ)**

ମଣ୍ଡିରେ ଧାନ ବିକ୍ରି କରିବାର ଦୁଇ ସପ୍ତାହରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଚାଷୀଙ୍କୁ ଏମଏସପି ମିଳିନଥିବା ଅଭିଯୋଗ ହୋଇଛି। କୋମନା ବ୍ଲକରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପହଞ୍ଚି ଅଞ୍ଚଳର ବହୁ ଚାଷୀ ନିଜର ଦୁଃଖ ଜଣାଇବା ସହ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।ଇନପୁଟ୍ ସବସିଡି ମିଳିଛି, ହେଲେ ଏମଏସ୍‌ପି ବାକି ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ବ୍ୟାଙ୍କ ଖାତାକୁ ଇନପୁଟ୍ ସହାୟତା ପହଞ୍ଚିଥିଲେ ହେଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି



ପଡ଼ିନାହିଁ। ଫଳରେ ଧାରକରଜ କରି ଚାଷ କରିଥିବା ଚାଷୀମାନେ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି।ମଣ୍ଡିରେ ଧାନ ବିକ୍ରି କରି ଟଙ୍କା ପାଇନଥିବା ଚାଷୀଙ୍କ ମଧ୍ୟରେ ଅଛନ୍ତି ମନୋଜ ପୂଝାରୀ ୭୫ କ୍ୱିଣ୍ଟାଲ, ଅରବିନ୍ଦ ଯୋଶୀ ୭୫ କ୍ୱିଣ୍ଟାଲ, ସୁଧାଂଶୁ ନାଏକ ୪୮ କୁଇଣ୍ଟାଲ, ଦେବେନ୍ଦ୍ର ରଣା ଏବଂ ଗଜିନ୍ଦ୍ର ଶବରଙ୍କ ଧାନ ବିକ୍ରିର୨୪ରୁ ୪୮ ଘଣ୍ଟା ମଧ୍ୟରେ ଟଙ୍କା ପୈଠ କରିବାକୁ ସରକାରୀ ନିୟମ ଥିଲେ ହେଁ, କୋମନା ବ୍ଲକର ଏହି ଚାଷୀମାନେ ୧୫ ଦିନ ଧରି ଅପେକ୍ଷା କରି ରହିଛନ୍ତି। ଆମେ ଧାନ ବିକି ସାରିଛୁ, ହେଲେ ହାତ ଶୂନ। ପରିବାର ଚଳାଇବା ଓ ଆଗାମୀ ଚାଷ କାମ ପାଇଁ ଟଙ୍କାର ନିହାତି ଆବଶ୍ୟକତା ରହିଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଏହି ଅଭିଯୋଗକୁ ଗ୍ରହଣ କରିବା ସହ ତୁରନ୍ତ ତଦନ୍ତ କରି ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେବେ ବୋଲି ଚାଷୀମାନେ ଆଶା ରଖିଛନ୍ତି।

# କୋକସରା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ତେଜିଲା

**କୋକସରା, ୨୧।୧(ସମିସ) :** ୨୦୦୯ ମସିହାରେ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଉଚ୍ଛେଦ କରି ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଲିନ କରି ଦିଆଗଲା। ନିକଟ ଭବିଷ୍ୟତରେ ପୁନର୍ବାର ନିର୍ବାଚନ ମଣ୍ଡଳୀ ପୁନଃଗଠନ ଏବଂ ସମ୍ପ୍ରସାରଣ ହେବା ସମ୍ଭାବନା



ସୃଷ୍ଟି ହୋଇଥିବାରୁ ପୁଣି କୋକସରା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବୀ ତେଜିବାରେ ଲାଗିଛି। ଏନେଇ ବୁଧବାର କୋକସରା ବ୍ଲକ ସଦର ମହକୁମା ଶିବ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ନେଇ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଯୋଗଦେଇ ନିଜ ନିଜର ମତାମତ ରଖିବା ସହିତ ସର୍ବ ପୂରାତନ ଥିବା କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଉଚ୍ଛେଦକୁ କ୍ଷୋଭ ପ୍ରକାଶ କରିଥିଲେ। ନିକଟ ଭବିଷ୍ୟତରେ ପୁନର୍ବାର ନିର୍ବାଚନ ମଣ୍ଡଳୀ ପୁନଃଗଠନ ଏବଂ ସମ୍ପ୍ରସାରଣ ହେବା ସମ୍ଭାବନା ସୃଷ୍ଟି ହୋଇଥିବାରୁ କିପରି ପୁନର୍ବାର କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରତିଷ୍ଠା ହୋଇ ପାରିବ ସେ ଦିଗରେ ବ୍ୟାପକ ଆଲୋଚନା ହୋଇଥିଲା। ପ୍ରସ୍ତାବିତ ଆନ୍ଦୋଳନକୁ ଆଗକୁ ନେବାପାଇଁ ଆସନ୍ତା ସଭାରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହି କମିଟିର ନେତୃତ୍ୱ ନେବାପାଇଁ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କୁ ସଭାପତି ଭାବେ ଓ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ଉପସଭାପତି ଭାବରେ ସ୍ଥିରୀକୃତ କରାଯାଇଛି। ବୈଠକରେ ପୂର୍ବତନ ବିଧାୟକ ମୌଷଧି ବାଗ, ପୁରୁଷୋତମ ଦାଶ ଗୁପ୍ତା, ଧବଳେଶ୍ୱର ନାଗ, ବିଶ୍ୱମ୍ବର ଶବର, ମୀନକେତନ ପ୍ରଧାନୀ, ହରେକୃଷ୍ଣ ନାଏକ, କେଶବ ଚନ୍ଦ୍ର ନାଏକ, ପଞ୍ଚକ ପୋଡ, ରାମଚନ୍ଦ୍ର ପାଣିଗ୍ରାହୀ, ଶ୍ରୀନିବାସ ପ୍ରଧାନୀ, ମହେନ୍ଦ୍ର ନେଗୀ, ଜେତେନ୍ଦ୍ର ପ୍ରଧାନୀ, ତ୍ରିଭୁବନ ନାଏକ, ନବୀନ ନାଏକ, ଧର୍ମାନନ୍ଦ ପଟ୍ଟନାୟକ, ଅନିଲ ପ୍ରଧାନୀ, ତ୍ରିମୋହନ ନାଏକ, ସନତ କୁମାର ପ୍ରଧାନୀ, ରବିନାରାୟଣ ଦାଶ, ସଂଜୟ ସିଙ୍ଗଲ, ବିଶ୍?ନାଥ ପଟ୍ଟନାୟକ ପ୍ରମୁଖ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଜଙ୍ଗଲରେ ନିଆଁ ସମ୍ପର୍କିତ ସଚେତନତା

**ନୂଆପଡ଼ା/ଖରିଆରରୋଡ଼, ୨୧।୧(ସମିସ):** ନୂଆପଡ଼ା ଜିଲ୍ଲା ଖରିଆରରୋଡ ପରେଷ୍ଟ ରେଞ୍ଜ ଅନ୍ତର୍ଗତ ବୋଥା ଗାଁରେ ରେଞ୍ଜସ୍ତରୀୟ ଜଙ୍ଗଲରେ ନିଆଁ ଉପରେ ସଚେତନତା ଏବଂ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି। କାର୍ଯ୍ୟକ୍ରମରେ ରେଞ୍ଜର ଜୟଦେବ ମାଝୀ ଅଧ୍ୟକ୍ଷତା କରିଥିବାବେଳେ କୋମନା ରେଞ୍ଜର ଦେବଦତ୍ତ ସୁତାର ତାଲିମ ଦାତା ଭାବରେ ଯୋଗ ଦେଇଥିବା ବେଳେ ପରିବେଶବିତ ଘନଶ୍ୟାମ କରୁଆଁ ବିଶେଷ ଅତିଥିଭାବେ ଯୋଗ ଦେଇଥିଲେ। ଆଗକୁ ଗ୍ରୀଷ୍ମଋତୁ ଆସୁଥିବା ବେଳେ ବିଭିନ୍ନ ସମୟରେ ଜଙ୍ଗଲରେ ନିଆଁ ଲାଗି ମୂଲ୍ୟବାନ ଗଛ ସହ ପ୍ରାଣୀଙ୍କ ଜୀବନ ନଷ୍ଟ ହୋଇଥାଏ। ତେଣୁ ଆଗତୁରା ସଚେତନ ହେବାକୁ ପରାମର୍ଶ କରାଯାଇଥିଲା। ଏଥିପାଇଁ କଣ ସତର୍କତା ଅବଲମ୍ବନ କରାଯିବା ଦରକାର, ନିଆଁକୁ କିପରି ଆୟତ କରିବେ ତାଲିମ ପ୍ରଦାନ କରାଯାଇଥିଲା।ବନ ବିଭାଗର ବହୁ ପଦାଧିକାରୀ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜଙ୍ଗଲରେ ନିଆଁ ଲିଭାଇବାକୁ ନେଇ ଏକ ନମୁନା ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଫରେଷ୍ଟର ବିନୋଦ ବିହାରୀ ନାୟକ, ତ୍ରିବିକ୍ରମ ନାଏକ, ସଂଯୁକ୍ତା ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଫରେଷ୍ଟ ଗାର୍ଡ ଶୁଭସ୍ମିତା ମହାନ୍ତି, ସଚିଦାନନ୍ଦ ସାହୁ, ସୋମନାଥ ବେହେରା, ସତପର୍ଣ୍ଣା ବରିହା, ମମତା ମୁଣ୍ଡାଙ୍କ ସମେତ କେନ୍ଦୁପତ୍ର ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ବିନୋଦ ବିହାରୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଗ୍ରୀଣ୍ଡୋଲ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

**ଗୋଲାମୁଣ୍ଡା, ୨୧।୧(ସମିସ) :** ଗ୍ରୀଣ୍ଡୋଲ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ରଣା ପଡ଼ା ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଗଜିନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳା ରେ ପ୍ରଥମ ଦିବସରେ ଗ୍ରୀଣ୍ଡୋଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଜିନ୍ଦ୍ର ନାଏକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ଉଦ୍‌ଯାପନୀ ଉତ୍ସବରେ ସିଆରସିସି ରେଖରାମ ନାଏକ, ବୃନ୍ଦାବାହାଲ ସିଆରସିସି କ୍ଷିରାବ୍ଧି ମଶ୍ରା, କରଙ୍ଗାମୁଣ୍ଡା ସିଆରସିସି ବିରୁପାକ୍ଷ ଦୀପ ଗ୍ରୀଣ୍ଡୋଲ କ୍ଲଷ୍ଟରର ରଣାପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୁର୍ଯୋଧନ ଛତ୍ରିଆ, ଶିକ୍ଷକ ବିହାରୀ ଲାଲ ନାଏକ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ଗ୍ରୀଣ୍ଡୋଲ ର ୧୫ଟି ବିଦ୍ୟାଳୟରୁ ୧୫ ଜଣ ଏଫଏଲଏନ ଶିକ୍ଷକ ଦୁଇଦିନ ଧରି ଶିକ୍ଷଣ ସାମଗ୍ରୀ ତିଆରି କରିଥିଲେ। ବହୁତ ଗୁରୁତ୍ୱପୁର୍ଣ, ଆନନ୍ଦ ଦାୟକ, ଓଡ଼ିଆ ଭାଷା, ଇଂରାଜୀ ଭାଷା, ଗଣିତ, ପରିବେଶ ଭିତ୍ତିକ ୫୦ରୁ ଅଧିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। କର୍ମଶାଳାରେ ଗୋଇନ୍ଦିମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ଖଗେନ୍ଦ୍ର ପ୍ରଧାନ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଶିକ୍ଷଣ ସାମଗ୍ରୀ କର୍ମଶାଳାରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସିଆରସିସି ଶ୍ରୀଯୁକ୍ତ ଗଜିନ୍ଦ୍ର ନାଏକ, ସିଆରସିସି ରେଖରାମ ନାଏକ, ବୃନ୍ଦାବାହାଲ ସିଆରସିସି କ୍ଷିରାବଧି ମଶ୍ରା, କରଙ୍ଗାମୁଣ୍ଡା ସିଆରସିସି ବିରୁପାକ୍ଷ ଦୀପଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ସିଆରସିସି ଗଜିନ୍ଦ୍ର ନାଏକ ସମସ୍ତ ଶିକ୍ଷକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲ। ରଣାପଡ଼ା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯୋଧନ ଛତ୍ରିଆ ମଞ୍ଚ ପରିଚାଳନା କରିଥିଲେ ଏବଂ ଗୋଇନ୍ଦିମୁଣ୍ଡା ବିଦ୍ୟାଳୟର ସହ ଶିକ୍ଷକ ଖଗେନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୨୧।୧(ସମିସ):** ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏକ ଲାଞ୍ଚ ମାମଲାରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରକାଶ ଥାଉକି ଗତ ୨୦୧୬ ମସିହାରେ ଜନୈକ ଠିକାଦାର ବାହାଦୁର ବଗିଚାପଡ଼ାର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼ଙ୍କ ଠାରୁ ଠିକା କରିଥିବା ଏକ ବିଲ ମଞ୍ଜୁର କରିବା ପାଇଁ ୪୦ ହଜାର ଟଙ୍କା ଦାବି କରିଥିଲେ। ଏହି ବିଷୟକୁ ଭବାନୀପାଟଣା ଭିଜିଲାନ୍ସଙ୍କ ଜରିଆରେ କୋରାପୁଟ ଭିଜିଲାନ୍ସ ଆରକ୍ଷୀ ଅଧିକ୍ଷକଙ୍କ ପାଖରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ କୋରାପୁଟ ଭିଜିଲାନ୍ସ କେସ ନମ୍ବର.୦୫/୨୦୧୬ ରୁଜୁ କରାଯାଇ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେହି ମାମଲାରେ ଭିଜିଲାନ୍ସ ବିଭାଗ ତରଫରୁ ଅଭିଯୋଗ ପତ୍ର ଭିଜିଲାନ୍ସ କୋର୍ଟରେ ଦାଖଲ କରାଯାଇଥିଲା। ସେହି ମାମଲାରେ ୧୦ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶ୍ରୀମାନ ବଦ୍ରି ନାରାୟଣ ନନ୍ଦ ପ୍ରମାଣ ଅଭାବରୁ ପୂର୍ବତନ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମରଣ ଶଙ୍କର ମିଶ୍ରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାକୁ ପୂର୍ବତନ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ପିଏଚ ଡିଭିଜନ ଭବାନୀପାଟଣାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଶ୍ରୀ ଦିଲ୍ଲୀପ ସା ପରିଚାଳନା କରୁଥିଲେ।

# ରିଷିଡା ଶ୍ରୀଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ



**କର୍ଲାମୁଣ୍ଡା, ୨୧।୧ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବରେ ରୁଦ୍ରଦେବ ଦାସ, ଅନନ୍ତ ଗୋପାଳ ଦାସ, ଅଶୋକ କୁମାର ତ୍ରିପାଠୀ, ମଧୁ ଦାସ, ବିଭୁତି ଦାସ ଯୋଗଦେଇ ପୂଜା କାର୍ଯ୍ୟ ତୁଲାଇ ଥିବାବେଳେ କିଶୋର ଚନ୍ଦ୍ର ରଣା ଓ ତାଙ୍କ ଧର୍ମପତ୍ନୀ ସିନ୍ଧୁସୁତା ରଣା କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ମଙ୍ଗଳବାର ପାରମ୍ପରିକ ରୀତିରେ ବନରୋପଣ ବିଧି ସମ୍ପନ୍ନ ହୋଇଥିବାବେଳେ ଆଜି ସକାଳୁ ରତ୍ନମୁଦ ପାଇଁ ସ୍ୱତନ୍ତ୍ର ପୂଜା, ବେଢ଼ାପରିକ୍ରମା, କୁମ୍ଭ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରାମର ବହୁ ନର, ନାରୀ ମନ୍ଦିରକୁ ଚଢି କୁମ୍ଭରେ ଧାନ, ଅଷ୍ଟଧାତୁ, ମୁଦ୍ରା ପ୍ରଭୃତି ଭର୍ତି କରିଥିଲେ। ମନ୍ଦିରନିର୍ମାଣ କମିଟି ସଭାପତି ଶିବଲାଲ କେଡ଼ିଆ, ଉପସଭାପତି କ୍ଷୀରସାଗର ରଣା, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ସହସମ୍ପାଦକ ନନ୍ଦକିଶୋର ରଣା ଗ୍ରାମଉନ୍ନୟନ କମିଟି ସଭାପତି ନାରାୟଣ ରଣା, ସମ୍ପାଦକ ପ୍ରେମାନନ୍ଦ ପାତ୍ର, ନାଏବ ସରପଞ୍ଚ ନରେଶ ଦାସ, ରୋହିତ କୁମାର ରଣା, ପବିତ୍ର ମୋହନ ଲେଙ୍କା, ଶତ୍ରୁଘନ ରଣା, ଅନାଦି ରଣା, ହିମାଂଶୁ ରଣା, ପ୍ରସନ୍ନ ରଣା ପ୍ରମୁଖଙ୍କ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିବା ବେଳେ ମନ୍ଦିର କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଟ୍ରକ୍‌ରେ ପିଟିହୋଇ ବାଇକ୍ ଆରୋହୀ ମୃତ

**କୋକସରା, ୨୧।୧(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ଡଙ୍ଗରୀଗୁଡା ଡାବା ନିକଟ ବୁଲାଣିରେ ଦୁର୍ଘଟଣା। ଟ୍ରକ୍‌କୁ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ମାଝୀଗୁଡା ଗ୍ରାମର ବସନ୍ତ ଘି ବୋଲି ସୂଚନା ମିଳିଛି। ଦୁର୍ଘଟଣାରେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟ ହୋଇଥିବା ବେଳେ କୋକସରା ଥାନା ପୁଲିସ ଶବଜବତ୍ କରି ଆମ୍ବୁଲାନ୍ସ ଯୋଗେ କୋକସରା ମେଡିକାଲ ପଠାଇ ଦେଇଛି। ସନ୍ଧ୍ୟା ହେବା କାରଣରୁ ଶବ ବ୍ୟବଚ୍ଛେଦ ହୋଇ ପାରି ନ ଥିବାରୁ ମେଡିକାଲର ଶବ ବ୍ୟବଚ୍ଛେଦ ଗୃହରେ ଶବକୁ ରଖିଥିବା ସୂଚନା ରହିଛି। ଅନ୍ୟପଟେ ଉକ୍ତ ଟ୍ରକ୍‌କୁ ପୁଲିସ ଜବତ କରି କୋକସରା ଥାନାକୁ ଆଣି ଅଧିକ ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୨୧।୧(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବେ ଲାଞ୍ଜିଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଆଲୋମିନୀ ଚନ୍ଦ୍ର ଶେଖର ମହାପାତ୍ର, କ୍ଲଷ୍ଟର ସଂଯୋଜକ ଶ୍ରବଣ କୁମାର ସରାଫ, କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରା, ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସାଧୁରାମ ଭୋଇ, ଚିଆଁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସେଠୀ, କମର୍ଦ୍ଧା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ମହାପାତ୍ର, ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟ ପୂର୍ବତନ ସଂସ୍କୃତ ଶିକ୍ଷକ ନିରଞ୍ଜନ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମେ ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ସ୍ୱାଗତ ଅଭିଭାଷଣ ସହିତ ବାର୍ଷିକ ବିବରଣୀ ପଠନ ଥିଲେ। ଅତିଥିଙ୍କ ଅଭିଭାଷଣ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ହିନ୍ଦି ଶିକ୍ଷୟିତ୍ରୀ କରିସ୍ମା ଦାସ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ଛାତ୍ରୀ ଏଲିନା ରଣା, ରୁବିନା ନନ୍ଦ ଓ ନବମ ଶ୍ରେଣୀ ଛାତ୍ରୀ ଅନମୋଲ ପାତ୍ର, ବୈଷ୍ଣବୀ କରୁଆଁ ପ୍ରମୁଖ ପରିଚାଳନା କରିଥିଲେ।ଶିକ୍ଷକ ସୁରଜ କୁମାର ଦାସ, ରତ୍ନମଣି ସାହୁ ଲକ୍ଷ୍ମୀ କାନ୍ତ ଦାସ, କୋଲେଟି ଦିବାକର, ଚିନ୍ତାଡା ରବି ଶିକ୍ଷୟିତ୍ରୀ ବିନୋଦିନୀ ଶବର ବିଦ୍ୟାଳୟ କର୍ମଚାରୀ ସୁଜିତ କୁମାର ସାହୁ ଅଞ୍ଜଳି ଶବର, ମହାଦେବ ଗଉଡ, ସନ୍ତୋଷ କୁମାର ତ୍ରିପାଠୀଙ୍କ ସମେତ ଗଜରାଜପୁର ମାଁ ମଙ୍ଗଳା ସଂୟ ସହାୟକ ଗୋଷ୍ଠୀର ମହିଳାମାନେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦେ ମାତରମ୍ ୧୫୦ ତମ ପୂର୍ତ୍ତି କାର୍ଯ୍ୟକ୍ରମ







## ଗୋପାଳପୁର ଉଚ୍ଚ ବିଦ୍ୟାଳୟ

**ଥୁଆମୂଳରାମପୁର, ୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ବନ୍ଦେ ମାତରମ୍ ୧୫୦ତମ ବାର୍ଷିକୀ ଅବସରରେ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋପାଳପୁରରେ ଥୁଆମୂଳରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ସ୍ୱାଇଁ, ବ୍ଲକ ଯୋଗାଣ ନିରୀକ୍ଷକ ବିଭୁ ରଞ୍ଜନ ସାହୁ, ସରକାରୀ (ଏସଏସଡି) ଗୋପାଳପୁର ସ୍କୁଲ ପ୍ରଧାନ ଶିକ୍ଷକ ଭରତ କୁମାର ନାଏକ, ସାଂସଦଙ୍କ ପ୍ରତିନିଧି ପବିତ୍ର ନାଏକ, ବିଜେପି ନେତା ବିଷ୍ଣୁ ନାଏକ, ଥୁଆମୂଳ ରାମପୁର ବ୍ଲକ ବିଜେପିର ଦୁଇଟି ମଣ୍ଡଳର ସଭାପତି ଦୟାନିଧି ଭୋଇ ଏବଂ ପୁଷ୍ପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଖରିଆରରୋଡ଼ ଏନ୍‌ଏସି

**ନୂଆପଡ଼ା:** ନୂଆପଡ଼ା ଜିଲ୍ଲା ଖରିଆର ରୋଡ଼ ଏନ୍‌ଏସି ତରଫରୁ ୱାର୍ଡରେ ପୌର ପ୍ରଶାସନ ସହ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ବିଶେଷ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ, ଏନଏସି ଅଧ୍ୟକ୍ଷା ଡ଼. ସୋନିଆ ଜୈନ, ଗୋଲଡି ଅଗ୍ରୱାଲ ଓ ସମସ୍ତ ମହମ୍ମଦ ମୋଇନ, ମୁକେଶ କୁମାର ଜୈନ, ମହମ୍ମଦ ସୋଏବ, ରିଙ୍କୀ ଗୁରୁଦତ୍ତା, ଜାହାଙ୍ଗିରା ଖାନ କାଉନସିଲର ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ୭ ନମ୍ବର ୱାର୍ଡ କୁରୁମୁଣ୍ଡାବାସୀଙ୍କ ସହ ଅଧ୍ୟକ୍ଷା ଡ଼. ଜୈନଙ୍କ ଜନ୍ମ ହର୍ଷ ଉଲ୍ଲାସର ସହ ପାଳନ କରାଯାଇଥିଲା। ସାମୂହିକ ଗାନରେ ଶତାଧିକ ବସ୍ତିବାସିନ୍ଦା ସାମିଲ ହୋଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ଏକକ ପ୍ଲାଷ୍ଟିକ ବ୍ୟବହାର ଏଡେଇବା ପାଇଁ ବର୍ତ୍ତନ ବ୍ୟାଙ୍କ ଉଦ୍‌ଘାଟନ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷା ଗୋଟିଏ ପରିବାରକୁ ଏକ ସୋଲାର ପ୍ଲାଣ୍ଟ ମାଗଣା ପ୍ରଦାନ କରିଥିଲେ। ନିଜ ତରଫରୁ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଷ୍ଟିଲ ପାଣି ବୋତଲ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଲମାନ ଖାନ, ମହମ୍ମଦ ମୋଇନ, ମୁକେଶ କୁମାର ଜୈନ, ମହମ୍ମଦ ସୋଏବ, ରିଙ୍କୀ ଗୁରୁଦତ୍ତା, ଜାହାଙ୍ଗିର ଖାନ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ।

## ବନ୍ଦେ ମାତରମ୍‌ର ସାମୂହିକ ଗାନ

**ଭବାନୀପାଟଣା:** ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସାମୂହିକ ଗାନ କାର୍ଯ୍ୟକ୍ରମ ଭବାନୀପାଟଣା ବ୍ଲକ ସମ୍ମୁଖରେ ବିଡିଓ ଚନ୍ଦନ କୁମାର ଭୋଇ ଏବଂ ଭବାନୀପାଟଣା ପୌରପାଳିକା ଉନ୍ନୟନ ଅଧିକାରୀ ପ୍ରମୋଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇ ସାମୂହିକ ବନ୍ଦେ ମାତରମ ଗାନ କରିଥିଲେ।କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସଦର ବିଧାୟକ ପ୍ରତିନିଧି ଧନୁର୍ଜୟ ଗହିର, ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ, ପୌରପାଳିକା ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି ରାଧାକାନ୍ତ ଛତ୍ରି ଏବଂ ବ୍ଲକ ଶିକ୍ଷା ଅଧିକାରୀ ଆଚାରି ଶବର, ଏବି ଇ ଓ ଜୟ କୁମାର ମାଝୀ, ଏବିଡିଓ ଶ୍ରୀଧର ପଣ୍ଡା, ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ ଉପସ୍ଥିତ ରହି ସାମୂହିକ ଭାବେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ଗାନ କରିଥିଲେ। ପୂର୍ବାଲୋକନ ଓ ଭାରତ ଇତିହାସର ମହତ୍ତ୍ୱ ଉପରେ ଉପସ୍ଥିତ ଅତିଥି ଛାତ୍ର ଛାତ୍ରୀଙ୍କୁ ବାର୍ତ୍ତା ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଆଚାରି ଶବର ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନିଲାଞ୍ଚଳ ପାନ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ଜଗନ୍ନାଥ ତ୍ରିପାଠୀଙ୍କ ମଧୁର କଣ୍ଠରେ ଦେଶ ଭକ୍ତି ସଙ୍ଗୀତ ଛାତ୍ରଛାତ୍ରୀମାନେ ଉପୋଭୋଗ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଡିଆଲ ଏନ୍‌ଏସି

**ନୂଆପଡ଼ା/ଖଡ଼ିଆଳ:** ନୂଆପଡ଼ା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସାମୂହିକ ବନ୍ଦେ ମାତରମ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗ ଦେଇ ବନ୍ଦେ ମାତରମ ଗାନ ଭାରତ ମାତାଙ୍କ ପ୍ରକୃତି, ଐତିହ୍ୟ, ବୈଭବ ବୋଲି କହିବା ସହ ଏହି ସଙ୍ଗୀତ ଦେଶମାତୃକାର ସଂଗ୍ରାମରେ ଝାସ ଦେବାକୁ ଅନୁପ୍ରାଣିତ କରୁଥିବା କହିଥିଲେ। ସମସ୍ତେ ମିଳିତ ରୂପେ ଏକା ସାଙ୍ଗରେ ଗୀତ ଗାନ କରିଥିଲେ। ସଭାରେ ରାଜାଏଟି ହାଇସ୍କୁଲ ବରିଷ୍ଠ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମୁଖ୍ୟବକ୍ତା, ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖଡିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ରାଉତ, ୱାର୍ଡ ସଭ୍ୟ ସଭ୍ୟାମାନେ ଯୋଗ ଦେଇଥିବା ବେଳେ ବହୁ ନାଗରିକ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜାତୀୟ ଖାଦ୍ୟ ତୈଳ ବିହନ ମିସନ ପକ୍ଷରୁ ଚାଷୀଙ୍କୁ ତାଲିମ

**ଲାଞ୍ଜିଗଡ଼, ୨୧।୧(ସମିସ):** ଲାଞ୍ଜିଗଡ଼ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତସ୍ଥିତ କିଡିଙ୍ଗ ଗାଁରେଜାତୀୟ ଖାଦ୍ୟ ତୈଳ ବିହନ ମିଶନ ଅଧୀନରେ ଚାଷୀଙ୍କ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ କୃଷି ଅଧିକାରୀ ପ୍ରବୀଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଭବାନୀପାଟଣା ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସମ୍ପ୍ରସାରଣ କେନ୍ଦ୍ରର ସହଯୋଗୀ ନିର୍ଦ୍ଦେଶକ ଡ଼ଃ ଭବାନୀ ଶଙ୍କର ନାୟକ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସମ୍ପ୍ରସାରଣ କେନ୍ଦ୍ରର ପ୍ରଜନନ ବୈଜ୍ଞାନିକ ଡଃ ସୁଭଶ୍ରୀ ଦାସ, ଯୋଜନା ଅଧିକାରୀ




ବିଶ୍ୱନାଥ ମହାପାତ୍ର, ଏଡିଓ ଶିଶିର କୁମାର ବିଷୋୟୀ, କୃଷି ମାପ ବୈଜ୍ଞାନୀକ ତାପସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ୫୦ଜଣ ତୈଳ ବୀଜ ଚାଷୀଙ୍କୁ ଉନ୍ନତମାନର ବିହନ, ଆଧୁନିକ ଚାଷ ପ୍ରଣାଳୀ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ। ଲାଞ୍ଜିଗଡ଼ ବ୍ଲକ କୃଷି ଅଧିକାରୀ ଶ୍ରୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମ୍ୟ କୃଷି ପରିଦର୍ଶକ ଭାସ୍କର ମାଝୀ, କୃଷକ ସାଥି ଗଣେଶ ଶବର, କେ ରୋଶନ ବର୍ମା ନେପାଳ ଶବର, ଅନଙ୍ଗ ପଧାନ, ଇଶ୍ୱର ବଗର୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

**ଫୁଲ ମାଝୀ ମୃତ୍ୟୁ ଘଟଣା**

# କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କଲେ ଜାତୀୟ ମାନବାଧିକାର କମିସନ

**ଭବାନୀପାଟଣା/ଲାଞ୍ଜିଗଡ଼, ୨୧।୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଲମ୍ବା ଗାଁର ବିଧବା ଆଦିବାସୀ ମହିଳା ଫୁଲ ମାଝୀ ୧୩୨ କେଭି ବିଦ୍ୟୁତ୍ ତାର ଆଘାତରେ ମୃତ୍ୟୁବରଣ କରିବା ଘଟଣା ବାବଦରେ ଜାତୀୟ ମାନବାଧିକାର କମିଶନ କଳାହାଣ୍ଡି ଜିଲ୍ଲାପାଳ ଏବଂ ରାଜ୍ୟ ଶକ୍ତି ସଚିବଙ୍କ ଠାରୁ ୨ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛନ୍ତି। ଏହା କମିଶନଙ୍କ ୨ୟ ନୋଟିସ। ଗତ ୨୫ ସେପ୍ଟେମ୍ବର ୨୦୨୫ରେ କମିଶନ ପ୍ରଥମ ନୋଟିସ ଜାରି କରି ଦୁଇ ଅଧିକାରୀଙ୍କ ଠାରୁ ରିପୋର୍ଟ ମାଗିଥିଲେ। କିନ୍ତୁ ଏହାକୁ ଅଣଦେଖା କରି ଅଧିକାରୀ ଦ୍ୱୟ କୌଣସି ରିପୋର୍ଟ ଆଜିପର୍ଯ୍ୟନ୍ତ ଦାଖଲ କରିନଥିବାରୁ କମିଶନ ଅସନ୍ତୋଷ ବ୍ୟକ୍ତ କରିବା ସହିତ ୨୦ ଜାନୁଆରୀ ୨୦୨୬ ରେ ଦ୍ୱିତୀୟ ନୋଟିସ ଜାରି କରି ଆସନ୍ତା ୧୩ ଫେବୃଆରୀ ୨୦୨୬ ତାରିଖ ମଧ୍ୟରେ ସବିଶେଷ ବିବରଣୀ ଦାଖଲ କରିବା ପାଇଁ ଦୁଇ ଅଧିକାରୀଙ୍କୁ ଚରମବାଣୀ ଶୁଣାଇ ଚେତାଇ ଦେଇଛନ୍ତି ଯେ ୧୩ ଫେବୃଆରୀ ସୁଦ୍ଧା ରିପୋର୍ଟ ଦାଖଲ ନକଲେ ମାନବ ଅଧିକାର ସୁରକ୍ଷା ଆଇନ -୧୯୯୩ ର ଧାରା -୧୩ ଅନୁଯାଇ କମିଶନ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବାଧ ହେବେ। କଳାହାଣ୍ଡିର ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଦାୟର ଏହି ମାମଲା (୩୫୮/୧୮/୬/୨୦୨୫)ର ଶୁଣାଣି ୨୦ ଜାନୁଆରୀ ୨୦୨୬ ରେ ହୋଇଥିଲା ଏବଂ ରିପୋର୍ଟ ଆସି ନଥିବାରୁ କମିଶନ ନୋଟିସ ଜାରି କରିଛନ୍ତି। ସୂଚନା ଯୋଗ୍ୟ ଯେ, ବାତେଲିମା ପଞ୍ଚାୟତର ବେଲମ୍ବା ଗ୍ରାମର ବିଧବା ମହିଳା ଫୁଲ ମାଝୀ ୧୬ ଏପ୍ରିଲ ୨୦୨ ରେ ଏକ ଗଛରୁ ଶାଗ ତୋଳୁଥିବା ସମୟରେ ଛିଣ୍ଡି ପଡ଼ିଥିବା ୧୩୨କେଭି ତାରର ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇ ଥିଲେ। ଫୁଲ ମାଝୀଙ୍କ ମୃତ୍ୟୁ ପରେ ତାଙ୍କର ୪ ନାବାଳକ ସନ୍ତାନଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଇଛି। ଅନେଇ ସକାଳରେ ପ୍ରକାଶିତ ଖବରକୁ ଆଧାର କରି ଦିଲ୍ଲୀପ କୁମାର ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପୀଡିତ ଶିଶୁମାନଙ୍କୁ ୩୦ ଲକ୍ଷ ତାଙ୍କ କ୍ଷତିପୂରଣ ଦେବାକୁ ଓ ତା ସହିତ ଅବହେଳା ପ୍ରଦର୍ଶନ କରିଥିବା ଟାଟା ପାୱାର କମ୍ପାନୀ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଦଣ୍ଡବିଧାନ ପାଇଁ ଦାବି ଜଣାଇଥିଲେ।

**କଳାହାଣ୍ଡି ଜିଲ୍ଲାପାଳ ଓ ଶକ୍ତି ସଚିବଙ୍କୁ ନିର୍ଦ୍ଦେଶ**

# ବ୍ଲକସ୍ତରୀୟ ବନ୍ଦେ ମାତରମ୍ ସାମୂହିକ ଗାନ



କୁତ୍ରା, ୨୧।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦରମହକୁମା କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ମଙ୍ଗଳବାର ବନ୍ଦେ ମାତରମ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବ୍ଲକସ୍ତରୀୟ ସାମୁହିକ ବନ୍ଦେ ମାତରମ ସଙ୍ଗୀତର ଗାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବରେ କୁତ୍ରା ସାଂସଦ ପ୍ରତିନିଧି ଦେବେନ୍ଦ୍ର ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପିନାଥ ଖାଖା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିଲି ସଞ୍ଜିତା ମିଞ୍ଜ, ଖତକୁରବାହାଲ ସମିତିସଭ୍ୟା ପୁଷ୍ପା ତିର୍କୀ, କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାଶିନୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଓ କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଭିଷଣ ବାରିକ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କମଲେନ୍ଦୁ ପାଣିଗ୍ରାହୀ ଓ ନିତୁ ପାତ୍ର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଗୋଷ୍ଠୀ ଅର୍ଥ ଅଧିକାରୀ ସରମିଲା ଖାଲଖୋ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଲହୁଣିପଡ଼ା, ୨୧।୧(ସମିସ): ଲହୁଣିପଡ଼ା ଥାନା ଖଜୁରୀନାଳି ଗ୍ରାମର ଜୈନକା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଲହୁଣିପଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଦୁଷ୍କର୍ମ ଅଭିଯୋଗରେ ନାରାୟଣ ମୁଣ୍ଡା (୨୧) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ ଗତ ଡିସେମ୍ବର ୨୧ ତାରିଖରେ ନାବାଳିକା କଲେଜ ଯିବା ପାଇଁ ଅପେକ୍ଷା କରିଥିବା ବେଳେ ଯୁବକ ଜଣକ କଲେଜରେ ଛାଡ଼ିଦେବାକୁ କହି ନାବାଳିକାଙ୍କୁ ଗାଡ଼ିରେ ବସାଇ ଆଣିଥିଲା। ଟାଙ୍ଗୋଡ଼ା କ୍ରସର ନିକଟରେ ନିଛାଟିଆ ଦେଖି ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲା। ଏହାର କିଛିଦିନ ପରେ ମୋବାଇଲ ମଧ୍ୟ ଛଡାଇ ନେଇଥିଲା। ଏନେଇ ଗତକାଲି ନାବାଳିକା ତରଫରୁ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିବା ସହ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ଶିବିର



ରାଉରକେଲା, ୨୧।୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ଓ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିର ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁନ୍ଦରଗଡ଼ ଓ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ଉଦ୍ୟମ କ୍ରମେ ଗତ ୬ ତାରିଖଠାରୁ ଆରମ୍ଭ ହୋଇଛି। ଏହି ଶିବିରରେ ମୋଟ ୫ ଜଣ ବ୍ୟକ୍ତିଙ୍କର ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇଯାଇଛି। ବଡଗାଁ ଓ ସବଡେଗା ବ୍ଲକର ରୋଗୀମାନଙ୍କୁ ଏହି ଶିବିରକୁ ଅଣାଯାଇଥିଲା। ତେବେ ୧୦୦ ହାଇଡ୍ରୋସିଲ୍ ଅପରେସନ୍ ପାଇଁ ଲକ୍ଷ୍ୟ ରଖାଯାଇଛି। ହସ୍ପିଟାଲ ଅଧକ୍ଷଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି.ବି.ଡି) ପ୍ରଫେସର ଦଳେଇ, ସର୍ଜନ ଡା ଗୁରୁ, ହସ୍ପିଟାଲ ମେନେଜର, ଓଟି ଟିମ ଓ ଭି.ବି.ଡି ଉପସ୍ଥିତ ଥିଲେ। ଏହି ଅବସରରେ ଡା. ସ୍ୱାଇଁ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଫାଇଲେରିଆ ତଥା ହାଇଡ୍ରୋସିଲ ସାଧାରଣତଃ ହୋଇଥାଏ ବୋଲି କହିଥିଲେ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଜବ ନୀତି

# କାର୍ଯ୍ୟକ୍ରମର ପୂର୍ବରାତ୍ରରେ ନିର୍ଦ୍ଦେଶନାମାକୁ ନେଇ ଅସନ୍ତୋଷ

ରାଉରକେଲା, ୨୧।୧(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଜବ ନୀତି। ବ୍ଲକସ୍ତରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପୂର୍ବଦିନ ରାତ୍ରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ଦିନ ପୂର୍ବରୁ ଚିଠି ଜାରି କରି ତହିଁ ଆର ଦିନ ଏହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶାନାମା ପ୍ରଦାନ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ଘୋର ଅସୁବିଧା ହେଉଥିବା ନେଇ ଶିକ୍ଷକମାନେ କ୍ଷୋଭ ବ୍ୟକ୍ତ କରିଛନ୍ତି।

ସୂଚନାନୁଯାୟୀ, ନିକଟରେ ଅନୁଷ୍ଠିତ ନୂଆଗାଁ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଜାନୁଆରୀ ୧୭ ତାରିଖ ଦିନ ଆୟୋଜିତ ହେବାକୁ ଥିବା ବେଳେ ତାହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜାନୁୟାରୀ ୧୬ ତାରିଖ ସଂଧ୍ୟାରେ ବ୍ଲକର ସମସ୍ତ ସ୍କୁଲଗୁଡିକୁ ଗେଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯାହାଦ୍ୱାରା କାର୍ଯ୍ୟକ୍ରମରେ ରଖାଯାଇଥିବା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ବିଜ୍ଞାନ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ସମ୍ପର୍କରେ କୌଣସି ସ୍କୁଲର ପ୍ରଧାନ ଶିକ୍ଷକ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇ ପାରିନଥିଲେ। ୧୭ ତାରିଖରେ ଯେଉଁ ସ୍କୁଲର ଛାତ୍ରଛାତ୍ରୀମାନେ ଏନେଇ ସୂଚନା ପାଇଲେ ସେମାନେ ବିଜ୍ଞାନ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ବିଷୟରେ ଆବଶ୍ୟକ ପ୍ରସ୍ତୁତି ମଧ୍ୟ ହୋଇ ପାରିନଥିଲେ।




ଯାହା ଫଳରେ ବ୍ଲକ ତରଫରୁ ଆୟୋଜିତ ଉକ୍ତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତାରେ ଯଥେଷ୍ଟ ସଂଖ୍ୟକ ପ୍ରତିଯୋଗୀ ଅଂଶ ଗ୍ରହଣ କରିପାରି ନଥିଲେ। ସେତିକି ନୁହେଁ ବହୁ ଖବର ପାଇ ନଥିବାରୁ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ଏହି କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ। ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୁତରାଂ ରାତିରେ ଚିଠି ସକାଳେ ପ୍ରତିଯୋଗିତା ବ୍ଲକ ଶିକ୍ଷା ଅଧିକାରୀଙ୍କ ଏହି ନିର୍ଦ୍ଦେଶନାମା ଧର୍ମକୁ ଆଖି ଠାର ସଦୃଶ୍ୟ ବୋଲି ସାଧାରଣରେ ଆଲୋଚନା ହେଉଛି। ସେପଟେ ୧୭ ତାରିଖ ଦିନ ସାରା ଓଡ଼ିଶାରେ ଗୋଟିଏ ଦିନ ହିଁ ଶିକ୍ଷକ ଓ ଅବିଭାବକ ବୈଠକ (ପିଟିଏମ) ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ରହିଥିଲା। ଏହି ପିଟିଏମ୍ କାର୍ଯ୍ୟକ୍ରମ ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବ୍ୟସ୍ତ ରହିଥିବା ବେଳେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ନେଇ ନୂଆଗାଁ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଏତାଦୃଶ ଚିଠି ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିଥିଲା। ଯାହାକୁ ଶିକ୍ଷକ ମହାଲରେ ଘୋର ନିନ୍ଦା କରାଯାଇଥିଲା। କେବଳ ସେତିକି ନୁହେଁ ଜାନୁଆରୀ ୧୯ ତାରିଖ ଦିନ ବ୍ଲକସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ରଖାଯାଇଥିବା ବେଳେ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୮ ତାରିଖ ଦିନ ରାତିରେ ଏହି କାର୍ଯ୍ୟକ୍ରମ ପାଇଁ ସିଆରସିସିମାନେ ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ ଚିଠି ପଠାଇଥିଲେ। ଏପରିକି କେତେକ ଶିକ୍ଷକ ୧୯ ତାରିଖ ସକାଳେ ଏ ସଂକ୍ରାନ୍ତରେ ଅବଗତ ହୋଇଥିଲେ। ଏହି 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀମାନେ ଗୀତ, କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଛାତ୍ରଛାତ୍ରୀମାନେ ଯଥେଷ୍ଟ ପୂର୍ବରୁ ଅବଗତ ହୋଇ ନଥିବାରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକସ୍ତରୀୟ ଏହି ସବୁ ପ୍ରତିଯୋଗିତା ବିଷୟରେ ଗୋଟିଏ ଦିନ ପୂର୍ବରୁ ଚିଠି ଦେଇ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନଙ୍କୁ ଅଂଶଗ୍ରହଣ କରିବାକୁ କୁହାଯିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏ ସମସ୍ତ ସରକାରୀ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅପରିଣାମଦର୍ଶିତା ତଥା ଖାମଖିଆଲ ନୀତି ଯୋଗୁଁ ଶହ ଶହ ସଂଖ୍ୟାରେ ମେଧାବୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗୀ ମନି ଟୁଡୁଙ୍କୁ ପଚାରିବାରୁ, ବିଡିଓଙ୍କ କହିବା ମୁତାବକ ଏପରି ହୋଇଛି। ତେବେ ଏନେଇ ତଦନ୍ତ ହେବ ବୋଲି ସେ କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ୬ ମାସରୁ ଊର୍ଦ୍ଧ୍ୱ ହେବ ନୂଆଗାଁ ବ୍ଲକରେ ଯୋଗଦାନ କରିଛନ୍ତି। ସେ ଯୋଗଦାନ କରିବାର କିଛି ମାସ ପରେ ନୂଆଗାଁ ବ୍ଲକରେ କାର୍ଯ୍ୟରତ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କ ଇଙ୍ଗିତରେ ଶିକ୍ଷକମାନଙ୍କର ବଦଳି ପ୍ରକ୍ରିୟା ହୋଇଥିଲା। ଯାହାକୁ ନେଇ ଅନେକ ଅନିୟମିତତା ତଥା ପାତରଅନ୍ତର ରହିଥିବା ଅଭିଯୋଗ ହୋଇଥିଲା।

## ● 'ସମର୍ପଣ' ଗୁଣବତ୍ତା ମଣ୍ଡଳୀର ଅଭିନବ ପଦକ୍ଷେପ

# ଆର୍‌ଏସ୍‌ପିର ବାର୍ଷିକ ୯୫ ଲକ୍ଷ ସଞ୍ଚୟ ସାଧନ

ରାଉରକେଲା, ୨୧।୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ୍-୧ (ଏସଏମଏସ-୧)ର 'ସମର୍ପଣ' ଗୁଣବତ୍ତା ମଣ୍ଡଳୀ ଦଳର ଏକ ଅଭିନବ ପଦକ୍ଷେପ ଦ୍ୱାରା ବାର୍ଷିକ ପ୍ରାୟ ୯୫ ଲକ୍ଷ ଟଙ୍କା ସଞ୍ଚୟ ସାଧନ ସହ ଇସ୍ପାତ ଗୁଣବତ୍ତା, ପ୍ରକ୍ରିୟା ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ମଧ୍ୟ ସାଧିତ ହୋଇଛି। ଏସଏମଏସ-୧ ବିଭାଗରେ ବିଭିନ୍ନ ଇସ୍ପାତ ଗ୍ରେଡ୍ ଉତ୍ପାଦନ ପାଇଁ ଷ୍ଟିଲ୍ ଟ୍ୟାପ୍ କରିବା ପରେ ଲାଡେଲରେ କ୍ରୋମିୟମ୍, ଭାନାଡିୟମ୍, ଆଲୁମିନିୟମ୍ ଏବଂ ଅନ୍ୟ ସ୍ୱତନ୍ତ୍ର ମହଙ୍ଗା ଧାତବ ସାମଗ୍ରୀର ଆବଶ୍ୟକତା ରହିଛି। ପାରମ୍ପରିକ ଭାବେ ଏହି ମିଶ୍ରଣ ଗୁଡ଼ିକ ଓଭରହେଡ୍ କ୍ରେନ୍ କିମ୍ବା ମାନୁଆଲ୍ ଷୋଭେଲ ଫିଡିଂ ମାଧ୍ୟମରେ ସମ୍ପାଦିତ କରାଯାଉଥିଲା। ଯାହା ବିଶେଷକରି ମାନୁଆଲ୍ କାର୍ଯ୍ୟ ସମୟରେ ପ୍ରାୟତଃ ଅନୁପଯୁକ୍ତ ଡୋଜିଂ, ଲାଡେଲ୍ ବାହାରେ ସାମଗ୍ରୀ ସ୍ପିଲେଜ୍ ଏବଂ ଗୁଣବତ୍ତା ଅସଙ୍ଗତି ସୃଷ୍ଟି କରୁଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଚିହ୍ନଟ କରି, 'ସମର୍ପଣ' ଗୁଣବତ୍ତା ମଣ୍ଡଳୀ ଦଳ ବିସ୍ତୃତ ମାନସମନ୍ଥନ ଏବଂ ବିଶ୍ଳେଷଣ କରିବା ସହିତ ଏକ ଅଭିନବ ଭାଇବ୍ରୋଫିଡର ବ୍ୟବସ୍ଥା ବିକଶିତ କରିଥିଲେ। ଏହି ବ୍ୟବସ୍ଥା ବିଭିନ୍ନ ଷ୍ଟିଲ୍ ଗ୍ରେଡ୍ ପାଇଁ ସଠିକ୍ ଡୋଜିଂକୁ ସୁନିଶ୍ଚିତ କରି ମିଶ୍ରଣ ସାମଗ୍ରୀର ସଠିକ୍ ଓଜନ ଏବଂ ନିୟନ୍ତ୍ରିତ ମିଶ୍ରଣକୁ ସକ୍ଷମ କରିଥାଏ। ଭାଇବ୍ରୋଫିଡରକୁ କନଭର୍ଟର ନିକଟରେ ୭.୫ ମିଟର ଫ୍ଲୋରସ୍ତରରେ ରଣନୀତିକ ଭାବରେ ସ୍ଥାପନ କରାଯାଇଥିଲା, ଯାହା କାର୍ଯ୍ୟର ସୁଗମତା ଏବଂ ଉନ୍ନତ ସୁରକ୍ଷାକୁ ସୁନିଶ୍ଚିତ କରିଥିଲା। ଭାଇବ୍ରୋଫିଡର ବ୍ୟବସ୍ଥାର ପ୍ରଚଳନ ଦ୍ୱାରା ଇସ୍ପାତ ଗ୍ରେଡ୍ ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି, ସେକେଣ୍ଡରୀ ଷ୍ଟିଲ ମେକିଙ୍ଗ ବିଚ୍ୟୁତିରେ ବର୍ଦ୍ଧନ ହ୍ରାସ ଏବଂ କ୍ରୋମିୟମ, ଭାନାଡିୟମ ଏବଂ ଆଲୁମିନିୟମ ଭଳି ମହଙ୍ଗା ମିଶ୍ରଧାତୁ ସାମଗ୍ରୀର ନିରାପଦ ସଂରକ୍ଷଣ ତଥା ନିୟନ୍ତ୍ରିତ ପରିଚାଳନା ସମେତ ଅନେକ ଲାଭ ମିଳି ପାରିଛି। ଏକ ବିସ୍ତୃତ ମୂଲ୍ୟ ବିଶ୍ଳେଷଣରୁ ଜଣାପଡ଼ିଛି, ଏହି ପଦକ୍ଷେପର ଫଳସ୍ୱରୂପ ସାମଗ୍ରୀ କ୍ଷତି ହ୍ରାସ



ଏବଂ ଉନ୍ନତ ପ୍ରକ୍ରିୟା ନିୟନ୍ତ୍ରଣ ହେତୁ ପ୍ରତିବର୍ଷ ପ୍ରାୟ ୯୫ ଲକ୍ଷ ଟଙ୍କା ସଞ୍ଚୟ ସାଧନ ହୋଇ ପାରିଛି। ଏହି ଦଳରେ ଜୁନିୟର ଇଞ୍ଜିନିୟର ମନୋରଞ୍ଜନ ସାହୁ, ଜୁନିୟର ଇଂଜିନିୟରିଂ ଆସୋସିଏଟ ତ୍ରିନାଥ ବାରିକ, ଅମର କୁମାର ଭୂୟାଁ, ନିଶିକାନ୍ତ ବାରିକ ଏବଂ ରୋହିତ କୁମାର ଅନ୍ତର୍ଭୁକ୍ତ ଥିଲେ। ଏହି ଦଳରେ ଏସଏମଏସ - ୧ ବିଭାଗର ଡେପୁଟି ମ୍ୟାନେଜର ଅର୍ଜୁନ ଚରଣ ବେହେରା ଏହି ଦଳର ଫେସିଲିଟେଟର ଥିଲେ। ଏସଏମଏସ-୧ ବିଭାଗର ସିଜିଏମଙ୍କ କାର୍ଯ୍ୟାଳୟରେ ଜାନୁଆରୀ ୧୯ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏସଏମଏସ - ୧ ବିଭାଗର ସିଜିଏମ ବି ସୁନୀଲ କାର୍ଥା, ଗ୍ରେଟର ନୋଏଡାରେ ନିକଟରେ ଅନୁଷ୍ଠିତ ଏନସିକ୍ୟୁସି ୨୦୨୫ରେ ଆରଏସପି ପାଇଁ ପାର ଏକ୍ସଲେନ୍ସ ପୁରସ୍କାର ଜିତିବା ନିମନ୍ତେ ଦଳର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ରାଉରକେଲା, ୨୧।୧(ସମିସ): ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି




ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଅଶୋକ କୁମାର ବେଉରା ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରୀମାନଙ୍କ ବ୍ୟକ୍ତିଗତ ସୁରକ୍ଷା ଓ ମାନସିକ ଦୃଢତା ବିକାଶ ପାଇଁ ଆଇରକ୍ଷା ପ୍ରଶିକ୍ଷଣ ଜରୁରୀ ବୋଲି କହିଥିଲେ। ଆଇକ୍ୟୁଏସି ସଂଯୋଜକ ସପନ କୁମାର ପଣ୍ଡା ଭାରତର ସମ୍ପ୍ରତିକ ଘଟଣାଗୁଡ଼ିକୁ ଉଲ୍ଲେଖ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷା ବିଷୟରେ ସଚେତନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ସସ୍ମିତା ଦାଣ୍ଡସେନା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ରୂପରେଖା ସଂକ୍ଷିପ୍ତରେ ବ୍ୟାଖ୍ୟା କରିଥିଲେ। ପିଇଟି ପୁଷ୍ପଲତା ସଡଙ୍ଗୀ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

## ● ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଲିଗ୍

# ମୁନି ଓରାମଙ୍କୁ ରୌପ୍ୟ




ବଣାଇଁ, ୨୧।୧(ସମିସ): ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ଗ୍ରାମ ପଞ୍ଚାୟତର ବଡ଼ପଡ଼ା ଗାଁର ସାହସୀ ଝିଅ ମୁନି ଓରାମ। ଉପଖଣ୍ଡର ପ୍ରଥମ ମହିଳା ଖେଳାଳୀ ଭାବେ ଯାଜପୁର ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖି ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ମହିଳା କିକ୍ ବକ୍ସିଂ ଲିଗ୍‌ରେ ଜିଲ୍ଲା ଟିମ୍‌ରୁ ଲୋ- କିକ୍ ବର୍ଗରେ ଖେଳି ଉଚ୍ଚ କୋଟିର ପ୍ରଦର୍ଶନ କରିବା ସହ ୫୨ କିଲୋ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଆଦିବାସୀ ଗରିବ ପରିବାରରୁ ଆସିଥିବା ମୁନି ଆସନ୍ତା ମାର୍ଚ୍ଚ ମାସରେ କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁରେ ହେବାକୁ ଥିବା ଜାତୀୟସ୍ତର ଖେଳରେ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି। କୌଣସି ସଂସ୍ଥା କିମ୍ବା ସରକାରଙ୍କ ଠାରୁ ସହାୟତା ପାଇଲେ ଭଲ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିବେ ବୋଲି ସେ କହିଛନ୍ତି। ତେବେ ମୁନିଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ୫ ଦିନିଆ ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



ଲହୁଣିପଡ଼ା, ୨୧।୧(ସମିସ): ଲହୁଣୀପଡ଼ା କ୍ରିକେଟ ଖେଳ ପଡ଼ିଆଠାରେ ଲହୁଣିପଡ଼ା ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ୧୭ ତମ ପାଞ୍ଚଦିନିଆ ନକ ଆଉଟ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ରାଜମୁଣ୍ଡା ଦଳ ଲହଙ୍ଗାପଡ଼ା କ୍ରିକେଟ ଦଳକୁ ୯ ଉଇକେଟରେ ପରାସ୍ତ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ମୁଖ୍ୟବକ୍ତା ଭାବେ ନିରେଶ ଚୌରାସିଆ, ସାମ୍ବାଦିକ ବିଭୁତି ଭୂଷଣ କର, ଧୀରେନ୍ଦ୍ର ମାହାନ୍ତ, ଦାଶରଥି ପଣ୍ଡା, ସୁଜିତ ମହାପାତ୍ର, ପଞ୍ଚାନନ କର ଯୋଗ ଦେଇଥିଲେ। ଲହୁଣିପଡ଼ା ସ୍ପୋର୍ଟସ ଆସୋସିଏସନର ସଭାପତି ଏମ୍‌ଡି ଛୋଟୁ ଅଧ୍ୟକ୍ଷତା କରିଥିବା ବେଳେ ବିକାଶ ଜୟସ୍ୱାଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିହାର ରଞ୍ଜନ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଅମ୍ପାୟାର ଭାବେ ମୁନୁ ମାହାନ୍ତ, ନିକୁଞ୍ଜ ସିଂ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ମାହାନ୍ତ, ଏମଡି ଅମିନ, ଟିକିନା ପ୍ରଧାନ, ଏମଡି ଗଲୁ, ଲିଙ୍କନ ପାତ୍ର, ବିଟୁ ସା, ରାଜା ସା, ନିଖିଲ ଠାକୁର, ନିତେସ ଜୟସ୍ୱାଲ, ଜିତେନ୍ଦ୍ର ମାହାନ୍ତ, ବାଦଲ ସା, ମୋହିତ ଜୟସ୍ୱାଲ, ଚଞ୍ଚଳ ନାଏକ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶେଷରେ ସୁଧାଂଶୁ ଶେଖର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୁଡାନ୍ତ ପର୍ଯ୍ୟାୟରେ ରାଉରକେଲା ହାଫ୍ ମାରାଥନ୍ ପ୍ରସ୍ତୁତି

# ୫୮୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ

ରାଉରକେଲା, ୨୧।୧(ସମିସ)

ରାଉରକେଲା ହାଫ୍ ମାରାଥନ୍ -୨୦୨୬ ଉଦ୍‌ଘାଟନୀ ପର୍ବ ଆୟୋଜନ ପାଇଁ ପ୍ରସ୍ତୁତି ଚୁଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏଥିପାଇଁ ୫୮୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ସେପଟେ ରାଉରକେଲା ହାଫ୍ ମାରାଥନ୍ -୨୦୨୬ ଆୟୋଜନର ଆଉ ୨ ଦିନ ବାକି ରହିଥିବା ବେଳେ ଏନେଇ ଇସ୍ପାତ ସହରବାସୀଙ୍କ



ମଧ୍ୟରେ ଦୌଡ଼ ଉତ୍କଣ୍ଠା ଦେଖିବାକୁ ମିଳିଛି। ଏହି ମେଗା କ୍ରୀଡା ଇଭେଣ୍ଟ ପାଇଁ ଅଫିସିଆଲ ବିବ୍ ଏବଂ ଟି-ସାର୍ଟ ବଣ୍ଟନ ଜାନୁଆରୀ ୨୦ ତାରିଖରୁ ଆରମ୍ଭ ହୋଇଛି। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ମାନବ ସମ୍ବଳ ବିଭାଗର ସିଜିଏମ୍ ମାନସ ରଞ୍ଜନ ରଥ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବିକେ ଜୋଜୋ, ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ୍ ଟିଜି କାନେକର ଏବଂ ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣଙ୍କ ସହିତ ଅଂଶଗ୍ରହଣକାରୀମାନଙ୍କୁ କିଟ୍ସ ସହିତ ବିବ୍ ପ୍ରଦାନ କରିଥିଲେ। ତେବେ ଫିଟ୍ ଇଣ୍ଡିଆ' ଅଭିଯାନକୁ ସୁଦୃଢ ଲକ୍ଷ୍ୟରେ ଆୟୋଜିତ ଏହି ରାଉରକେଲା ହାଫ୍ ମାରାଥନ୍‌ର ସୁଗମ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜନସାଧାରଣଙ୍କୁ ରାସ୍ତା ବନ୍ଦ ଏବଂ ବିକଳ୍ପ ଟ୍ରାଫିକ୍ ମାର୍ଗ ବିଷୟରେ ସୂଚନା ଦେବା ପାଇଁ ରଣନୈତିକ ସ୍ଥାନରେ ବିସ୍ତୃତ ରୁଟ୍ ଚାର୍ଟ ପ୍ରଦର୍ଶନ କରୁଥିବା ବ୍ୟାନରଗୁଡ଼ିକ ସ୍ଥାପନ କରାଯାଇଛି। ଏହି ମେଗା କ୍ରୀଡା ଇଭେଣ୍ଟକୁ ଦେଶବ୍ୟାପୀ ଦୌଡ଼ ଉତ୍ସାହୀମାନଙ୍କ ଠାରୁ ଏକ ଉତ୍ସାହପୂର୍ଣ୍ଣ ପ୍ରତିକ୍ରିୟା ମିଳିଥିବା ବେଳେ ପଞ୍ଜିକରଣର ଶେଷ ଦିନର ବହୁ ପୂର୍ବରୁ ୫୮୦୦ ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଏଥିନିମନ୍ତେ ପଞ୍ଜିକରଣ କରିଥିଲେ। ଯାହା ଫଳରେ ପଞ୍ଜିକରଣ ପ୍ରକ୍ରିୟା ବନ୍ଦ କରାଯାଇଥିଲା। ମୋଟ ପଞ୍ଜୀକରଣ ମଧ୍ୟରୁ, ୧୦୦୦ରୁ ଅଧିକ ଦୌଡାଳି ୨୧.୧ କିଲୋମିଟର

### ଅଫିସିଆଲ ବିବ୍ ଏବଂ ଟି-ସାର୍ଟ ବଣ୍ଟନ ଆରମ୍ଭ

ହାଫ୍ ମାରାଥନ୍ ବର୍ଗ ପାଇଁ ପଞ୍ଜୀକରଣ କରିଛନ୍ତି। ଯାହାକୁ ସମଧରଣର ପ୍ରଥମ ଥର ପାଇଁ ଆୟୋଜିତ ପ୍ରତିଯୋଗିତା ନିମନ୍ତେ ଏକ ଉଲ୍ଲେଖନୀୟ ସଫଳତା ବୋଲି ବିବେଚନା କରାଯାଉଛି। ଏଥି ସମେତ ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକରୁ ୨୦୦୦ରୁ ଅଧିକ ଦୌଡାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପଞ୍ଜୀକରଣ କରିଛନ୍ତି। ମାରାଥନରେ ଆହୁରି ଉତ୍ସାହ ବୃଦ୍ଧି ପାଇଁ, ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର, ସୁନୀଲ ପାତ୍ର, ରୋମେନ ଘୋଷ, ଆନ୍ତର୍ଜାତୀୟ ମାରାଥନ ବିଜେତା ଡକ୍ଟର ସୁନିତା ଗୋଦରା, ଷ୍ଟାର ଆଥଲେଟ୍ ରଚିତ୍ରା ମିସ୍ତ୍ରୀ, ରାଉରକେଲାର ହକି ତାରକା ବୀରେନ୍ଦ୍ର ଲାକ୍ରା ଏବଂ ବହୁ ପ୍ରଖ୍ୟାତ କ୍ରୀଡାବିତ୍ ରାଉରକେଲା ହାଫ୍ ମାରାଥନ -୨୦୨୬ରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ପ୍ରେରଣା ଦେବେ ବୋଲି ଜଣାପଡ଼ିଛି।

### ରାସ୍ତାସୂଚୀ ଓ ଟ୍ରାଫିକ ନିୟମାବଳୀ

ରାଉରକେଲା, ୨୧।୧(ସମିସ): ଇସ୍ପାତ ସହରରେ ପ୍ରଥମଥର ପାଇଁ ଆସନ୍ତା ଜାନୁଆରୀ ୨୪ ତାରିଖରେ ହାଫ୍ ମାରାଥନ ଆୟୋଜିତ ହେବାକୁ ଯାଉଥିବାରୁ ଏଥିନିମନ୍ତେ ରାସ୍ତା ସୂଚୀ ସହ ଯାତାୟାତ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ଅନୁଯାୟୀ ଜାନୁଆରୀ ୨୩ ତାରିଖ (ଶୁକ୍ରବାର) ରାତି ୧୨ ଘଟିକା ଠାରୁ ଜାନୁଆରୀ ୨୪ ତାରିଖ (ଶନିବାର) ସକାଳ ୧୨ ଘଟିକା ପର୍ଯ୍ୟନ୍ତ ସେକ୍ଟର-୬ ବିଏସଏନଏଲ ଛକରୁ ଇସ୍ପାତ ଷ୍ଟାଡିୟମ୍, ଇସ୍ପାତ ଷ୍ଟାଡିୟମ୍ ଠାରୁ ସେକ୍ଟର-୪ ମଧୁବନ ଛକ, ମଧୁବନ




ଛକରୁ ଆମ୍ବାଗାନ ଛକ, ଏୟାରପୋର୍ଟରୁ ଏୟାରପୋର୍ଟ ଛକ ରିଙ୍ଗ୍ ରୋଡ୍ ହୋଇ ଏଷ୍ଟେଟ୍ ଅଫିସ୍ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ରୂପେ ଯାତାୟାତ ପାଇଁ ବନ୍ଦ ରହିବ। କିନ୍ତୁ ଜାନୁଆରୀ ୨୪ ତାରିଖ ସକାଳ ୬ ଘଟିକା ପର୍ଯ୍ୟନ୍ତ ଏବଂ ତା'ପରେ କେବଳ ମେଡିକାଲ୍ ଜରୁରୀକାଳୀନ ପରିସ୍ଥିତି ପାଇଁ ଡିପିଏସ ଛକ, ସେକ୍ଟର-୭/୧୭ ଛକ, ରାଉରକେଲା କ୍ଲବ୍ ଛକ ଏବଂ ସେକ୍ଟର-୫ ମେଣ୍ଟେନାନ୍ସ ବୁଥ୍ ଛକ ରାସ୍ତା ଅତିକ୍ରମ କରିବାକୁ ଅନୁମତି ଦିଆଯିବ। ଏହି ସମୟ ମଧ୍ୟରେ ବିକଳ୍ପ ମାର୍ଗ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯିବା ସହ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିବାକୁ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଅନୁରୋଧ କରାଯାଇଛି।


## ● ଉପଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିସ୍ଥାପିତ ସଂଘର ବିକ୍ଷୋଭ

# ବିସ୍ଥାପିତଙ୍କୁ ଆର୍‌ଏସ୍‌ପିରେ ନିଯୁକ୍ତି ଦାବି



ରାଉରକେଲା, ୨୧।୧(ସମିସ): ବିସ୍ଥାପିତଙ୍କୁ ଆରଏସପିରେ ନିଯୁକ୍ତି ପାଇଁ ବିସ୍ଥାପିତ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ବୁଧବାର ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ମୁତାବକ, ୨୦୧୩ ଫେବୃଆରୀ ୧ ତାରିଖରେ ପଞ୍ଚମ ଆରପିଡିଏସି ବୈଠକରେ ବିସ୍ଥାପିତ ବଢ଼ତି ପରିବାରର ସଦସ୍ୟଙ୍କୁ ୩ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଏହାରି ମଧ୍ୟରେ ଦୀର୍ଘ ୬ ବର୍ଷ ବିତିଗଲା ପରେ ମଧ୍ୟ କାହାରି ଚାକିରି ହୋଇନଥିଲା। ସାଢେ ୬ ବର୍ଷ ବିତିଗଲା ପରେ ୨୦୧୯ ଡିସେମ୍ବର ୨୧ର ଷଷ୍ଠ ଆରପିଡିଏସି ବୈଠକ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଆରପିଡିଏସି ବୈଠକରେ ୧୦୯୮ ଜଣଙ୍କୁ ଯଥାଶୀଘ୍ର ସେଲ୍‌ଫ ବୋର୍ଡରେ ପ୍ରସ୍ତାବ ପାରିତ କରି ନିଯୁକ୍ତି ଦେବା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭିତ୍ତିକରି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏକ ଚିଠି ସଂଖ୍ୟା ୩୯୭୬, ୨୦୨୦ ଡିସେମ୍ବର ୧୨ରେ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଷଷ୍ଠ ଆରପିଡିଏସି ବୈଠକରେ ପାରିତ ହୋଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ସପ୍ତମ ଆରପିଡିଏସି ବୈଠକ ଆୟୋଜନ କରି ନିଯୁକ୍ତି ଦାବି କରାଯାଇଛି। ଏହି ଅବସରରେ ସଭାପତି ଖାଡା କୁଜୁର, ସାଧାରଣ ସମ୍ପାଦକ ପୁଟନ ଖାଲଖୋ, ସହ ସମ୍ପାଦକ ଜୁଗିଆ କୁଜୁର, ଉପଦେଷ୍ଟା ବସନ୍ତ କିସାନ, ଅନିଲ ଲାକ୍ରା, ତିଲ ଲାକ୍ରା ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ସମ୍ପାଦକୀୟ



ନିଜ ଭିତରେ ଥିବା ଦକ୍ଷତା, ଆତ୍ମବିଶ୍ୱାସ ଓ ସମ୍ଭାବନାକୁ ହୃଦୟଙ୍ଗମ କରିପାରିଲେ ଆମେ ଏକ ଉନ୍ନତ ବିଶ୍ୱଗଠନ କରିପାରିବା।

-ଦଲାଇ ଲାମା

ସକାଳ THE SAKALA

## ବାଲିମାଫିଆ ସୂତ୍ରଧରଙ୍କୁ ସୁରକ୍ଷା

ରାଜ୍ୟରେ ଡବଲଇଞ୍ଜିନ ସରକାର କ୍ଷମତାରେ ଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବାଲିମାଫିଆଙ୍କ ଉପରେ ଚଢ଼ଉ କରାଯିବା ନିଶ୍ଚୟ ଏକ ରୋଚକ ଖବର। ଏକଥା ସତ୍ୟ ଯେ ଖଣିଜ ଓ ଲଘୁଖଣିଜ ଚୋରା କାରବାରକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ଅସାମର୍ଥ୍ୟ ପଦାରେ ପଡ଼ିଯାଇଛି। ଏହାପଛରେ ଦଳୀୟ ମନ୍ତ୍ରୀ ଓ ନେତାଙ୍କ ସଂପର୍କ ଥିବାରୁ ସରକାର ଚାପର ବଶବର୍ତ୍ତୀ ହୋଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିଲେ। ରାଜ୍ୟର ଭିଜିଲାନ୍ସ ଓ ଅର୍ଥନୈତିକ ଅପରାଧ ଧରପଗଡ଼ ଦାୟିତ୍ୱରେ ଥିବା ପୁଲିସ ବିଭିନ୍ନ ସରକାରୀ ଅଧିକାରୀଙ୍କ ଦୁର୍ନୀତିପୂର୍ଣ୍ଣ କାରବାର ବିରୋଧରେ କ୍ରମାଗତ ଚଢ଼ଉ ମାଧ୍ୟମରେ ବେଶ ଆଖିଦୃଶିଆ ସଫଳତା ହାସଲ କରିପାରିଛନ୍ତି। ରାଜ୍ୟରେ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଏପ୍ରକାର ଠୋସ କାର୍ଯ୍ୟାନୁଷ୍ଠାନରୁ କ୍ଷମତାସୀନ ସରକାର ପ୍ରଶଂସା ସାଉଁଟି ଚାଲିଥିବା ବେଳେ ବାଲି ସମେତ ଅନ୍ୟ ଲଘୁ ଖଣିଜର ବ୍ୟାପକ ଚୋରା କାରବାରକୁ ରୋକିବାରେ କାହିଁକି ବିଫଳ ହେଲେ? ସାଧାରଣରେ ଏପ୍ରକାର ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଏକ୍ଷେତ୍ରରେ ଆଭ୍ୟନ୍ତରୀଣ ଚାପକୁ ଏଡ଼ାଇ ଯାଇ କିଛି କଠୋର ପଦକ୍ଷେପ ଗ୍ରହଣ କଲେ ସରକାର ଭୁଶୁଡ଼ି ପଡ଼ିବା ଭଳି ଆଶଙ୍କା ଥିବାରୁ ଲଘୁ ଖଣିଜ ମାଫିଆଙ୍କ ଉପରେ ଲଗାମ କଷିବା ସମ୍ଭବ ହେଉ. ନଥିଲା। ସିଏଜି ରିପୋର୍ଟ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ଏହି ଚଢ଼ଉ କରିଥିବା ପ୍ରକାଶ। ରାଜ୍ୟର ଖଣି ରାଜସ୍ୱ କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଆଗାମୀ ବଜେଟରେ ତାହାର ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ଥିବାରୁ ମୁଖ୍ୟମନ୍ତ୍ରୀ ଅନନ୍ୟୋପାୟ ହୋଇ ସବୁଜ ସଂକେତ ଦେଇଛନ୍ତି।

ବ୍ୟବସ୍ଥାଗତ ବିଫଳତା କ୍ଷେତ୍ରରେ ରାଜ୍ୟର ପରାମର୍ଶକ୍ରମେ କେନ୍ଦ୍ରକୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥାଏ। ସଂଘୀୟ ବ୍ୟବସ୍ଥାରେ ପ୍ରଚଳିତ ଏହି ପରମ୍ପରା କେବଳ ଡବଲ ଇଂଜିନ ସରକାର କ୍ଷେତ୍ରରେ ହିଁ କାର୍ଯ୍ୟକାରୀ ହେଉଛି। ଏହାର ପୃଷ୍ଠଭାଗରେ ଅଛି ଦଳୀୟ ଭାବମୂର୍ତ୍ତି। ତେଣୁ ଇଡିକୁ ମଧ୍ୟ ବେଶ ସତର୍କତାରେ ସହ ଚଢ଼ଉ କରିବାକୁ ପଡୁଛି। ଗୁରୁବାର ଗଞ୍ଜାମ ଜିଲ୍ଲାର ୫ଟିରୁ ଅଧିକ ସ୍ଥାନରେ ହୋଇଥିବା ଚଢ଼ଉରୁ କୋଟିକୋଟି ନଗଦ ଟଙ୍କା, ବିପୁଳ ପରିମାଣର ସୁନା ଓ ଜାଲ ଦସ୍ତାବିଜ ଜବତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଫିଆ, ଗ୍ୟାଙ୍ଗଷ୍ଟାର ଓ ବାହୁବଳୀ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା ସେମାନେ ନକଲି ୱାଇଫର୍ମ ବଳରେ ସରକାରୀ ଅଧିକାରୀଙ୍କୁ ଭୁଆଁ ବୁଲେଇ ଏହି କାରବାର କରୁଥିଲେ। ଏକାଧିକ ନଦୀ ଶଯ୍ୟାରୁ ସେମାନେ ନିରଙ୍କୁଶ ଭାବେ ବାଲି ଚୋରାଚାଲାଣ କରୁଥିଲେ। ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଥିଲେ ମଧ୍ୟ ତାହାକୁ ରୋକିବା ସମ୍ଭବ ହେଉ ନ ଥିଲା। ଏହାକୁ ଆମେ ରାଜ୍ୟସରକାରଙ୍କ ଅସାମର୍ଥ୍ୟ କହିପାରିବା। ଆମ ଜାଣିବାରେ ଇଡି ଚଢ଼ଉବେଳେ ଅଥାନରେ ହାତ ମାରିଦେଇଛନ୍ତି। ତାହା ଏବେ ସବୁ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ସକାଶେ ଖଣିମନ୍ତ୍ରୀ ଯେଉଁ ୧୯ ଜଣିଆ ପ୍ରତିନିଧି ମଣ୍ଡଳୀଗଠନ କରିଛନ୍ତି ତାହାର ଅନ୍ୟତମ ସଦସ୍ୟ ଥିବା ସୁନୀଲ ପାତ୍ର ଇଡି ହାତରେ ଧରାପଡ଼ି ଯାଇଛନ୍ତି। ସୁନୀଲଙ୍କ ଚେର କେଉଁଠୁ କେଉଁଯାଏ ଲମ୍ବିଛି ତାହା ଯେ ଇଡି କର୍ତ୍ତୃପକ୍ଷ ଜାଣିପାରି ନଥିବେ ଏକଥା ନୁହେଁ। ତେଣୁ ଆଶାକରାଯାଉଥିଲା ଯେ ସେହି ତଦନ୍ତ ପରିସର ଖଣିମନ୍ତ୍ରୀଙ୍କ ବାସଗୃହ ପର୍ଯ୍ୟନ୍ତ ଆସିବ। ତେଣୁ ଯଦି ବା କେହି ମନ୍ତ୍ରୀଙ୍କ ଇସ୍ତଫା କିମ୍ବା ବରଖାସ୍ତ ଦାବି କରିବ ସେଥିରେ ଆଚମ୍ବିତ ହେବାରେ ନାହିଁ।

ରାଜ୍ୟଲଘୁ ଖଣିଜ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଏବଂ ଗୁରୁଖଣିଜ ରାଜସ୍ୱ ୫୦,୦୦୦ କୋଟି ରୁ ୩୪,୦୦୦ କୋଟିଟଙ୍କାକୁ ହ୍ରାସ ପାଇଥିବାରୁ ସରକାରଙ୍କ ଅସହାୟତା ବାରି ହୋଇପଡୁଛି। ତେଣୁ ଇଡି ଚଢ଼ଉ କେବଳ ଗଞ୍ଜାମ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ଅନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହେବା ଉଚିତ। ଆଗାମୀ ଦିନରେ ଏହା ନେତା ଓ ମାଫିଆଙ୍କ ମଧୁଚନ୍ଦ୍ରିକା ଉପରୁ ପରଦା ହଟାଇବ ବୋଲି ଆଶା ରହିବା ସ୍ୱାଭାବିକ। ●

## ଭାରତ-ଏମିରେଟ ସଂପର୍କ

ଆରବ ଏମିରେଟ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାଏଦଙ୍କ ଭାରତ ଗସ୍ତ ଓ ତାଙ୍କ ସୀମିତ ରହଣି ସତ୍ତ୍ୱେ କୂଟନୈତିକ ସ୍ତରରେ ଯେଉଁ ତତ୍ପରତା ପ୍ରକାଶ ପାଇଛି ତାହା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ପାକିସ୍ତାନ ଓ ସାଉଦୀଆରବ ମଧ୍ୟରେ ପ୍ରତିରକ୍ଷା ସହଯୋଗିତା ଓ ସହଭାଗିତାକୁ ନେଇ ମଧ୍ୟପ୍ରାଚ୍ୟ ଓ ମୁସଲମାନ ରାଷ୍ଟ୍ରଙ୍କ ସ୍ତରରେ ଯେଉଁ ଭାରତ ବିରୋଧୀ ଆଭିମୁଖ୍ୟ ମୁଣ୍ଡ ଟେକିଥିଲା ତାହାକୁ ଶକ୍ତ ଧକ୍କା ଲାଗିଛି। ତୁର୍କୀ ନେତୃତ୍ୱରେ ସାଉଦୀ ଆରବ ଓ ପାକିସ୍ତାନ ଇସଲାମିକ ନାଟୋ ମେଣ୍ଟ ଗଠନ ସକାଶେ ଆରମ୍ଭ ହୋଇଥିବା ପ୍ରୟାସରେ ଭାରତ – ଏମିରେଟ ସଂପର୍କ ପ୍ରମୁଖ ପ୍ରତିବନ୍ଧକ ହେବ ବୋଲି ମନେ କରାଯାଉଛି। ଭାରତର ଏହି ସଫଳ କୂଟନୈତିକ ଗୋଟିଚାଳନା ପାକିସ୍ତାନକୁ ବିବ୍ରତ କରିଛି। ନୂଆଦିଲ୍ଲୀରେ ମୋଦୀ ଓ ଜାଏଦଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ପାକିସ୍ତାନ ମଧ୍ୟ ପ୍ରାଚ୍ୟର ସହଯୋଗୀଙ୍କ ସହ ଭାରତର ଏହି ଭୂମିକା ନେଇ ବିଚାର ବିମର୍ଶ ଆରମ୍ଭ କରିଦେଇଛି।

ଏମିରେଟ ଓ ଭାରତ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଯୋଗିତା ଚୁକ୍ତିନାମା ୨୦୨୨ ରୁ ସ୍ୱାକ୍ଷରିତ ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ସୁଫଳ ଅନୁଭୂତ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୦୦ ବିଲିୟନ ଡଲାର ଛୁଇଁଛି ଏବଂ ଆସନ୍ତା ୬ ବର୍ଷ ମଧ୍ୟରେ ୨୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ପାକିସ୍ତାନ ମଧ୍ୟପ୍ରାଚ୍ୟରେ କ୍ରମେ ନିଜର ଆସ୍ଥାନ ଜମାଇବା ଆରମ୍ଭ କରିଥିବା ବେଳେ ଭାରତ –ଓମାନ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତର ହିନ୍ଦୁସ୍ଥାନ ପେଟ୍ରୋଲିୟମ ସହ ଏମିରେଟର ଏଡିଏନଓସି ଗ୍ୟାସ କମ୍ପାନୀ ଆସନ୍ତା ୧୦ ବର୍ଷ ମଧ୍ୟରେ ୩ ବିଲିୟନ ଏଲଏନଜି ଯୋଗାଇବାକୁ ଚୁକ୍ତିସ୍ୱାକ୍ଷର କରିଛି। ରଣନୀତିକ ପ୍ରତିରକ୍ଷା କ୍ଷେତ୍ରରେ ଅଂଶୀଦାର, ପ୍ରତିରକ୍ଷା ଶିଳ୍ପ ସ୍ତରରେ ସହଯୋଗିତା, ଅତ୍ୟାଧୁନିକ ପ୍ରାଦ୍ୟୋଗିକ ଜ୍ଞାନକୌଶଳ ବିନିମୟ ଓ ପ୍ରଶିକ୍ଷଣ ଭଳି ୯ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ଆରବ ଏମିରେଟରେ ଭାରତର ରପ୍ତାନୀ ବାଣିଜ୍ୟ ଏଥିମଧ୍ୟରେ ୧୩ ରୁ ୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ଭାରତ ପାଇଁ ଏହା ଦ୍ୱିତୀୟ ବୃହତ୍ ରପ୍ତାନି ବଜାର। ଦୁଇନେତାଙ୍କ ମଧ୍ୟରେ ଗୋପନ ଆଲୋଚନାର ରହସ୍ୟ ଉନ୍ମୋଚିତ ହୋଇ ନ ଥିଲେ ମଧ୍ୟ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପଙ୍କ ପକ୍ଷରୁ ଯେଉଁ ଦ୍ୱିତୀୟ ପର୍ଯ୍ୟାୟ ବୃହତ୍ତର କମିଟି ଗଠନ ପ୍ରୟାସ ଆରମ୍ଭ ହୋଇଛି ସେ ସଂକ୍ରାନ୍ତ କିଛି ତଥ୍ୟ ବିନିମୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଇସ୍ରାଏଲ ସହ ଭାରତର ସୁସଂପର୍କ ଦୃଷ୍ଟିରୁ ଏମିରେଟ ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ସଂଯୁକ୍ତ କରାଯାଇପାରେ। ଅନ୍ୟ ଦୃଷ୍ଟିରୁ ବିଚାର କଲେ ମଧ୍ୟପ୍ରାଚ୍ୟରେ ପାକିସ୍ତାନ ଓ ଚୀନ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁଥିବା ବେଳେ ଭାରତ ପାଇଁ ଏମିରେଟର ଏହି ସଂପର୍କ ସହାୟକ ହୋଇପାରେ। ●

# ଅହଂକାର ଓ ଅମୂଲ୍ୟ ଜୀବନ

ମୀରା ବେଉରା

ଥରେ ଜଣେ ଦାର୍ଶନିକଙ୍କୁ ପଚରା ଯାଇଥିଲା ଆପଣ ଦିନଗୁଡ଼ିକ କିପରି କାଟନ୍ତି? ଦାର୍ଶନିକ ଅତି ସହଜ ଓ ସରଳ ଉତ୍ତରଟିଏ ଦେଇ କହିଥିଲେ ମୁଁ ଦିନରେ ଚବିଶ ଘଣ୍ଟା ବଞ୍ଚେ ଓ ମରେ। ଏହାକୁ ସରଳରେ ବୁଝାଇବାକୁ ଯାଇ ଦାର୍ଶନିକ କହିଥିଲେ ମୁଁ ଭଲଭାବେ ଜାଣେ ଯେ ପ୍ରତିଦିନ ମୋର ଆୟୁଷରୁ ଚବିଶ ଘଣ୍ଟା କମି ଯାଉଛି। ତେଣୁ ମୁଁ ପ୍ରତିଦିନ ଚବିଶ ଘଣ୍ଟା ମରେ। ଏହା ମୁଁ ଜାଣେ ମୋର ଆସନ୍ତାକାଲି ଆୟୁଷ ପୂର୍ଣ୍ଣ ହୋଇପାରେ। ତେଣୁ ମୁଁ ଆଜିର ଚବିଶ ଘଣ୍ଟା ପରମପିତା ଈଶ୍ୱରଙ୍କ ବିଚିତ୍ର ସୃଷ୍ଟିର ରହସ୍ୟ ଜାଣିବା ନିମନ୍ତେ ଉପଯୋଗ କରେ। ତେଣୁ ପ୍ରତିଟି ଘଣ୍ଟା ମୁଁ ବଞ୍ଚୁଛି ବୋଲି ଅନୁଭବ କରିଥାଏ।

ଏ ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଆମେ ସମସ୍ତେ ଜାଣୁ ଜୀବନ କ୍ଷଣସ୍ଥାୟୀ। ଏହି ମରଣଶୀଳ ଭୌତିକ ପୃଥିବୀରେ କେବଳ ମୃତ୍ୟୁ ହିଁ ଚିରନ୍ତନ ସତ୍ୟ। ଆଉ ସବୁ ମିଥ୍ୟା। ତଥାପି ଆମେ ପ୍ରତିମୁହୂର୍ତ୍ତରେ ଆହୁରି ଆହୁରି ଜୀବନକୁ ବିଳାସବ୍ୟସନରେ ପୂର୍ଣ୍ଣ କରି ଚିରକାଳ ବଞ୍ଚିବାକୁ ଚାହୁଁ। ଅନେକ ଅହଙ୍କାର ମନରେ ଆଣୁ। ସବୁ ମୋର ମୋର ବୋଲି କହୁ। ମନରେ ଔଦ୍ଧତ୍ୟ ଅହଂକାର ଆଣୁ। ଆମେ ଭୁଲିଯାଉ ଆମେ କେଉଁଠାରୁ ଆସିଛୁ ପୁଣି କେଉଁଠାକୁ ଫେରିଯିବୁ। ଏ କାରୁକାର୍ଯ୍ୟମୟ ରାଜମହଲ, ରାଜପ୍ରାସାଦ, ଏ ସୌନ୍ଦର୍ଯ୍ୟପୂର୍ଣ୍ଣ ସହର, ଏ କାରୁକାର୍ଯ୍ୟପୂର୍ଣ୍ଣ ତୁଳିକା ଶଯ୍ୟା- ସବୁକିଛି ମୋତେ ଛାଡ଼ି ଯିବାକୁ ହେବ। 'ଏସିଆର ଆଲୋକ' ଗୌତମ ବୁଦ୍ଧ ଜୀବନରେ ସତ୍ୟତାକୁ ବୁଝିଥିଲେ ବୋଲି ତ ସତ୍ୟର ସନ୍ଧାନ ପାଇଁ ଅହିଂସା ମାର୍ଗରେ ଯାଇ ଈଶ୍ୱର ପ୍ରାପ୍ତି ପାଇଁ ତପସ୍ୟା କରିଥିଲେ। ସବୁ ଐଶ୍ୱର୍ଯ୍ୟକୁ ତ୍ୟାଗ କରି ଜ୍ଞାନପ୍ରାପ୍ତ ହୋଇଥିଲେ। ସେ ବୁଝିଥିଲେ ଏ ସବୁ ଅଳୀକ, କ୍ଷଣସ୍ଥାୟୀ।

ପ୍ରତି ମୁହୂର୍ତ୍ତରେ ଆମ ମନକୁ ଅନେକ ବିଷୟ ଆସେ। ମନକୁ ଅସ୍ତବ୍ୟସ୍ତ କରେ। ପ୍ରତି ମୁହୂର୍ତ୍ତରେ ଆମେ ଅନ୍ୟକୁ ତଳେ ପକାଇ ଅହଂକାର ବଶତଃ ତା'କୁ ନ୍ୟୂନ ଦେଖାଇ କଳେବଳେକୌଶଳେ ତା'କୁ ଶାସନ କରିବାକୁ ଚାହିଁଥାଉ। ତା'ର ସ୍ୱାଭିମାନକୁ ଦଳି ଚକଟି ଲହୁଲୁହାଣ କରିଦେବାକୁ ମଧ୍ୟ ଭୁଲି ନଥାଉ। ଏଇଠି ମନେ ପଡ଼ନ୍ତି ଗ୍ରୀକ ବୀର ଆଲେକଜାଣ୍ଡର। ସମଗ୍ର ପୃଥିବୀକୁ ଜୟ କରିସାରିବା ପରେ ଆଲେକଜାଣ୍ଡର ଥରେ ଜଣେ ସାଧୁଙ୍କ କୁଡ଼ିଆ ଆଗରେ ଯାଇ ଛିଡ଼ା ହେଲେ। ଭାବିଥିଲେ ସାଧୁ ଜଣକ ତାଙ୍କୁ ଭୁରି ଭୁରି ପ୍ରଶଂସା କରିବେ। କିନ୍ତୁ ସାଧୁ ତତ୍‌କ୍ଷଣାତ୍ ତାଙ୍କୁ ତାଙ୍କ ସମ୍ମୁଖରୁ ଟିକିଏ ହଟି ଯିବାକୁ କହିଲେ ଏବଂ ସେ ହଟିଲେ ତାଙ୍କ ଉପରେ ଖରାଟିକିଏ ପଡ଼ିବ ବୋଲି କହିଲେ। ପରେ ଆଲେକଜାଣ୍ଡର ନିଜର ଭୁଲ ବୁଝି ପାରିଥିଲେ। ପୁଣି ଯେତେବେଳେ ଆଲେକଜାଣ୍ଡର ହାଇଡାସ୍‌ପିସ ଯୁଦ୍ଧରେ ପୁରୁ ରାଜାଙ୍କୁ ହରାଇ ଦେଇ ତାଙ୍କ ମସ୍ତକ ଉପରେ ଖଣ୍ଡା ରଖି ପଚାରିଥିଲେ 'ଆପଣ ତ ଏବେ ପରାଜିତ। କୁହନ୍ତୁ ମୋ ଠାରୁ ଆପଣ କ'ଣ ଆଶା କରୁଛନ୍ତି?' ପୁରୁ ରାଜା ଦମ୍ଭ ଓ ସ୍ୱାଭିମାନର ସହିତ ଉତ୍ତର ଦେଇଥିଲେ- 'ଜଣେ ରାଜା ଅନ୍ୟ ଜଣେ ରାଜାଙ୍କଠାରୁ ଯେଉଁଭଳି ସମ୍ମାନ ଆଶା କରେ, ମୁଁ ଠିକ୍ ସେହିଭଳି ସମ୍ମାନ ଆଶା କରୁଛି।' ସେଇଠି ଆଲେକଜାଣ୍ଡର ନିଜର ଅହଂକାର ଓ ଅହମିକାକୁ ବୁଝି ପାରିଥିଲେ। ଆଜିର ସଭ୍ୟ ମଣିଷ ଚନ୍ଦ୍ରରେ ପାଦ ଥାପିଛି, ମଙ୍ଗଳ ଗ୍ରହରେ ଜଳର ସନ୍ଧାନ କରି ଜୀବନ ସହ ସେଠାରେ ବଞ୍ଚିବା ପାଇଁ ପ୍ରୟାସ କରୁଛି; ଅଥଚ ଜୀବନର ପ୍ରକୃତ ସତ୍ୟତାକୁ ଉପଲବ୍ଧି କରିପାରୁନି କାହିଁକି?

ଶେଷରେ ଆଲେକଜାଣ୍ଡର ଜୀବନର ସତ୍ୟତାକୁ ଉପଲବ୍ଧି କରି କହି ଯାଇଥିଲେ ଯେ ଯଦିଓ ସେ ସମଗ୍ର ବିଶ୍ୱକୁ ଜୟ କରିଥିଲେ, କିନ୍ତୁ ମୃତ୍ୟୁ ପରେ ତାଙ୍କୁ ଶବାଧାରରେ ନେଲା ବେଳେ ତାଙ୍କ ଦୁଇ ହାତକୁ ଝୁଲାଇ ଖୋଲା ହସ୍ତରେ ଦେଶବାସୀ ତାଙ୍କୁ ବିଦାୟ ଦେବେ। ଯେପରି ସମସ୍ତେ ଦେଖିବେ ମୁଁ ଖାଲି ହାତରେ ଆସିଥିଲି ଓ ଖାଲିହାତରେ ଫେରିଯାଉଛି। ଆଉ ପୁଣି କହି ଯାଇଥିଲେ ଯେ ମୁଁ ଯେତେ ଧନ, ସମ୍ପତ୍ତି, ସ୍ୱର୍ଣ୍ଣାଳଙ୍କାର ଅର୍ଜନ କରିଛି ତା'କୁ ମୋ କବର ପର୍ଯ୍ୟନ୍ତ ବିଛାଇଦେବ।

ତଥାପି ଆଶ୍ଚର୍ଯ୍ୟ ଲାଗେ ସର୍ବତ୍ର ସେହି 'ମୁଁ'କାରରେ ପ୍ରତିଧ୍ୱନି। ଏ 'ମୁଁ' କାର କାହିଁକି? ଏହି 'ମୁଁ' ହିଁ ଗର୍ବ ଓ ଅହଂକାରର ପ୍ରତୀକ। ମଣିଷ ଭୁଲିଯାଏ ଯେ ସେ ଅଣୁଠାରୁ ମଧ୍ୟ ଆହୁରି ଛୋଟ। ଅହଂକାର ମଣିଷକୁ ପଶୁତ୍ୱ ଦିଗକୁ ନେଇଯାଏ। ଏହି ଅହଂକାର ହିଁ ବିବେକହୀନ ମଣିଷର ଆସ୍ପର୍ଦ୍ଧା ଓ ପତନର କାରଣ। ଆମେ ଏକଥା କଦାପି ବିସ୍ମରି ଯିବା ଉଚିତ ନୁହେଁ ଯେ ଆମ ସମସ୍ତଙ୍କର ସାମର୍ଥ୍ୟର ଉତ୍ସ ହେଉଛି କେବଳ ଦୈବୀଶକ୍ତି। ସେହି ଦୈବୀଶକ୍ତି ବିନା ବୃକ୍ଷରୁ ପତ୍ରଟିଏ ମଧ୍ୟ ଝଡ଼ିପାରେ ନାହିଁ। 'ମୁଁ' ଭାବ ରୂପୀ ଅହଂକାରର ବିନାଶ ନଘଟିଲେ କୌଣସି ଦିବ୍ୟ ଅନୁଭବ ସମ୍ଭବ ନୁହେଁ।

ଅହଂକାରକୁ ଲୋପ କରିବାକୁ ହେଲେ ଅନ୍ୟକୁ ପ୍ରାଣଭରି ଭଲ ପାଇବାକୁ ହେବ। ଯେଉଁ ଭଲ ପାଇବାରେ କି କୌଣସି ସ୍ୱାର୍ଥ ଓ ଛଳନା ନଥିବ। ତେବେ ଯାଇ ଦିବ୍ୟଜ୍ଞାନ ପ୍ରାପ୍ତ ହେବ। ଅହଂକୈନ୍ଦ୍ରିକ ଇଚ୍ଛା ସାଧାରଣତଃ କାମନା ଆଶ୍ରିତ। ସେ ନିଜେ ହିଁ କର୍ତ୍ତା ଓ ଭୋକ୍ତା। 'ମୁଁ' ତ୍ୱର କ୍ଷୁଦ୍ର ସ୍ୱାର୍ଥ ଦ୍ୱାରା ମଣିଷ ନିଜେ ହିଁ ନିଜକୁ ଖୁବ୍ ପ୍ରତାରଣା କରେ। ସେ ଅହରହ ନିଜର କ୍ଷୁଦ୍ର ସ୍ୱାର୍ଥ ପାଇଁ ଜଗତର ସ୍ୱାର୍ଥକୁ ବଳି ଚଢ଼ାଏ। ଅହଂକାରୀ ବ୍ୟକ୍ତି ଭୁଲିଯାଏ ଯେ - 'ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡୋରି, ନିଜ ଭାଗ୍ୟ ଡୋରି କାଳ ହସ୍ତେ ଏହା ପକାନ୍ତି ହେଳେ ପାଶୋରି।'

ଜୁଳୁଜୁଳିଆ ପୋକ ମନେକରେ ସେ ଜଗତକୁ ଆଲୋକ ପ୍ରଦାନ କରୁଛି, କିନ୍ତୁ ସେ ଭୁଲିଯାଏ ଯେ ସେ ସାମାନ୍ୟ ଗୋଟିଏ କୀଟଟିଏ ବୋଲି। ଯେତେବେଳେ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଆକାଶରେ ଦେଖା ଯାଆନ୍ତି ଅନ୍ୟ ନକ୍ଷତ୍ରଗଣ ଆକାଶରେ ମ୍ଳାନ ପଡ଼ିଯାଆନ୍ତି। କିନ୍ତୁ ପୂର୍ବାକାଶରେ ଯେତେବେଳେ ସୂର୍ଯ୍ୟ ଉଦୟ ହୁଏ ନିମିଷକରେ ଚନ୍ଦ୍ରର ଅହଂକାର ମ୍ଳାନ ପଡ଼ିଯାଏ। ରାମକୃଷ୍ଣ ପରମହଂସ ମଧ୍ୟ କହିଥିଲେ ଅହଂକାର ହେଉଛି ମଣିଷ ଜାତିର ଏକ ଦିବ୍ୟଚେତନା।

ଛଦ୍ମବେଶୀ ବ୍ରହ୍ମାଙ୍କୁ ଜାଣିବା ପାଇଁ ଦେବଗଣ ପ୍ରଥମେ ଅଗ୍ନିଙ୍କୁ ଓ ପରେ ବାୟୁଙ୍କୁ ପଠାଇଥିଲେ। ବ୍ରହ୍ମା ପ୍ରଥମେ ଅଗ୍ନିଙ୍କୁ ଓ ପରେ ବାୟୁଙ୍କୁ ତାଙ୍କର ଶକ୍ତି ଓ ସାମର୍ଥ୍ୟ ବିଷୟରେ ପଚାରିଲେ। ଅଗ୍ନି କହିଲେ 'ମୁଁ ଚାହିଁଲେ ନିମିଷକେ ପୃଥିବୀ ଓ ପୃଥିବୀର ସକଳପଦାର୍ଥକୁ ଜାଳି ପୋଡ଼ି ଭସ୍ମ କରିଦେବି। ବ୍ରହ୍ମା ଏକ ଶୁଷ୍କତୃଣ ରଖି ତା'କୁ ପୋଡ଼ିବାକୁ କହିଲେ। ଅଗ୍ନିଦେବ ସକଳ ଶକ୍ତି ପ୍ରୟୋଗ ସତ୍ତ୍ୱେ ସମର୍ଥ ହୋଇ ନଥିଲେ। ପରେ ବାୟୁ ଦେବ ଠିକ ସେହିପରି ଖଣ୍ଡେ ଶୁଷ୍କ ତୃଣକୁ ଉଡ଼ାଇବାରେ ଅସମର୍ଥ ହୋଇଥିଲେ। ଦୁହେଁ ବାୟୁ ଓ ଅଗ୍ନି କେହି ସମର୍ଥ ହୋଇ ନଥିଲେ। ପରେ ଯେତେବେଳେ ଇନ୍ଦ୍ର ଯକ୍ଷଙ୍କର ପରିଚୟ ଜାଣିବା ପାଇଁ ଗଲେ ଯକ୍ଷ କିନ୍ତୁ ସଙ୍ଗେ ସଙ୍ଗେ ଅନ୍ତର୍ଦ୍ଧାନ ହୋଇଗଲେ। ଇନ୍ଦ୍ର ଯକ୍ଷଙ୍କ ଅଲୌକିକ ମହିମାକୁ ଜାଣି ପାରିଥିଲେ। ଇନ୍ଦ୍ରଙ୍କର ଅହଂକାର ନଥିଲା କି ଔଦ୍ଧତ୍ୟ ନଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଭୂମିରୁ ଭୂମା ପର୍ଯ୍ୟନ୍ତ, ତୃଣରୁ ନକ୍ଷତ୍ର ପର୍ଯ୍ୟନ୍ତ ଏ ବିଶ୍ୱର ପ୍ରତିଟି ଧୂଳିକଣା ମଧ୍ୟରେ ଅହଂକାର ବା 'ମୁଁ'କାର ବିଦ୍ୟମାନ। ଅହଂକାରକୁ ଦୂରେଇ ଦେଲେ ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ମଧୁର, ସୁନ୍ଦର, ଶୋଭାମୟ, ଶିବମୟ ହୋଇଯିବ। ●

କଟକ, ମୋ: ୭୮୪୬୯୨୧୪୦୦

## ଦେଶର ପ୍ରଗତିରେ ଜନଜାତିଙ୍କ ଭୂମିକା

ରାଜସ୍ମିତା ବାରିକ୍

ଧରିତ୍ରୀ ମାତାର ସୁପୁତ୍ର ଓ ସୁକନ୍ୟା ରୂପେ ଜନଜାତି ବର୍ଗ ପରିଚିତ। ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ହେଉ ଅବା ସ୍ୱାଧୀନତା ସଂଗ୍ରାମରେ ଜନଜାତିଙ୍କ ଭୂମିକା ଅବିସ୍ମରଣୀୟ। ଜନଜାତି ସମ୍ପ୍ରଦାୟର ସଂସ୍କୃତି, ପ୍ରଥା ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ସେମାନଙ୍କର କର୍ମ ତାଙ୍କୁ ଆଜି ବିଶ୍ୱମାନସରେ ପରିଚିତ କରାଇଛି।

ଭଗବାନ ବିର୍ସାମୁଣ୍ଡାଙ୍କଠାରୁ ସହିଦ ଲକ୍ଷ୍ମଣ ନାୟକଙ୍କ ଯାଏଁ ଅନେକ ବିପ୍ଲବୀ ନେତୃତ୍ୱଙ୍କ ଜୀବନୀ ଆମ ପାଇଁ ଆଦର୍ଶ। ସେହିପରି 'ଚିପକୋ' ଆନ୍ଦୋଳନ ହେଉ ଅବା 'ଅପିକୋ' ଆନ୍ଦୋଳନ ସମୟରେ ଜନଜାତିବର୍ଗର ମହିଳାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସାମ୍ପ୍ରତିକ ସମୟରେ ଆମ ମୟୂରଭଞ୍ଜ ମାଟିର ତିନି ଜଣ ବ୍ୟକ୍ତିତ୍ୱ ଏହାର ଜ୍ୱଳନ୍ତ ଉଦାହରଣ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଜାମ୍ମୁକାଶ୍ମୀରର ପ୍ରଥମ ଉପରାଜ୍ୟପାଳ ତଥା ପୂର୍ବତନ ସିଏଜି ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ମୁର୍ମୁ ଏବଂ ଡେପୁଟି ଗଭର୍ଣ୍ଣର ଭାବେ ଆରବିଆଇରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ଶିରୀଶ ଚନ୍ଦ୍ର ମୁର୍ମୁ। ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହିଳା ସଂଘର୍ଷ ଓ ସଶକ୍ତୀକରଣର ପ୍ରତୀକ ହୋଇଥିଲା ବେଳେ ଗିରୀଶ ଚନ୍ଦ୍ର ମୁର୍ମୁ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିବା ଦିଗରେ ବ୍ୟାପକ ନେତୃତ୍ୱ ନେବା ସହ ବର୍ତ୍ତମାନ ଶ୍ରୀମନ୍ଦିର ଶୃଙ୍ଖଳା କମିଟିର ଅଧ୍ୟକ୍ଷ ଭାବେ ଭକ୍ତ ଓ ସେବାୟତଙ୍କ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଶିରୀଶ ଚନ୍ଦ୍ର ମୁର୍ମୁ ଦେଶର ବିତ୍ତୀୟ ଅଭିବୃଦ୍ଧି ଓ ପ୍ରଗତି କ୍ଷେତ୍ରରେ ନିଜର ପ୍ରତିଭାକୁ ବିନିଯୋଗ କରୁଛନ୍ତି।

ଓଡ଼ିଶାର ଅଗ୍ରଣୀ ଜନଜାତି ନେତା ରୂପେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଦେଶର ଜନଜାତି ବର୍ଗଙ୍କ ସଶକ୍ତୀକରଣ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶ ପାଇଁ ଅହରହ ପରିଶ୍ରମ କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଆ ହକି ତାରକା ଦିଲ୍ଲୀପ ତିର୍କୀ, ବୀରେନ୍ଦ୍ର ଲାକ୍ରା, ଫୁଟବଲ ଖେଳାଳି ବାଇଚୁଙ୍ଗ ଭୁଟିଆ ଭଳି କ୍ରୀଡ଼ାପ୍ରତିଭା ଆମ ଦେଶର ନାମକୁ ଉଜ୍ଜ୍ୱଳ କରିଛନ୍ତି। ସଦ୍ୟ ସମାପ୍ତ ପ୍ରଥମ ମହିଳା ଦୃଷ୍ଟିବାଧିତ ବିଶ୍ୱକପ ବିଜେତା ଭାରତୀୟ ଦଳରେ ସାମିଲ ଓଡ଼ିଆ ଖେଳାଳି ଫୁଲ ସୋରେନ, ବାସନ୍ତୀ ହାଁସଦା, ପାର୍ବତୀ ମାର୍ଣ୍ଡି ଓ ଯମୁନାରାଣୀ ଟୁଡୁଙ୍କ ଖ୍ୟାତି ଆମ ସମସ୍ତଙ୍କୁ ଗୌରବାନ୍ୱିତ କରିଛି।

କନ୍ଧମାଳ ଜିଲ୍ଲାର ସିମବାଲି ଗ୍ରାମର ଯୁବ ବୈଜ୍ଞାନିକ ଅଭିମନ୍ୟୁ ମଲ୍ଲିକ ଇସ୍ରୋରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। ଜୈବିକ କୃଷି ଦ୍ୱାରା ସମାଜରେ ବିପ୍ଳବ ଆଣିଥିବା କୋରାପୁଟ ଜିଲ୍ଲାର ମହିଳା ଚାଷୀ ଓ ବିଜ୍ଞାନୀ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଅବଦାନ ଯୁବ କୃଷିବିଜ୍ଞାନୀଙ୍କ ପାଇଁ ପ୍ରେରଣା। ବଲାଙ୍ଗିଘାରୁ ବର୍ଲିନ ଯାଏଁ ନିଜର ସଂଘର୍ଷମୟ ଜୟଯାତ୍ରା ଦ୍ୱାରା ଓଡ଼ିଶାର ଘରେ ଘରେ ପରିଚିତ ଯୁବ ବୈଜ୍ଞାନିକ ଶେଷ କିଷାନଙ୍କ ଜୀବନୀ କାହାକୁ ଅଛପା ନାହିଁ? ପଣ୍ଡିତ ରଘୁନାଥ ମୁର୍ମୁଙ୍କ 'ଅଲଚିକି ଲିପି'ଠାରୁ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ପର୍ଯ୍ୟନ୍ତ ଅଗଣିତ ସାରସ୍ୱତ ସାଧକଙ୍କ ଅବଦାନ ଅବିସ୍ମରଣୀୟ।

ଛଉ, ଡେମସା, ଦଣ୍ଡାହୁଲିଆ, ଢାପ ନୃତ୍ୟ, ଦାସାୟାଁ ନୃତ୍ୟ, ଦଣ୍ଡନୃତ୍ୟଠୁ ଆରମ୍ଭ କରି ସମରକଳା ନୃତ୍ୟ କ୍ଷେତ୍ରରେ ଜନଜାତିଙ୍କ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ। ସେମାନଙ୍କ ବୟନ ଶିଳ୍ପ ଏବେ ବିଶ୍ୱବଜାରରେ ବହୁଳ ଆଦୃତ। ଆଦିବାସୀଙ୍କ ମୌଳିକ ଖାଦ୍ୟ ମାଣ୍ଡିଆ ଏବେ ଶ୍ରୀଅନ୍ନ ରୂପେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ। ସଉରାମାନଙ୍କ ଚିତ୍ରକଳା ଇଡିତାଲ୍ ବିଭିନ୍ନ ମେଟ୍ରୋ ସହରର ବିଳାସମୟ ଅଟ୍ଟାଳିକାର କାନ୍ଥରେ ଶୋଭାବର୍ଦ୍ଧନ କରୁଛି। ଏବେ ସମୟ ଆସିଛି ଆମେ ସେମାନଙ୍କର ମୌଳିକ କଳାକୃତିକୁ ବିଶ୍ୱଦରବାରରେ ଆହୁରି ପ୍ରଚାର ପ୍ରସାର କରି ଆମ ରାଜ୍ୟର ଗୌରବ ବର୍ଦ୍ଧନ କରିବା ଆବଶ୍ୟକ। ●

ନୀଳଗିରି(ବାଲେଶ୍ୱର), ମୋ: ୭୦୭୭୨୦୩୬୭୬

## ଭବିଷ୍ୟତ-ଅଙ୍କୁରାରୋପଣ

ଡ:ପ୍ରସନ୍ନ କୁମାର ଗନ୍ତାୟତ

ଆଧୁନିକ ଜୀବନରେ ବ୍ୟସ୍ତବହୁଳତା ମଧ୍ୟରେ ଚାପ ଆଉ ଚିନ୍ତା ଅବାଞ୍ଛିତ ସାଥୀ। ତେଣୁ ମାନସିକ ସୁସ୍ଥତାକୁ ପୋଷଣ କରିବାର ପ୍ରଭାବଶାଳୀ ଉପାୟ ଖୋଜିବା ଜରୁରୀ। ଏହି ଉପାୟ ଯେ ଏକ ବିହନରେ ଲୁଚି ରହିଛି ତାହା ଆମେମାନେ ବୋଧହୁଏ ଲକ୍ଷ୍ୟ କରିନାହୁଁ କିମ୍ବା ଗୁରୁତ୍ୱ ଦେଇନାହୁଁ। ଏକ ଛୋଟ ବିହନରୁ ଉଦ୍ଭିଦ ପର୍ଯ୍ୟନ୍ତ ଯାତ୍ରାରେ ସଫଳତାର ଏକ ଶକ୍ତିଶାଳୀ ମନ୍ତ୍ର ରହିଛି। ଏହା ଆମ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରେ ଏବଂ ପ୍ରେରଣାଦାୟୀ ହୁଏ। ଆଶାର ବିହନଟିଏ ଆମ ମନ ଭିତରେ ରୋପଣ କଲେ ନିଶ୍ଚିତ ଭାବରେ ତାହା ବିଭିନ୍ନପ୍ରକାର ନକାରାତ୍ମକ ମନୋଭାବକୁ ପ୍ରତିହତ କରେ। ସେହିପରି ବିହନ ରୋପଣରେ ନିୟମିତ ଅଳ୍ପ ସମୟ ଉତ୍ସର୍ଗ କରି ଏକ ସଂଗଠିତ ଅଭ୍ୟାସ ମନକୁ ସ୍ଥିରତା ପ୍ରଦାନ କରେ।

ବିହନ ଅଙ୍କୁରିତ ହୋଇ ଉଦ୍ୟାନ କିମ୍ବା ଜଙ୍ଗଲ ସୃଷ୍ଟି କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରଭାବଶାଳୀ ଉପାଦାନ, ଯାହା ଚାପ ହ୍ରାସ, ମନୋଭାବ ଉନ୍ନତି ଓ ସଚେତନତା ପ୍ରଦାନ କରେ। ଏହା ଆମକୁ ପ୍ରକୃତି ସହିତ ସଂଯୋଗ ଏବଂ ଧୈର୍ଯ୍ୟକୁ ପ୍ରୋତ୍ସାହିତ କରେ। ଏକ ଛୋଟ ବିହନ, ଆଲୋକ କିମ୍ବା ଅନ୍ଧାରକୁ ଭୟ କରେ ନାହିଁ, ବରଂ ବଢ଼ିବା ପାଇଁ ଉଭୟକୁ ବ୍ୟବହାର କରେ। ବିହନ ଗଜା ହେବା ସଫଳତାକୁ ସୂଚାଏ, ଆତ୍ମସମ୍ମାନ ବୃଦ୍ଧି କରେ ଏବଂ ଆଗାମୀ ପିଢ଼ି ପାଇଁ ଆଶାରୋପଣ କରାଇ ସ୍ୱପ୍ନକୁ ପୋଷଣ କରେ। ଏକ କ୍ଷୁଦ୍ର, ସୁପ୍ତ ବିହନ ଏକ ସଫଳ ଚାରାରେ ପରିଣତ ହେବା ଦ୍ୱାରା ଏକ ସ୍ପଷ୍ଟ ସଫଳତା ଓ ସୃଜନଶୀଳତାର ଭାବନା ମିଳିଥାଏ।

ପ୍ରତ୍ୟେକ ବିହନରେ ଏକ ବିଶାଳ ଜଙ୍ଗଲର ପ୍ରତିଶ୍ରୁତି ଥାଏ। ଏହାର ବୃଦ୍ଧି ଦେଖିବା ଓ ଶାରୀରିକ ଭାବେ ନିୟୋଜିତ ହେବା ଦ୍ୱାରା ଚିନ୍ତାରୁ ବିରତି ମିଳିବା ଭଳି ଅନୁଭବ ହୁଏ। ଛାତ୍ରଛାତ୍ରୀଙ୍କର ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ଶୈକ୍ଷିକ ସଫଳତା ଜୀବନ ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଭାବ ପ୍ରବଣତା, ମାନସିକ, ସାମାଜିକ ଓ ପାରିବାରିକ ଭଳି ଚାପ ଦ୍ୱାରା ବିପଦଗ୍ରସ୍ତ। ତେବେ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ସହାୟକ ପରିବେଶ। ଏହା କିଛି ସମ୍ଭାବନା ହାସଲ ସହ ସ୍ଥିରତା ସୃଷ୍ଟି କରିବା ସାହାଯ୍ୟ କରେ। ଏକ ଆଶାର ବିହନରେ ଏକ ଭବିଷ୍ୟତ ସୃଷ୍ଟି କରିବାର ଦୃଷ୍ଟାନ୍ତ ଥାଏ। ଏହି ପ୍ରକ୍ରିୟା ପ୍ରାକୃତିକ ଜୀବନଚକ୍ର ସହିତ ଏକ ଗଭୀର ସଂଯୋଗକୁ ପ୍ରୋତ୍ସାହିତ କରେ ଏବଂ ନିଃସଙ୍ଗ ଭାବନାର ମୁକାବିଲା କରିବା ସହ ଏକ ସକାରାତ୍ମକ ଭାବନା ଗଠନ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ରକ୍ରିୟା ପୁଣି ବୁଝାଇଥାଏ ଯେ ଛୋଟଛୋଟ କାର୍ଯ୍ୟ ମଧ୍ୟ ସମୟ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ।

ତେବେ ଆସନ୍ତୁ ଦୟା ଓ ପରୋପକାରର ବିହନ ବୁଣି ଏକ ପ୍ରେମର ଉଦ୍ୟାନ ବା ଜଙ୍ଗଲ ସୃଷ୍ଟି କରିବା। ବିହନ ରୋପଣକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅଭ୍ୟାସରେ ପରିଣତ କରିବା। ବିହନ ରୋପଣ ଏକ ଛୋଟ ପରିବର୍ତ୍ତନ ହୋଇପାରେ; କିନ୍ତୁ ଏହା ଏକ ବଡ଼ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟାଏ। ଆଉ ଜ୍ଞାନାତ୍ମକ ସୁସ୍ଥତା ବୃଦ୍ଧି ପାଇଁ ଏକ ସବୁଜ ପଥ ପ୍ରଦାନ କରିପାରେ। ବିହନ ଅଙ୍କୁରିତ ହୋଇ ସତେଯେମିତି ଆମକୁ କହେ - 'ବିଶ୍ୱାସ କର, ଧ୍ୟାନ ଦିଅ, ହାସଲ କର - ତୁମର ସମୟ ଆସୁଛି। ଆଗକୁ ବଢ଼ିଚାଲ। ପ୍ରୟାସ ସବୁକିଛି ବଦଳାଇ ଦେଇଥାଏ। ସବୁବେଳେ ଅଙ୍ଗୀକାରବଦ୍ଧ ରୁହ।' ●

(ପ୍ରାକ୍ତନ ଅଧ୍ୟକ୍ଷ) ରାୟଗଡ଼ା
ମୋ: ୮୨୪୯୪୨୫୫୫୧

## ଶବ୍ଦ-ସ୍ଥପତି: କଳିଙ୍ଗଶିଳ୍ପୀ ରାଜକିଶୋର ରାୟ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜକିଶୋର ରାୟଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା କବିତା ରଚନାରୁ। 'ଦୀପାଳି' ନାମକ ସଂକଳନରେ ତାଙ୍କ ବିଦଗ୍ଧ କବିପ୍ରାଣର ପ୍ରକାଶ କି ବର୍ଣ୍ଣିଳ ଓ ଭାବାର୍ଦ୍ର!! କବିତା ସୃଷ୍ଟିରୁ ସେ ଆସନ୍ତି ଗଳ୍ପ ସର୍ଜନାର ଭୂମିକୁ। ମାତ୍ର କବିପ୍ରାଣଟିକୁ ସେ କ'ଣ ବିସର୍ଜନ ଦେଇ ପାରିଛନ୍ତି? ତାହା ସମ୍ଭବ ହୋଇନାହିଁ। ହୋଇପାରେ ନାହିଁ। ପୁଣି ତାଙ୍କ ବ୍ୟକ୍ତିତ୍ୱ ଥିଲା କି ନାଟକୀୟ! ସେ ଅନେକ ଗଳ୍ପରଚନା କରି ଓଡ଼ିଆ ଗଳ୍ପକୁ ନେଇଯାଇ ପାରିଛନ୍ତି ଏକ କାବ୍ୟିକ ପୁଣି ନାଟକୀୟ ସ୍ତରକୁ।

ଓଡ଼ିଆ ଗଳ୍ପର ଅନୁରାଗୀ ପାଠକଙ୍କ ଅନ୍ତରରେ ରାଜକିଶୋର ରାୟଙ୍କ ରଚିତ 'କଳିଙ୍ଗ ଶିଳ୍ପୀ' ଗଳ୍ପ ଏପର୍ଯ୍ୟନ୍ତ ଯେଅମ୍ଳାନଜ୍ୟୋତିରେ ଭାସ୍ୱର - ଏହା ପ୍ରମାଣର କୌଣସି ଅପେକ୍ଷା ରଖେ ନାହିଁ। ବିଷୟ ପରିକଳ୍ପନା, ଉପସ୍ଥାପନ ଶୈଳୀ, ଶବ୍ଦନିର୍ମାଣ, ଚରିତ୍ର ଚିତ୍ରଣ- ସବୁଦୃଷ୍ଟିରୁ ଗଳ୍ପଟି ଏପରି ରସୋତ୍ତୀର୍ଣ୍ଣ ହୋଇଛି ଯେ, ତାହା ବାରମ୍ବାର ପାଠ କରିବା ଫଳରେ ଅଧିକରୁ ଅଧିକ ପ୍ରଗାଢ଼ ଭାବରେ ଆନ୍ଦୋଳିତ ହେଉଥାଏ ଅନ୍ତଃସ୍ଥଳ। ସତକୁ ସତ ଏହା କ'ଣ ଏକ ପରିକଳ୍ପିତ ଗଳ୍ପମାତ୍ର? ନା କଳିଙ୍ଗ-ଶିଳ୍ପୀର ଆତ୍ମା ଗାଳ୍ପିକଙ୍କୁ ମାଧ୍ୟମ କରି ନିଜକୁ ପ୍ରକାଶ କରିଛି ସାର୍ଥକ ଭାବରେ? ଏକ ଅଦୃଶ୍ୟ ଶିଳ୍ପୀସତ୍ତା ଦ୍ୱାରା ପରିଚାଳିତ ନ ହେଲେ ଏପରି ଗଳ୍ପ ସର୍ଜନା ଯେ ସମ୍ଭବ ନୁହେଁ, ଏହା ଯେ କେହି ଉପଲବ୍ଧି କରିପାରିବେ ନିବିଡ଼ ଭାବରେ ନିଶ୍ଚୟ।

ରାଜକିଶୋର ରାୟ ଥିଲେ ଜଣେ ଉଚ୍ଚକୋଟୀର ସମାଜ ସଚେତନ ଗାଳ୍ପିକ। 'ଆଚାର୍ଯ୍ୟେ ଥିଲେ ବୋଲି' ଗଳ୍ପଟିରେ ପ୍ରଦର୍ଶନପ୍ରିୟ ମଣିଷମାନଙ୍କ ଛଦ୍ମତାକୁ ସେ ପ୍ରକଟ କରିଦେଇପାରିଛନ୍ତି ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ନେଇ। ଏହା ତେଣୁ ପାଠକ ସମାଜକୁ ପ୍ରଦାନ କରିପାରିଛି ବିରଳ ସନ୍ଦେଶ। ବାସ୍ତବତାକୁ ପ୍ରାଣବନ୍ତ ଭାବରେ ଚିତ୍ରଣ କରିବା କେବଳ ଜଣେ ସଚ୍ଚୋଟ ଗାଳ୍ପିକର ଲକ୍ଷ୍ୟ ନୁହେଁ। ତା' ମଧ୍ୟରେ ଏପରି ଏକ ଚରିତ୍ର, ଏପରି ଏକ ସଂକେତ ବା ଅନୁରୂପ ଏକ ନାମକରଣ ଦ୍ୱାରା ପାଠକ ମଧ୍ୟରେ ଥିବା ପ୍ରକୃତ ମନୁଷ୍ୟତା ସେ ଜାଗ୍ରତ କରିଦିଅନ୍ତି ଅସାମାନ୍ୟ କଳାର କାଳୋତ୍ତୀର୍ଣ୍ଣ ସ୍ପର୍ଶ ଦେଇ। ରାଜକିଶୋର ରାୟଙ୍କ ଗଳ୍ପ ସଂକଳନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରନ୍ତି : 'ନୀଳ ଲହରୀ', 'ବିକଚ ଶତଦଳ', 'ଅଶୋକ ଚକ୍ର', 'ବନଜ୍ୟୋତ୍ସ୍ନା', 'ଜୟଶ୍ରୀ', 'ଜୟଶଙ୍ଖ', 'ଏହିକି ଦେବାୟତନ', 'ମନର ମୃଣାଳ', 'ଶୋଣିତ କାବ୍ୟ', 'ପଙ୍କ ଚନ୍ଦନ' ଆଦି। ତାଙ୍କ ଗଳ୍ପ ପଠନ ବେଳେ ଅନୁଭୂତ ହୁଏ ସେ ନିଜେ କବିତା ପରି ବିଗଳିତ, ସମ୍ବେଦନଶୀଳ ମଣିଷ ଭାବରେ ସର୍ବତ୍ର ସଂଚରିତ ଆଉ ସ୍ୱଚ୍ଛ ମାର୍ମିକ ନାଟ୍ୟ-ଦୃଶ୍ୟ ପରି ପାଠକ ଆଗରେ ପ୍ରତିଭାତ।

ଏ ପ୍ରସଙ୍ଗରେ ଆମେ ଫେରି ଚାହିଁବା ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ମହାରଣାକୁ। ରାଜା ବସୁଭୂମାଙ୍କ ଆଦେଶ ଅନୁସାରେ ଗଢ଼ିଛି ପଥରର ମୂର୍ତ୍ତି ସେ। ତମାଳ ଶାଖାରୁ ଏକ ତ୍ରସ୍ତା ଶୁକପକ୍ଷୀ ଉଡ଼ିଆସି ଯୁବତୀର କର୍ଣ୍ଣଭୂଷାକୁ ଚଞ୍ଚୁଦ୍ୱାରା ଆଘାତ କରୁଛି। ଉଦ୍ୟାନରେ ଭ୍ରମଣରତ ରାଜା ଯୁବତୀଟିକୁ ଭୟମୁକ୍ତ କରିବାର ପ୍ରୟାସ କଲା ବେଳେ ଶୁକପକ୍ଷୀ ତରୁଣ ରାଜାଙ୍କ ବକ୍ଷଦେଶକୁ ବିଦ୍ଧ କରୁଛି। ନଖାଘାତରେ ପୁଣି କରୁଛି କ୍ଷତାକ୍ତ। ସେଥିରୁ ଝରି ଝରି ହୋଇ ଯେଉଁ ରକ୍ତଧାରା ବହି ଆସୁଛି, ତରୁଣୀଟି ନିଜ ଅଧର ସଂଯୁକ୍ତ କରି ଶୋଷି ନେଉଛି ସେଇ ରକ୍ତ। ଏହି ଦୃଶ୍ୟକୁ ଓଡ଼ିଆ ଶିଳ୍ପୀ ପ୍ରସ୍ତର ଖଣ୍ଡରେ ରୂପ ଦେବା ବେଳେ ତାହା ସତେ କି ପାଇଛି ଜୀବନ୍ୟାସ। ପ୍ରସ୍ତର ଗାତ୍ରରେ ଜୀବନ ସଂଚାର-କ୍ଷମ ଭାସ୍କର୍ଯ୍ୟ ଶିଳ୍ପୀ ପରି ରାଜକିଶୋର ରାୟ ଶବ୍ଦ ମଧ୍ୟରେ ଭରି ଦେଇଛନ୍ତି ପ୍ରେମାନୁରକ୍ତିର ପବିତ୍ର ରକ୍ତଧାରା। ଏହି ଗୋଟିଏ ବିନ୍ଦୁରେ ଭାସ୍କର୍ଯ୍ୟଶିଳ୍ପୀ ଓ ସାହିତ୍ୟ ଶିଳ୍ପୀ ମଧ୍ୟରେ ରହେନା ତାରତମ୍ୟ। ଶିଳ୍ପକଳାକୁ ଯେଉଁମାନେ ମନେକରନ୍ତି ଏକ ବାହ୍ୟ କଳାକୌଶଳ ବୋଲି ସତେ କି ସେଇ ସମସ୍ତଙ୍କ ଅନ୍ତଃଦୃଷ୍ଟି ଉନ୍ମୋଚନ କରିଦେଇଛନ୍ତି ଗାଳ୍ପିକ ଅସାମାନ୍ୟ ଆନ୍ତରିକତାର ସହ। ରକ୍ତତର୍ପଣ ବିନା ଯେ କୌଣସିପ୍ରକାର କଳା ହୋଇପାରେ ନାହିଁ କାଳଜୟୀ - ଏହି ମର୍ମବାଣୀ ରାଜକିଶୋର ରାୟ ପ୍ରତିପନ୍ନ କରି ଦେଇଛନ୍ତି ପ୍ରଭାବଶାଳୀ ଭାବରେ।

ତାଙ୍କ ଗଳ୍ପରେ ମାନବୀୟ ସମ୍ବେଦନା ଯେପରି ରହିଛି, ସେପରି ମଧ୍ୟ ପ୍ରକାଶିତ ହୋଇଛି ତଥାକଥିତ ସଭ୍ୟ ମଣିଷ ପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ। ଜଣେ ସାଧୁ କଥାଶିଳ୍ପୀ ଭାବରେ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ନିମିତ୍ତ ସେ ନିରବଚ୍ଛିନ୍ନ ଭାବରେ ଲେଖନୀ ଚାଳନା କରିଛନ୍ତି। ରାଜକିଶୋର ନିଜସ୍ୱ ଯେଉଁ ରାୟ ସଂରକ୍ଷିତ ରଖି ଦେଇଛନ୍ତି ଗଳ୍ପସୃଜନରେ ତଦନୁଯାୟୀ କ'ଣ ଗଢ଼ି ଉଠି ନ ପାରେ ଏକ ନୂତନ ସମାଜ? ନୂତନ ମୂଲ୍ୟବୋଧ? ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।


କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ବିମଳ ଦାସଙ୍କ ପରଲୋକ

ଭୁବନେଶ୍ୱର,୨୧ା୧(ସମିସ): କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ମୀରା ଦାସଙ୍କ ସ୍ୱାମୀ ବିମଳ ଦାସଙ୍କର ପରଲୋକ ହୋଇଯାଇଛି । ଗତକାଲି ଜାନୁଆରୀ ୨୦ ତାରିଖରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ



ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା । ଶ୍ରୀ ଦାସଙ୍କ ପରଲୋକ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ ସହ ଜଡ଼ିତ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି । ତାଙ୍କ ସମାଜସେବା ଓ ଜନକଲ୍ୟାଣ ପ୍ରତି ନିଷ୍ଠା ସର୍ବଦା ସ୍ମରଣୀୟ ରହିବ । ଶ୍ରୀ ଦାସ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ଅତ୍ୟନ୍ତ ଘନିଷ୍ଠ ଥିବେଲେ । ଟ୍ରଷ୍ଟର କାର୍ଯ୍ୟକୁ ସମର୍ପଣ, ସତ୍ୟନିଷ୍ଠା ଓ ଦୟାଭାବର ସହ ମଜବୁତ୍ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ଦୀର୍ଘଦିନ ଧରି ଭୁବନେଶ୍ୱର ସିଟିଜେନ୍ ଫୋରମର ଉପସଭାପତି ଏବଂ ଆଚାର୍ଯ୍ୟ ବିହାର ରେସିଡେଣ୍ଟସ୍ ଫୋରମର ସଭାପତି ଦାୟିତ୍ୱ ନିର୍ବାହ କରିଛନ୍ତି । ତାଙ୍କ ପରଲୋକରେ କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ, ବିଭିନ୍ନ ସାମାଜିକ ସଂଗଠନ ଓ ସମାଜର ବିଭିନ୍ନ ସ୍ତରରେ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ତାଙ୍କ ଆତ୍ମାର ସଦଗତି କାମନା କରାଯାଇଛି ।

### ଅନୁକମ୍ପାମୂଳକ ନିଯୁକ୍ତି ମାମଲା

## ୨୯ ସୁଦ୍ଧା ନିଯୁକ୍ତି ନଦେଲେ ସରକାର ଗଣିବେ ଲକ୍ଷେ ଟଙ୍କା ଦଣ୍ଡ

କଟକ, ୨୧ା୧(ସମିସ): ଅନୁକମ୍ପାମୂଳକ ନିଯୁକ୍ତିକୁ ନେଇ ଦାୟର ଏକ ମାମଲାରେ ଜଣିକିଆ ବିଚାରପତିଙ୍କ ରାୟକୁ ବିରୋଧ କରି ରାଜ୍ୟ ସରକାର ଦାୟର କରିଥିବା ରିଟ୍ ଆବେଦନକୁ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଆଜି ଖାରଜ କରି ଦେଇଛନ୍ତି । ଏଥିସହ ଅଦାଲତରେ ତ୍ରୁଟିପୂର୍ଣ୍ଣ ତଥା ମିଥ୍ୟା ତଥ୍ୟ ଉପସ୍ଥାପନ ନେଇ ହାଇକୋର୍ଟ କ୍ଷୋଭ ପ୍ରକାଶ କରିବା ସହ ସରକାରଙ୍କ ଉପରେ ୧ଲକ୍ଷ ଟଙ୍କା ଦଣ୍ଡ ରାଶି ଧାର୍ଯ୍ୟ କରିଛନ୍ତି । ଜଷ୍ଟିସ୍ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଯଦି ରାଜ୍ୟ ସରକାର ଜାନୁଆରୀ ୨୯ ସୁଦ୍ଧା ପ୍ରତିପକ୍ଷଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରନ୍ତି, ଏହି ଜରିମାନା ଦେବାକୁ ପଡ଼ିବ ନାହିଁ ବୋଲି ଅଦାଲତ କହିଛନ୍ତି । ସେହିଭଳି ଯଦି ନିଯୁକ୍ତି ଦିଆନଯାଏ, ତେବେ ୧ଲକ୍ଷ ଟଙ୍କା ଜରିମାନା ସହ ବିଳମ୍ବ ନିମନ୍ତେ ପ୍ରଥମ ୪ ସପ୍ତାହ ପାଇଁ ଦୈନିକ ୧୦୦ଟଙ୍କା ଓ ପରବର୍ତ୍ତୀ ଦିନଗୁଡ଼ିକ ପାଇଁ ୨୦୦ଟଙ୍କା ଅଧିକ ଜରିମାନା ଦେବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି ।

ମାମଲାରୁ ପ୍ରକାଶ, ୨୦୧୨ ସେପ୍ଟେମ୍ବର ୧୮ ତାରିଖରେ ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କର ଦ୍ୱିତୀୟ ପୁତ୍ର ଅନିଲ ନାୟକ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ମୃତ କର୍ମଚାରୀଙ୍କ ପତ୍ନୀ ବୃଦ୍ଧା ଏବଂ ବଡ଼ ପୁଅ ପୋଲିଓ ଆକ୍ରାନ୍ତ ହୋଇଥିବାରୁ ସେମାନେ ଚାକିରି ପାଇଁ ଅକ୍ଷମତା ପ୍ରକାଶ କରିଥିଲେ । ଅନ୍ୟପଟେ ତୃତୀୟ ପୁତ୍ର ମଧ୍ୟ ଅନିଲଙ୍କ ନିଯୁକ୍ତି ପାଇଁ ନିଜର ସମ୍ମତି ପ୍ରଦାନ କରିଥିଲେ । ମାତ୍ର ସରକାର ଏହି ନିଯୁକ୍ତିକୁ ମଞ୍ଜୁର ନକରିବାରୁ ମାମଲା ହାଇକୋର୍ଟକୁ ଯାଇଥିଲା । ପୂର୍ବରୁ ଅନିଲଙ୍କ ସପକ୍ଷରେ ଜଣିକିଆ ବିଚାରପତି ରାୟ ଦେଇଥିଲେ, ଯାହାକୁ ରାଜ୍ୟ ସରକାର ୩୧୯ ଦିନ ବିଳମ୍ବରେ ଦୁଇ ଜଣିଆ ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ । ସରକାର ନିଜର ଆବେଦନରେ ଦର୍ଶାଇଥିଲେ ଯେ ଜଣିକିଆ ସେମାନଙ୍କ ପକ୍ଷ ନଶୁଣି ନିଷ୍ପତ୍ତି ଶୁଣାଇଛନ୍ତି । ମାତ୍ର ରେକର୍ଡ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ ସରକାର ଜବାବ ମଧ୍ୟ ଦାଖଲ କରିଥିଲେ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ତଥା ଅନୁପାଳନ ରିପୋର୍ଟ ଦାଖଲ ପାଇଁ ଜାନୁଆରୀ ୩୦ତାରିଖକୁ ଧାର୍ଯ୍ୟ କରାଯାଇଛି ।

■ ଭଲ ପାଇବାର ମୂଲ୍ୟ ଏମିତି ଦେଲା...

## ପିଉସାକୁ ହତ୍ୟା କଲା ନିଶାସକ୍ତ ପୁତୁରା

ବଲାଙ୍ଗିର,୨୧ା୧(ସମିସ): ବଲାଙ୍ଗିର ସହର ତୁଳସୀନଗରପଡ଼ାରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ଏହି ମାମଲାରେ ପୁଲିସ ଅଭିଯୁକ୍ତ ରବିନାରାୟଣ ବିଶି ଓରଫ୍ ଅଜୁକୁ ଗିରଫ କରିଛି । ଏହାସହ ହତ୍ୟା ପଛର କାରଣ ମଧ୍ୟ ପୁଲିସ ସାମ୍ନାକୁ ଆଣିଛି । ଯେଉଁ ପିଉସା ପାଳିପୋଷି ବଡ଼ କରିଥିଲା, ସେହି ପିଉସାକୁ ସେ ନିଶାସକ୍ତ ଅବସ୍ଥାରେ ସାମାନ୍ୟ କଥାରେ ହତ୍ୟା କରିଛି । ମୃତକ ହେଲେ, ବଲାଙ୍ଗିର ତୁଳସୀନଗରପଡ଼ାର ଯଦୁମଣି ବଗର୍ତ୍ତି । ପୁତୁରା ଅଜୁକୁ ସେ ଛୋଟବେଳୁ ପୁଅ ଭଳି ସ୍ନେହ କରି ବଡ଼ କରିଥିଲେ । ବିବାହ ମଧ୍ୟ କରାଇଥିଲେ । ତାର ଗୋଟିଏ ଛୁଆ ଓ ସ୍ତ୍ରୀ ରହିଛନ୍ତି । ମଙ୍ଗଳବାର ରାତିରେ ଏକ ସାମାନ୍ୟ ଘଟଣାକୁ ନେଇ ନିଶାସକ୍ତ ଅବସ୍ଥାରେ ଅଜୁ ତାଙ୍କୁ ପିଟି ହତ୍ୟା କରିଥିବା



ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି । ରାତିରେ ଅଜୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲା । ନିଜ ଛୁଆକୁ ଧରିବା ପାଇଁ ସ୍ତ୍ରୀକୁ ମାଗିଥିଲା; କିନ୍ତୁ ମଦ ପିଇଥିବାରୁ ସ୍ତ୍ରୀ ଛୁଆକୁ ଦେଇନଥିଲେ । ଅଜୁ ରାଗିଯାଇ ଛୁଆକୁ ଆଣି କଚାଡ଼ି ଦେଇଥିଲା । ଏହି ସମୟରେ ପାଖରେ ବସିଥିବା ତାଙ୍କ ପିଉସା ଯଦୁମଣି ବିରୋଧ କରିଥିଲେ । ଅଜୁର ସ୍ତ୍ରୀ ଓ ଛୁଆକୁ ଘରକୁ ପଠାଇଦେଇ ତାକୁ ବୁଝାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ନିଶାସକ୍ତ ଅଜୁ ପିଉସାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲା । ପଡ଼ା ରାସ୍ତାରେ ଦୀର୍ଘ ସମୟ ଧରି ଯଦୁମଣି ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ । ଶେଷରେ ପରିବାରଲୋକେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ଧାନ ବେପାରୀଙ୍କୁ ବାନ୍ଧିଲେ ଗ୍ରାମବାସୀ

ଉଦଳା, ୨୧ା୧(ସମିସ): ଆଖିରେ ଆଙ୍ଗୁଠି ଗେଞ୍ଜି ବସ୍ତା ପିଛା ୧୬ କେଜି କାଟି ଧାନ କିଣୁଥିବା ଜଣେ ଧାନ ବେପାରୀକୁ ଗ୍ରାମବାସୀ ଦଉଡ଼ିରେ ବାନ୍ଧି ଅଟକ ରଖିବା ଘଟଣା ଉଦଳା ବ୍ଲକ୍‌ରେ ଚର୍ଚ୍ଚାର ବିଷୟ ହୋଇଛି । ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଧାନ ବେପାରୀ ଏହାର ଫାଇଦା ନେବାକୁ ଗାଁ ଗାଁରେ ଘୂରି ବୁଲୁଛନ୍ତି । ଶାଗମାଛ ଦରରେ ଚାଷୀଙ୍କଠାରୁ ସେମାନେ ଧାନ କିଣି ନେଇଯାଉଛନ୍ତି । ଆଜି ଜଣେ ଧାନବେପାରୀ ଉଦଳା ଥାନା କଇଁସାରି ଗ୍ରାମରେ ପହଞ୍ଚି ଚାଷୀଙ୍କଠାରୁ ଧାନ କିଣିଥିଲେ । ହେଲେ ବସ୍ତା ପିଛା ସେ ୧୬ କେଜି ହିସାବରେ କଟନୀଛଟନୀ କରିବାରୁ ଗ୍ରାମବାସୀ ତାତି ଯାଇଥିଲେ । ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଏକ ଦଉଡ଼ିରେ ତାଙ୍କୁ ବାନ୍ଧି ପକାଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବେପାରୀଙ୍କୁ ଉଦ୍ଧାର କରିଥିଲା ।

## ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ହାଇକୋର୍ଟଙ୍କ ଗିରଫ ପରୱାନା

କଟକ,୨୧ା୧(ସମିସ): ହାଇକୋର୍ଟଙ୍କ ଆଦେଶ ଅନୁପାଳନ ନ କରିବା ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଅଡୁଆରେ ପକାଇଛି । ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଢେଙ୍କାନାଳ ଡିଇଓ ପରେଶ ପାତ୍ରଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି ହାଇକୋର୍ଟ । ଜାନୁଆରି ୨୨ରେ ଡିଇଓଙ୍କୁ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି । ଶଶିଭୂଷଣ ମହାପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇନଥିବା ସମ୍ପର୍କରେ ସମ୍ପୃକ୍ତ ଡିଇଓ ସ୍ପଷ୍ଟୀକରଣ ରଖିବେ । ଯଦି ପୂର୍ବ ଆଦେଶ ପାଳନ କରାଯାଏ, ତେବେ ଡିଇଓଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି । ମାମଲାରୁ ପ୍ରକାଶ ଯେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଅଧୀନ ମକୁଆକାଟେଣି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ରୁଦ୍ରମୋହନ ମହାପାତ୍ରଙ୍କ ୨୦୧୧ରେ ବିୟୋଗ ହୋଇଥିଲା । ତାଙ୍କ ପୁଅ ତଥା ଆବେଦନକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଙ୍ଗରେ ଦୁଇ ମାସ ଭିତରେ ବିଚାର କରିବାକୁ ଢେଙ୍କାନାଳ ଡିଇଓଙ୍କୁ ଗତ ୨୦୨୫ ସେପ୍ଟେମ୍ବର ୯ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରି ଗତ ଡିସେମ୍ବରରେ ଆବେଦନକାରୀ ଡିଇଓ ଶ୍ରୀ ପାତ୍ରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହକ୍ ଅପେକ୍ଷାରେ...

ଏଫସିଆଇ ଜରିଆରେ ଯଦି କେନ୍ଦ୍ର ଉଷୁନା ଧାନ ନ ଉଠାଉଥିବା ମଧ୍ୟ ଆଉ ଏକ ସମସ୍ୟାକୁ ଜନ୍ମ ଦେଇଛି । ଅପରପକ୍ଷରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶା ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସିଥିଲେ ବି ତାହା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ । ଆସାମ ଓ ବିହାରରେ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ଗତ ବଜେଟ୍‌ରେ ବିପୁଳ ଅନୁଦାନ ପ୍ରଦାନ କରାଯାଇଥିଲେ ବି ଓଡ଼ିଶା ଏଥିରୁ ବଞ୍ଚିତ ହୋଇଥିଲା । ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ସହ ସ୍ୱତନ୍ତ୍ର ଧାନକୈନ୍ଦ୍ରିକ ରାଜ୍ୟ ପାଇଁ ଓଡ଼ିଶା ଦୀର୍ଘଦିନ ଧରି ଦାବି କରି ଆସିଛି, ସରକାରରେ ଥିବା ସମୟରେ ବିଜେଡି ଏହା ଉପରେ ଗୁରୁତ୍ୱ ଦେଇଥିଲା ଓ ଏବେ ବି ଏହି ପ୍ରସଙ୍ଗକୁ ସଂସଦରେ ବାରମ୍ବାର ଉଠାଇଛି । ମାତ୍ର ଆଗାମୀ ବଜେଟ୍‌ରେ ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର କି ଆଭିମୁଖ୍ୟ ରଖିବେ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ ।

ଏହି ସବୁ ପ୍ରସଙ୍ଗ ଭିନ୍ନ କୋଇଲା ରୟାଲଟି ସଂଶୋଧନ ଦାବି ୨୦୧୪ରୁ ପଡ଼ି ରହିଛି । ଟ୍ରିବ୍ୟୁନାଲରେ ବହୁଚର୍ଚ୍ଚିତ ମହାନଦୀ ବିବାଦ ଗଡୁଛି । ଆପୋସ ଆଲୋଚନାର ସଂଜ୍ଞା ନିର୍ଦ୍ଧାରଣ ହୋଇ ପାରୁନାହିଁ । କୋଟିଆ ଏବଂ ଅନ୍ୟ ସୀମା ବିବାଦ ଅସମାଧିତ, ପୋଲାଭରମ୍‌ରେ କେନ୍ଦ୍ର ଓଡ଼ିଶା ପକ୍ଷରୁ ସମ୍ପୂର୍ଣ୍ଣ ଅଣଦେଖା କରି ଆନ୍ଧ୍ରକୁ ଆଖିବୁଜା ସମର୍ଥନ ଓ ଅନୁଦାନ ଦେଇଛି । ତେଣୁ ଆନ୍ତଃ ରାଜ୍ୟ ସୀମା ଓ ଜଳବିବାଦରେ କେନ୍ଦ୍ର ଅଧିକ ସକ୍ରିୟ ଓ ଗଠନ ମୂଳକ ଭୂମିକା ନିର୍ବାହ କରିବାର ଆବଶ୍ୟକତା ଥିବା ସମୟରେ କେନ୍ଦ୍ରର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ନିବଦ୍ଧ ହୋଇଛି । ଅପରପକ୍ଷରେ ଭଦ୍ରକ ଜିଲ୍ଲାରେ ଘୋଷିତ ବୟନଶିଳ୍ପ ପାର୍କ, ବହୁ ଚର୍ଚ୍ଚିତ କୋଷ୍ଟାଲ ହାଇୱେ, ବରଗଡ଼ର ଇଥାନଲ କାରଖାନାର ଭବିଷ୍ୟତ ଏବେ ବି ନିଶ୍ଚିତ ହୋଇ ନାହିଁ । କେନ୍ଦ୍ର ସରକାର ବନ୍ଦ କରି ଦେଇଥିବା ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି(ବିଆରଜିଏଫ), କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ସହାୟତା(ଏସସିଏଫରକେବିକେ), ସମନ୍ୱିତ କାର୍ଯ୍ୟ ଅନୁଦାନ ଯୋଜନା(ଆଇଏପି), ଜାତୀୟ ଇ-ଗଭର୍ଣ୍ଣାନ୍ସ ଆକ୍ସନ ପ୍ଲାନ(ଏନ୍‌ଇଜିଏପି), ରାଜୀବଗାନ୍ଧୀ ପଞ୍ଚାୟତ ସଶକ୍ତୀକରଣ ଅଭିଯାନ(ଆରଜିପିଏସଏ), ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଣ୍ଠି(ଟିଆଇ), ପୁଲିସ୍ ବାହିନୀର ଆଧୁନିକୀକରଣ(ଏମପିଏଫ୍), ଖାଦ୍ୟ ପ୍ରକ୍ରିୟାକରଣ ନିମିତ୍ତ ଜାତୀୟ ମିଶନ୍(ଏନଏମଏଫପିଏସ)କୁ ଭରଣା କରିବା ପରି ପଦକ୍ଷେପ ଏଯାଏ ନିଆଯାଇ ନାହିଁ । ମନରେଗା ଯୋଜନା ବନ୍ଦ କରାଯାଇ ବି ଭି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ଏହାର ଚାପ ଓଡ଼ିଶା ଉପରେ ଅଧିକ ପଡ଼ିବ ବୋଲି ଆକଳନ କରାଯାଉଛି । ଏହାକୁ କିପରି ରାଜ୍ୟ ସରକାର ଭରଣା କରିବେ ତାହା ବି ସ୍ପଷ୍ଟ ହୋଇ ନାହିଁ । ରାଜ୍ୟର ୧୦ ଲକ୍ଷ ଲୋକଙ୍କୁ ଜାନୁଆରୀ ମାସ ସୁଦ୍ଧା ଆବାସ ମିଳିବ ବୋଲି ଘୋଷଣା କେବଳ ଘୋଷଣା ମଧ୍ୟରେ ଅଟକି ରହିଛି । କେନ୍ଦ୍ର ସରକାରଙ୍କ କାଳକ୍ଷେପଣନୀତି କାରଣରୁ ରାଜ୍ୟରେ ଓଡ଼ିଶା ସାମୁଦ୍ରିକ ବୋର୍ଡ କାର୍ଯ୍ୟକାରୀ ହୋଇପାରୁ ନାହିଁ । ସ୍ୱତନ୍ତ୍ର ଜଳସେଚନ ଆର୍ଥିକ ଦାୟିତ୍ୱରୁ ମଧ୍ୟ କେନ୍ଦ୍ର ଖସିସାରିଛି । ଜାତୀୟ ଉଦ୍ୟାନ କୃଷି ମିଶନ୍, ଆରକେବିୱାଇ ଇତ୍ୟାଦିର ଅନୁଦାନ ମଧ୍ୟ ଠିକ୍ ସମୟରେ ମିଳୁନାହିଁ । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଯଦି ସଂଘୀୟ ଢାଞ୍ଚାରେ ନିଜ ଆର୍ଥିକ କର୍ତ୍ତବ୍ୟ ରାଜ୍ୟର ଆବଶ୍ୟକତା ଅନୁଯାୟୀ ନ କରେ, ତେବେ ରାଜ୍ୟ ଉପରେ ଆର୍ଥିକ ବୋଝ ଓ ଚାପ ତ ବଢ଼ିବ ; ଅନ୍ୟପକ୍ଷରେ କେନ୍ଦ୍ର ବିରୋଧୀ ସ୍ୱର ଅଧିକ ତୀବ୍ର ହେବା ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ଆଗାମୀ ବଜେଟ୍ ଓଡ଼ିଶାର ଡ଼ବଲ ଇଞ୍ଜିନ ସରକାର ପାଇଁ ଅନେକ ଆହ୍ୱାନ ସୃଷ୍ଟି କରିଥିବା ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି ।

### ନୋବେଲ ପାଗଳ...

ତେବେ ଏହା ଭୁଲ୍ । କାରଣ ନୋବେଲ ସେଠାରେ ପ୍ରଦାନ କରାଯାଇଥାଏ ଓ ସେମାନେ ହିଁ ନିଷ୍ପତ୍ତି ନେଇଥାନ୍ତି ।’ ସୂଚନାଯୋଗ୍ୟ ଯେ ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଷ୍ଟୋର ସୋମବାର କହିଥିଲେ ଯେ, ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାର ନିଷ୍ପତ୍ତି ଏକ ସ୍ୱାଧୀନ ନୋବେଲ କମିଟି ଦ୍ୱାରା ନିଆଯାଇଥାଏ । ନରୱେ ସରକାରଙ୍କର ଏଥିରେ କୌଣସି ଭୂମିକା ନାହିଁ । ଏ ନେଇ ଟ୍ରମ୍ପଙ୍କୁ ପୂର୍ବରୁ ବୁଝାଇ ଦିଆଯାଇଛି । କିନ୍ତୁ ଟ୍ରମ୍ପ ବୁଝିବାକୁ ନାରାଜ । ସେ କହିଲେ ଯେ ଏଥର ନୋବେଲ ପାଇଥିବା ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ ମାଚାଡ଼ୋ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମାରିଆ କହିଥିଲେ ଯେ, ଟ୍ରମ୍ପ ଏହି ପୁରସ୍କାର ପାଇବାକୁ ଅଧିକ ଯୋଗ୍ୟ । କିନ୍ତୁ ଟ୍ରମ୍ପଙ୍କ ଭାଷାରେ ନରୱେ ମାନିବାକୁ ନାରାଜ । ଟ୍ରମ୍ପ ଆଜି ପୁଣି କହିଛନ୍ତି ଯେ ୧୦ ମାସ ତଳେ ଭାରତ- ପାକିସ୍ତାନ ଯୁଦ୍ଧକୁ ରୋକି ସେ ବିଶ୍ୱକୁ ପରମାଣୁ ଯୁଦ୍ଧର ବିଭିଷୀକାରୁ ବଞ୍ଚାଇଥିଲେ । ଗତ ମେ’ରେ ଭାରତ- ପାକିସ୍ତାନ ସଂଘର୍ଷ ପରମାଣୁ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଥିଲା । ଦୁଇ ଦେଶ ମଧ୍ୟ ଯୁଦ୍ଧ ବିରତି ଘୋଷଣା କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ଯୁଦ୍ଧ ବନ୍ଦ କରି ସେ ଏକ କୋଟି ଲୋକଙ୍କ ଜୀବନ ରକ୍ଷା କରିଛନ୍ତି । ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ଏହା ସ୍ୱୀକାର କରିଛନ୍ତି । ତଥାପି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ନମିଳିବା କ୍ଷୋଭର ବିଷୟ । ସୂଚନାଯୋଗ୍ୟ ଯେ ଭାରତ-ପାକିସ୍ତାନ ଯୁଦ୍ଧ କରାଇବା ନେଇ ସେ ପାଖାପାଖି ୭୦ରୁ ଅଧିକ ଥର କହିସାରିଛନ୍ତି । କିନ୍ତୁ ଭାରତ ଏହାକୁ ଖଣ୍ଡନ କରି କହିଛି ଯେ ଯୁଦ୍ଧ ବିରତିରେ କୌଣସି ତୃତୀୟ ପକ୍ଷର ଭୂମିକା ନଥିଲା ।

### ଲୋକଙ୍କ ସ୍ୱାର୍ଥ...

କହିଛନ୍ତି । ଶାସନରେ ଥାଆନ୍ତୁ ବା ନ ଥାଆନ୍ତୁ, ଦଳର କର୍ମୀ ଓ ନେତାଙ୍କ ପ୍ରତି ନବୀନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହୋଇ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ବିଶ୍ୱାସଘାତକତାକୁ ନବୀନ ପ୍ରଚଣ୍ଡ ଘୃଣା କରନ୍ତି । ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ସହ କୌଣସି ମୂଲ୍ୟରେ ସାଲିସ କରିନାହାନ୍ତି । ଯେଉଁଥିପାଇଁ ଶାସନ କ୍ଷମତାରେ ନ ଥିଲେ ମଧ୍ୟ ଦଳର ୨ ବିଧାୟକଙ୍କୁ ନିଲମ୍ବନ କରିବାର ସାହସ ଦେଖାଇପାରିଛନ୍ତି ନବୀନ । ରାଜନୀତିରେ ଏପରି ଉଦାହରଣ କ୍ୱଚିତ୍ ଦେଖିବାକୁ ମିଳେ । ତେଣୁ ଯେଉଁ ନେତାମାନେ ଦଳରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଏଥିରୁ ଶିକ୍ଷାଲାଭ କରିବା ଉଚିତ୍ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି । ଶାସନ କ୍ଷମତାରେ ନ ଥିବା କୌଣସି ଦଳର ମୁଖ୍ୟ ବିନା କାରଣରେ ଦଳୀୟ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦଳର କ୍ଷତି କରିବାକୁ ଚାହିଁବେ ନାହିଁ । ତେଣୁ ନବୀନ ନିଶ୍ଚିତ ଭାବରେ କିଛି ପ୍ରମାଣ ପାଇଥିବେ, ଯେଉଁଥିପାଇଁ ଏତେବଡ଼ ପଦକ୍ଷେପ ସେ ଗ୍ରହଣ କରିଛନ୍ତି । ନବୀନ ଆଦୌ ନିରର୍ଥକ କଥା କହନ୍ତି ନାହିଁ ଓ ନିରବ ରହିବାକୁ ପସନ୍ଦ କରନ୍ତି । ମାତ୍ର ଏହି ନିରବତାର ଅର୍ଥକୁ ଦୁର୍ବଳତା ଭାବୁଥିବା ନେତାମାନେ ଭୁଲ କରୁଛନ୍ତି । ସେ ଦଳର ନେତାଙ୍କ କାର୍ଯ୍ୟକଳାପକୁ ନିରବରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିଥାଆନ୍ତି । ଦଳର ଦୁଇ ବିଧାୟକଙ୍କ ବିରୋଧରେ ତାଙ୍କର କଠୋର ପଦକ୍ଷେପ ଏହାର ସଦ୍ୟତମ ପ୍ରମାଣ । ରାଜ୍ୟବାସୀଙ୍କ ଆଶୀର୍ବାଦରେ ତଥା କୋଟିକୋଟି ରାଜ୍ୟବାସୀଙ୍କ ଅକୁଣ୍ଠ ସମର୍ଥନ ବିଜେଡିକୁ ଜାତୀୟ ରାଜନୀତିରେ ଏପରି ଇର୍ଷଣୀୟ ସଫଳତା ଦେଇଛି । ରାଜ୍ୟବାସୀଙ୍କ ଭଲ ପାଇବା ଓ ସ୍ନେହ ହେଉଛି ନବୀନଙ୍କ ବଳ । ତେଣୁ ରାଜ୍ୟର ପ୍ରତ୍ୟେକ ଲୋକଙ୍କୁ ସେ ନିଜର ପରିବାର ମନେକରନ୍ତି ଏବଂ ସେମାନଙ୍କ କ୍ଷତି ସାଧନ କରୁଥିବା ଲୋକଙ୍କୁ କେବେ କ୍ଷମା କରନ୍ତି ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

### ରାଜଧାନୀରେ ‘ଥାର୍’...

ବୟସ ୨୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ପୁଲିସର କହିବାନୁଯାୟୀ ରାଜା ଏବଂ ତାଙ୍କ ବନ୍ଧୁ ଏୟାରପୋର୍ଟ ଛକରେ ୟୁ ଟର୍ଣ୍ଣ କରୁଥିବା ବେଳେ ଥାର୍ ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ରାଜାକୁ ଡାକ୍ତର ମୃତ ଘୋଷଣା କରିଛନ୍ତି ।

### ୨୮ ନୂଆ...

ସୀମା ନିର୍ଦ୍ଧାରଣ କାମ ସରିଲେ ତାପରେ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସ୍ତୁତ ପାଇଁ ପ୍ରାୟ ୪୫ ଦିନ ସମୟ ଲାଗିବ । ଏହାପରେ ପୂରା ଭୋଟ ପ୍ରକ୍ରିୟା ପାଇଁ ଆଉ ୩୫ ଦିନ ଲାଗିପାରେ । ନିର୍ବାଚନ କମିଶନଙ୍କ ଚିଠି ଅନୁସାରେ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ୨୮ଟି ନୂଆ ଏନଏସି ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ଯଶିପୁର, ରାସଗୋବିନ୍ଦପୁର ଆଦି ୬ ଏନଏସି ରହିଛି । ସେହିପରି କଟକ ଜିଲ୍ଲାର ସାଲେପୁର, ବଡମ୍ବା, ନରସିଂହପୁର, ବାଲେଶ୍ୱର ଜିଲ୍ଲାର ସିମୁଳିଆ, ବସ୍ତା, ଭଦ୍ରକର ତିହିଡି ଏବଂ ଧୂଷୁରୀ, ଗଞ୍ଜାମର ଜଗନ୍ନାଥପ୍ରସାଦ, ପାତ୍ରପୁର, କଳାହାଣ୍ଡିର ନର୍ଲା ଏବଂ ଜୟପାଟଣା, ସମ୍ବଲପୁରର ବାମରା ଏବଂ ରେଙ୍ଗାଲି ଅନ୍ତର୍ଭୁକ୍ତ ରହିଛି । ଅନୁଗୁଳର ପାଲଲହଡା, ବଲାଙ୍ଗୀରର ଲୋଇସିଂହା, ବରଗଡର ସୋହେଲା, ଢେଙ୍କାନାଳର ଗନ୍ଦିଆ, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଟାଙ୍ଗୀ, ରାୟଗଡାର ବିଷମକଟକ ଏବଂ ସୁବର୍ଣ୍ଣପୁରର ବୀରମହାରାଜପୁର ମଧ୍ୟ ଏଥିରେ ସାମିଲ ରହିଛି । ଏହି ସବୁ ଏନଏସିର କାର୍ଯ୍ୟକାରୀ ଅଧିକାରୀ ଦାୟିତ୍ୱରେ ସ୍ଥାନୀୟ ବିଡିଓ ରହିଛନ୍ତି ।

### କଳାତାଲିକାଭୁକ୍ତ ସଂସ୍ଥାକୁ...

ବିଏସ୍‌ଏନ୍‌ଏଲ ଓ ‘ଟିସିଆଇଏଲ୍’ ଭଳି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦେଇ ଏହି କାମ ସମ୍ପୃକ୍ତ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ଉଦ୍ୟମ ଚାଲିଛି । ଏହି ଦ୍ୱୟ ସରକାରୀ ସଂସ୍ଥା ଉକ୍ତ କାର୍ଯ୍ୟ ପାଇଁ ଆଗ୍ରହ ପ୍ରକାଶ କରି ରାଜ୍ୟ ସରକାର ଟେଣ୍ଡର ବିଧିବ୍ୟବସ୍ଥା ଅନୁଯାୟୀ ଆବେଦନ କରିଥିଲେ । ମାତ୍ର ସମସ୍ତ ଯୋଗ୍ୟତା ସତ୍ତ୍ୱେ ଏହି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦିଆଯାଇ ‘ସି-ଡିଏସି’କୁ କାର୍ଯ୍ୟ ପ୍ରଦାନ ପାଇଁ ବିଭାଗର ଜିଦ୍ ଏକ ବଡ଼ ହେରଫେର ଦିଗ ପ୍ରତି ଇଙ୍ଗିତ କରିଛି । ଏଥିପାଇଁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଏସ୍‌ଟିଏ କାର୍ଯ୍ୟାଳୟ ଉପରେ ସନ୍ଦେହ ପ୍ରକଟ କରିଛି ଓଡ଼ିଶା ଭେହିକିଲ୍ ଡିଲର ଆସୋସିଏସନ । ଟେଣ୍ଡର ନିୟମ ଅନୁଯାୟୀ କେବଳ ସୋସାଇଟି ଆକ୍ଟରେ ପଞ୍ଜିକରଣ ସଂସ୍ଥା ଓ ରାଜ୍ୟରେ ଜିଏସ୍‌ଟି କରିଥିବା ସଂସ୍ଥାକୁ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ହେଲେ ‘ସି-ଡିଏସି’ କ୍ଷେତ୍ରରେ ଏହାକୁ କୋହଳ କରାଯାଇଛି । ‘ସିଡିଏସି’ ଅଲଗା ରାଜ୍ୟର ପଞ୍ଜୀକୃତ ଏକ ସଂସ୍ଥା । କାର୍ଯ୍ୟରେ ଅନିୟମିତତା ନିମନ୍ତେ ଅତୀତରେ ପଶ୍ଚିମବଙ୍ଗ ସରକାର ଏହି ସଂସ୍ଥା ଉପରେ ବିପୁଳ ଜୋରିମାନା ଲାଗୁ କରିବା ସହ ଏହି ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରିଛନ୍ତି । ସେହିପରି ପ୍ରଶ୍ନପତ୍ର ଲିକ୍ ମାମଲାରେ ପଞ୍ଜାବ ସରକାର ଏହି ସଂସ୍ଥାକୁ କଳାତାଲିକା ଭୁକ୍ତ କରିଛନ୍ତି । ପୁନଶ୍ଚ କେନ୍ଦ୍ର ସରକାରଙ୍କ ସଂସ୍ଥା ପକ୍ଷରୁ ଦିଆଯାଇଥିବା କଣ୍ଟ୍ରାକ୍ଟ ତୁଳନାରେ ଏହି ସଂସ୍ଥା ୨ ଗୁଣା ଅଧିକ ଦର ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏହି ସଂସ୍ଥା ସହିତ ଚୁକ୍ତି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି । ଏହି ସଂସ୍ଥା ଆଗାମୀ ୩ ବର୍ଷ ପାଇଁ ୧୪ କୋଟି ଟଙ୍କାରେ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିମାନା କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ପରିବହନ ବିଭାଗର ଏଭଳି କାର୍ଯ୍ୟକୁ ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ ବିରୋଧ କରିବା ସହ ଏକ ଦୁର୍ନୀତିର ଗନ୍ଧ ବାରିଛନ୍ତି । ସେ କହିଛନ୍ତି, ବିନା ଟେଣ୍ଡରରେ ଏବଂ ଏହି କମ୍ପାନୀର ଇଚ୍ଛା ଅନୁସାରେ ବିନା ବ୍ୟାଙ୍କ ଗ୍ୟାରେଣ୍ଟିରେ ଏହି ଚୁକ୍ତିମାନା ସ୍ୱାକ୍ଷର କରିବାକୁ ଯାଉଛନ୍ତି । ବିଏସଏନଲ ସହଯୋଗରେ ଆମ ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ଗାଡିରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି । ଭିଏଲଟିଡି ତିଆରି କରୁଥିବା ସଂସ୍ଥା ସହିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଚଲାଇବା ପାଇଁ ସି-ଡିଏସ. କମ୍ପାନୀ ସହିତ ପରିବହନ ବିଭାଗ କାର୍ଯ୍ୟାଦେଶ ଦେବା ପାଇଁ ଗତ ବର୍ଷେ ହେବ କାର୍ଯ୍ୟ ଆରମ୍ଭ କରିଥିଲା । ଏହି କାର୍ଯ୍ୟାଦେଶ ପ୍ରଦାନରେ ପରିବହନ ବିଭାଗରେ ବ୍ୟାପକ ଅର୍ଥ କାରବାର ହୋଇଛି । ବିରଷ୍ଠ ଆଇନ୍‌ଜୀବୀ ସୁବ୍ରତ ନନ୍ଦ ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବ, ପରିବହନ ବିଭାଗର ପ୍ରମୁଖ ସଚିବ, ପରିବହନ

କମିଶନର, ଅତିରିକ୍ତ ପରିବହନ କମିଶନର (ବୈଷୟିକ)ଙ୍କ ନିକଟକୁ ନୋଟିସ୍ ପଠାଇଛନ୍ତି । ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଚୁକ୍ତିମାନାକୁ ବାତିଲ କରିବାକୁ ଏହି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି । ଯଦି ରାଜ୍ୟ ସରକାର ଏହି ସବୁ ଘଟଣାକୁ ଗୁରୁତ୍ୱର ସହ ନେଇ ଚୁକ୍ତି ବାତିଲ ନ କରନ୍ତି ତେବେ ଉଚ୍ଚ ନ୍ୟାୟାଳୟରେ ଏ ସମ୍ପର୍କରେ ମକୋଦ୍ଦମା ଦାଏର କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି ।


**OFFICE OF THE REVENUE DIVISIONAL COMMISSIONER** F-110
**CENTRAL DIVISION, ODISHA, CUTTACK**
No. Z-21/2023-24/578/Niz, Dated 20.01.2026

**Tender Call Notice**

Sealed quotations / tenders are invited from interested reputed travel agencies / tour operators / private individuals for providing 01 (one) no. of Zest / Tigor / Swift Desire / Xcent / Etios AC Petrol / Diesel driven vehicles for official use of Secretary to RDC, office of the RDC (CD), Cuttack on monthly rent basis. The application form of quotation / tender call notice, terms and conditions along with general information for hiring of vehicles etc. will be available with the Senior Administrative Officer, office of the Revenue Divisional Commissioner, (Central Division), Odisha, Cuttack from **20.01.2026** or can be downloaded from website **https://cuttack.odisha.gov.in** & **https://rdccdcuttack.nic.in** from date **20.01.2026 to 31.01.2026.**

Sd/-
Revenue Divisional Commissioner,
Central Division, Cuttack

OIPR-

**GOVERNMRNT OF ODISHA** A-1312
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103**
**email Id : eeddjspur@gmail.com**
**e-procurement Notice No. SEDD-JSPUR-07/2025-26**

| | | | |
|---|---|---|---|
| 1. | Name of Works | : | Improvement, Construction of slope protection & Box Culvert |
| 2. | Total number of works | : | 02 (Two) nos. of Package |
| 3. | Bid Identification No. | : | 1. SEDD-JSPUR/JSP–11/2025-26<br>2. SEDD-JSPUR/JSP–12/2025-26 |
| 4. | Estimated Cost | : | Rs. 82.95 Lakhs & Rs. 81.61 Lakhs |
| 5. | Period of completion | : | 10 (Ten) Calendar months |
| 6. | Availability of Tender On - Line. | : | From 22.01.2026 at 16.30 Hours to 05.02.2026 upto 17.30 Hours. |
| 7. | Date of Opening of Technical Bid. | : | 06.02.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 8. | Class of Contractor | : | "B" Class |
| 9. | EMD required | : | As per DTCN. |
| 10. | Cost of Tender paper | : | Rs.10,000/- |
| 11. | Procurement Officer | : | Superintending Engineer, Drainage Division, Jagatsinghpur-754103 |

*Tender will be accepted if registered in the CDMS Portal.
Further details can be seen from the Govt. web site www.tendersorissa.gov.in. Addendum /Corrigendum/ Cancellation if any required will be published only in Govt. web site www.tendersorissa.gov.in

Sd/- Superintending Engineer
Drainage Division, Jagatsinghpur

OIPR-

**GOVERNMENT OF ODISHA** A-1296
**OFFICE OF THE EXECUTIVE ENGINEER**
**PODAGADA DAM DIVISION, AT/PO-KHATIGUDA,**
**DIST-NABARANGPUR, PIN-764085.**
**Email I.D- eepodagadadam@gmail.com**
**e-Procurement Notice**
**Bid Identification No.- EEPDD-06(03)/2025-26, Dated: - 17.01.2026**

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | |
|---|---|
| 1. Name of the Work | Civil Works |
| 2. **No. of Works** | **Three Numbers** |
| 3. Estimated cost | Rs.84.88 Lakhs (TCN SL NO. 1),<br>Rs.78.88 Lakhs (TCN SL NO. 2),<br>Rs.51.26 Lakhs (TCN SL NO. 3), |
| 4. Eligibility of the bidders | ‘B’ Class contractors (Odisha P.W.D or equivalent class of other licensing authority) as per Detail Tender Call Notice. |
| 5. Period of completion | Three Calendar Months (TCN Sl No.01)<br>Three Calendar Months (TCN Sl No.02)<br>Three Calendar Months (TCN Sl No.03) |
| 6. Date of Clarification | 27.01.2026 to 29.01.2026 Only During Office Hour |
| 7. Time for receipt of bid in the portal | From 27.01.2026 11.00 AM to 10.02.2026 (up to 5:00 P.M) |
| 8. Date & place of opening of the bids on-line | 11.02.2026 (11:30 A.M)<br>O/o The E.E. Podagada Dam Division,<br>UIDC Khatiguda. |
| 9. Name and address of the Tender Inviting Authority(TIA) | Executive Engineer<br>Podagada Dam Division,<br>At/Po: Khatiguda,<br>District: Nabarangpur |

Further details can be seen from the e-procurement portal http://tendersodisha.gov.in

*Executive Engineer*
*Podagada Dam Division*
*Khatiguda*

OIPR-

**ZILLA SWASTHYA SAMITI, RAYAGADA**
**(Contractual engagement of different posts under NHM Program)**

Advt. No.02/Rayagada Date 20/01/ 2026

**Contractual Engagement**

Zilla swasthya Samiti (ZSS), Rayagada invites the application from the eligible candidates for different posts under NHM Programme. The eligibility criteria, vacancy, monthly remuneration, selection procedure, date of submission applications and application form can be downloaded from district website www.rayagada.odisha.gov.in. The candidates fulfilling the eligibility criteria may apply in the prescribed application form & submit to the undersigned by Regd. Post / Speed Post/Courier on or before **16.02.2026 by 5.00 P.M** with all relevant documents addressed to the Chief District Medical & Public Health Officer, Rayagada, Barijhola, near OMC Office, Pin-765002. The undersigned is not responsible for any postal delay or in-conveyance. Application received after due date will be rejected. The envelope containing the application should be superscripted clearly the name of the post applied for................under NHM otherwise it will be rejected. Application received after due date and time will be rejected without any notice. No Personal query will be entertained. Vacancies shown are provisional and subject to change during the time of appointment. In-complete applications in any form is liable for rejection. Separate application forms for each post must be submitted in separate envelopes if any candidate willing to apply for more than one post.

No. of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/ reject any or all the applications without assigning any reason thereof.

**CDM & PHO-Cum-DMD, Rayagada**

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 19.01.2026, I, Janaki Bhuyan, resident At/Po-Goda,Sub Dist-Begunia, Dist-Khordha, Odisha, PIN- 752062, declare that I have changed the name of my Daughter from Chandralekha Bhuyan to Chitralekha Bhuyan . Henceforth, she shall be known as CHITRALEKHA BHUYAN for all purposes.

(Janaki Bhuyan)

**AFFIDAVIT**

By virtue of an affidavit sworn before Notary public, Bhubaneswar on dated 20.01.2026, I, Malati Behera resident of At/Po-Badangi, Masani Sahi, Sub Dist- Tarasingi, Dist- Ganjam, Odisha, Pin-761141 declare that I have changed my name from Malati Naik to Malati Behera. Henceforth, I shall be known as MALATI BEHERA for all purposes.

(MALATI BEHERA)

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 19.01.2026, I Tapan Behera resident At/Po-Goda,Sub Dist-Begunia, Dist-Khordha Odisha, PIN- 752062, declare that I have changed the name of my son from Parbati Behera to Ranjan Behera. Henceforth, He shall be known as RANJAN BEHERA for all purposes.

(Tapan Behera)

**FOR SALE**

1 Number of SCV –TATA ACE HT Diesel / 2023, Registration No.- OD-01-AR-4165, Model-2023, ENGINE NO - 800CCDI04AWXS03464, CHASSIS NO - MAT559007PZA00976, For Details, Contact - 88959 97418, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA BALASORE,756001, PH. NO- 06782-266657

**AFFIDAVIT**

By virtue of an affidavit (Sl No.46, dtd- 19/01/2026) sworn before The Notary Public, Bhubaneswar. I, **T Jateswar Samantara,** S/o- Janardan Samantray, permanent & current resident of LB-137, Badagada Brit Colony, PO- Brit Colony, Ps- Badagada, Bhubaneswar, Dist- Khordha, Odisha, PIN- 751018 declare that I have changed my name from **Jateswar Samantray** to **T Jateswar Samantara.** Henceforth, I shall be known as **T Jateswar Samantara** (new name) for all purposes.

**T Jateswar Samantara**

**AFFIDAVIT**

I, Manoja Kumar Rautaray, aged about 68 years, S/o- Late Radha Gobinda Rautaray, resident of At- Mukunda Prasad, Baula sahi, Po- P.N. College, Ps- Industrial Estate, Dist- Khurda, Odisha, PIN- 752057, Odisha declared by this affidavit No. 111, dtd- 14/01/2026 that now onwards I shall be known as **MANOJ KUMAR ROUTRAY** for all future purposes.

**AFFIDAVIT**

I, Narayan Chandra Ghadai, aged about 71 years, S/o-Jogendra Ghadai, resident of At- Aparttipur, Po- Matipaka, Ps- Naikanidihi Dist- Bhadrak, Odisha, Pin- 756125, do hereby declare by this affidavit No.166, dtd- 20/01/2026, that now onwards I shall be known as **NARAYAN GHADAI** for all future purposes.

ସକାଳ THE SAKALA



www.sakalaepaper.com

## ଜରାଜୀର୍ଣ୍ଣ ନବ ନିର୍ମିତ ବିଦ୍ୟାଳୟ କୋଠା

# ୩ ବର୍ଷ ନ ପୂରୁଣୁ କାନ୍ଥରେ ଫାଟ

କୋଲାବିରା,୨୧।୧(ସମିସ)

କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ସ୍ଥିତ ଗ୍ରାମପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ନୂତନ କୋଠା ନିର୍ମାଣକୁ ୩ ବର୍ଷ ନ ପୁରୁଣୁ ବିପଦସଙ୍କୁଳ ଅବସ୍ଥାକୁ ଆସିଥିବା ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ କୋଠା ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିବା ଅଭିଯୋଗ ହୋଇଛି। ଯାହା କୋଠାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉକ୍ତ କୋଠାର ଉପର ମହଲାରେ କାନ୍ଥ ଗୁଡିକରେ ଫାଟ ସୃଷ୍ଟି ହେବା ସଙ୍ଗେସଙ୍ଗେ ଅନେକ ସ୍ଥାନରେ ପ୍ଲାଷ୍ଟର ଛାଡି ଯାଇଥିବା ଦେଖିବାକୁ ମିଳିଛି। ଏହା ସହିତ ପାହାଚ ଗୁଡିକ ମଧ୍ୟ ଫାଟି ଆଁ କରିଥିବା ମଧ୍ୟ ଦେଖାଯାଉଛି। ତେବେ ମାତ୍ର ୩ ବର୍ଷ ମଧ୍ୟରେ ନୂତନ କୋଠାର ଏତାଦୃଶ ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର ଇଟା ସାଙ୍ଗକୁ ଅନ୍ୟାନ୍ୟ ସାମଗ୍ରୀ ନିମ୍ନ ମାନର ହୋଇଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଉଛି। ବିଦ୍ୟାଳୟ କୋଠାଟି ବିପଦ ସଙ୍କୁଳ ତଥା ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଶିକ୍ଷକ ବୃନ୍ଦ



ମଧ୍ୟ ଛାତ୍ରଛାତ୍ରୀଙ୍କୁ ସେଠାରେ ବସାଇ ଶିକ୍ଷାଦାନ କରିବାକୁ ଉଚିତ ମଣୁନାହାଁନ୍ତି। କୋଠା ନିର୍ମାଣ ପରଠାରୁ ତାହା କାର୍ଯ୍ୟରେ ଆସିପାରୁନାହିଁ। ତାଛଡା ଶ୍ରେଣୀ କୋଠରି ଅସୁରକ୍ଷିତ ରହିଥିବାନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଇଓଙ୍କ ନିକଟରେ ଦୁଇଦୁଇଥର ଅଭିଯୋଗ କରିସାରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ତରଫରୁ ଉକ୍ତ କୋଠାକୁ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ ନିମନ୍ତେ ଅର୍ଥ ବରାଦ ପାଇଁ ଚାଲିଥିବା ନେଇ ଶୁଣାଯାଉଛି। ଏତେ ବଡ କୋଠାର ଏପରି ଅବସ୍ଥା ବିଷୟରେ ସଂପୃକ୍ତ ଠିକାଦାରକୁ ରିପୋର୍ଟ କରାଯାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବେଳେ ପୁନଃ ଏକ ସ୍ଥାନରେ ସମାନ କାର୍ଯ୍ୟପାଇଁ ସରକାରୀ ଅର୍ଥ ବିନିଯୋଗ ପଛରେ ଠିକାଦାର ଓ ପ୍ରଶାସନର ମଧୁଚନ୍ଦ୍ରିକା ଉଜାଗର କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ନିୟମାନୁଯାୟୀ ସରକାରୀ କାର୍ଯ୍ୟ ନିର୍ବାହ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟ ସମ୍ପାଦିତ ହେବା କଥା ମାତ୍ର ବିଡମ୍ବନା ସମାସିଂହା ଠାରେ ୬୦ଲକ୍ଷ ଟଙ୍କାର କୋଠା ନିର୍ମାଣରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। କୋଠାକୁ ତିନି ବର୍ଷ ନ ପୁରୁଣୁ ନବ ନିର୍ମିତ କୋଠା ଅସୁରକ୍ଷିତ ଅବସ୍ଥାକୁ ଆସିବା ଏବେ ସାଧାରଣଙ୍କେ ଅଶ୍ଚର୍ଯ୍ୟ ପ୍ରକଟ କରିଛି। ଏସଂକ୍ରାନ୍ତେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଙ୍ଗଲ କିଶାନଙ୍କୁ ପଚାରିବାରୁ ପିଲାଙ୍କ

**ପ୍ରଶାସନ ପକ୍ଷରୁ ପୁନଃନିର୍ମାଣ ପାଇଁ ମସୁଧା**

ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ଉକ୍ତ କୋଠାକୁ ପିଲାଙ୍କ ଶିକ୍ଷାଦାନ ପାଇଁ ବ୍ୟବହାର କରାଯାଉନାହିଁ। ଏହା ସହିତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଅସୁରକ୍ଷିତ କୋଠା ବିଷୟର ଗତ ୧୨ ନଭେମ୍ବର,୧୮ ଡିସେମ୍ବର ଏବଂ ୨୨ ଡିସେମ୍ବର ତିନିଥର ବିଦ୍ୟାଳୟ ପକ୍ଷରୁ ଲିଖିତ ଭାବରେ ଜଣେଇଛୁ। ବର୍ତ୍ତମାନ ସ୍ଥିତିରେ ୬୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ଏହି କୋଠା ସୁରକ୍ଷା ଦୃଷ୍ଟିରୁ ଏ ପର୍ଯ୍ୟନ୍ତ କାମକୁ ଆସିପାରୁନାହିଁ। ଗୋଷ୍ଠି ଶିକ୍ଷା ଅଧିକାରୀ କୋଠା ବିଷୟରେ ଅବଗତ ହେବା ପରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଗୋଷ୍ଠି ଉନ୍ନୟନ ଅଧିକାରୀ ଅଶୋକ ମାଝିଙ୍କୁ ପଚାରିବାରୁ ସେଠାକୁ ଯାଇ ସରଜମିନ ତଦନ୍ତ କରାଯାଇ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛୁ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ସେଠାରେ ଏକ ଅତିରିକ୍ତ ଶ୍ରେଣୀ କୋଠରି ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ପ୍ରଶାସନ ପକ୍ଷରୁ ଉକ୍ତ କୋଠାକୁ ଅସୁରକ୍ଷିତ ଘୋଷଣା ହେବାପରେ ଉକ୍ତ କୋଠା ଭଙ୍ଗାଯିବ ନା ନୂତନ ନିର୍ମାଣ ହେବ ତାହା ଜିଲ୍ଲାପାଳଙ୍କ ଆଦେଶ ମୁତାବକ ହେବ ବୋଲି କହିଛନ୍ତି। ସଂମାସିଂହା ସ୍ଥିତ ଏହି ସରକାରୀ ବିଦ୍ୟାଳୟ କୋଠା ନିର୍ମାଣରେ ଖର୍ଚ୍ଚ ହୋଇଥିବା ୬୦ ଲକ୍ଷ ଟଙ୍କର ବିନିଯୋଗକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଝାରସୁଗୁଡା,୨୧।୧(ସମିସ): ବ୍ରଜରାଜନଗର ମହାବିଦ୍ୟାଳୟରେ ଗତ ୧୦ ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଓଡ଼ିଆ ବିଭାଗ ଅଧ୍ୟାପିକା ତଥା ସେଲ୍ଫ ଡିଫେନ୍ସ ବିଭାଗ ସଂଯୋଜିକା ଡକ୍ଟର ପୁଷ୍ପାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଭାଗିରଥି ତ୍ରିପାଠୀ, ବରିଷ୍ଠ ଅଧ୍ୟାପକ ବିକ୍ରମ ପଧାନ, ଯୁକ୍ତ ଦୁଇ ପ୍ରଭାରୀ ତଥା ଇତିହାସ ବିଭାଗ ମୁଖ୍ୟ ଡ. ଋତୁପର୍ଣ୍ଣା ମହାନ୍ତି, ଇଂରାଜୀ ବିଭାଗ ମୁଖ୍ୟ ତଥା ଆକାଡେମିକ ବର୍ଶର ଅଧ୍ୟାପକ ଅଜୟ ଦୀପ ମଞ୍ଚାସିନ ଥିଲେ। ମହାବିଦ୍ୟାଳୟ ସେଲ୍ଫ ଡିଫେନ୍ସ ବିଭାଗ ସହ ସଂଯୋଜକ ଆଶିଷ ଅବସ୍ଥି ସଂଯୋଜନା କରିଥିବାବେଳେ ଅଧ୍ୟାପିକା ସଙ୍ଗୀତା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅର୍ଥନୈତିକ ବିଭାଗ ମୁଖ୍ୟ ଡ. ହରିଶଙ୍କର ପାଣ୍ଡେଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ନେଇଥିବା ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନର ନୀତୁ ମନହର ୮ ଦିନ ବ୍ୟାପୀ ଏହି ଶିବିରରେ ସମସ୍ତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେଲ୍‌ଫ ଡିଫେନ୍ସ ବିଭାଗ ସଦସ୍ୟ ଅଧ୍ୟାପିକା ଚାନ୍ଦନୀ ବିଶ୍ୱାଳ, ଅଧ୍ୟାପିକା ସୁସ୍ମିତା ତ୍ରିପାଠୀ, ଅଧ୍ୟାପକ ଏସଏସ ପୃଷ୍ଟି ସହଯୋଗ କରିଥିଲେ।

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ପଦ୍ମପୁର,୨୧।୧(ସମିସ): ଓଡିଶା ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ଆନୁକୂଲ୍ୟରେ ପଦ୍ମପୁର ବ୍ଲକ ଅନ୍ତର୍ଗତ ସରସମାଲ ଗ୍ରାମରେ ଆଜି ମାଣ୍ଡିଆ ମଣ୍ଡିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ଏଡ଼ିଓ ପ୍ରଭାସ ଚନ୍ଦ୍ର ପଣ୍ଡା, ବ୍ଲକ୍ କୃଷି ଅଧିକାରୀ ପୁଷ୍ପକ ନାଏକ, ଏଏଓ ସରୋଜ ସାହୁ, ଆରଏମସି ଅଧିକାରୀ ସୁଦୀପ୍ତ ମହାନ୍ତି, ବିଭୁଦତ୍ତ ସାହୁ, ଲୋକେଶ ପ୍ରଧାନ, ଡିପିସି ଅଭିଷେକ ସିଂହ, ଯୁବକ ମାଝୀ ଉପସ୍ଥିତ ଥିଲେ। ସେହିପରି ବ୍ଲକସ୍ତରୀୟ ବିପିସ ତରଣୀସେନ ଦ୍ୱାରୀ, ଏବିପିସି ପପୁ କୁମାର ବେହେରା, ହିସାବରକ୍ଷକ ରାଜିବ ହରିପାଲ, ବ୍ଲକସ୍ତରୀୟ ପ୍ରକ୍ୟୁରମେଣ୍ଟ ଏଜେନ୍ସୀର ବିମଳ, କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡର ଏମଡି ଅଶୋକ କୁମାର ସାହୁ, ପରିଚାଳନା ସଂସ୍ଥା ତ୍ରିରଙ୍ଗା ଯୁବକ ସଂଘ, ଶ୍ରୀ ଅନ୍ନ ଅଭିଯାନର ସମସ୍ତ ସିଆରପି ଓ ଚାଷୀମାନେ ଏଥିରେ ଯୋଗଦେଇଥିଲେ।

## ଗୋଦମରେ ଚଢ଼ଉ ବେଆଇନ ଗଚ୍ଛିତ ଧାନ ଜବତ

କୋଲାବିରା,୨୧।୧(ସମିସ): ଯୋଗାଣ ବିଭଗ ପକ୍ଷରୁ ଅତର୍କିତ ଚଢ଼ଉ ସମୟରେ କୋଲାବିରା ବ୍ଲକ ଅନ୍ତର୍ଗତ ମାଲିଡିହି ଗ୍ରାମରେ ଟୋକାରାମ ସାହୁ ଏବଂ ରାଜେଶ ପୁଝାରୀଙ୍କ ନିକଟରେ ବେଆଇନ ଭାବରେ ଗଚ୍ଛିତ ଥିବା ଧାନ ଏବଂ ଗାଡିରେ ଲୋଡ ହୋଇଥିବା ଧାନକୁ ଜବତ କରାଯାଇ ତଦନ୍ତ କରାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ବେଶ୍ରାଙ୍କ ନେତୃତ୍ୱରେ ଯୋଗାଣ ବିଭାଗର ଅଧିକାରୀମାନେ ଏହି ଚଢ଼ଉରେ ସାମିଲ ରହିଥିଲେ। କୋଲାବିରା ଅତିରିକ୍ତ ତହସିଲଦାର କୌସିକ ମେହେର ମାଜିଷ୍ଟ୍ରେଟ ଭାବରେ ଉପସ୍ଥିତ ରହିଥିଲେ। କୋଲାବିରା ପୁଲିସ ଏହି କାର୍ଯ୍ୟରେ ସହଯୋଗ କରିଥିଲା। କେତେକ ଚାଷୀଙ୍କ ଧାନ ଦୁଇଟି ଟ୍ରକରେ ଲୋଡ କାରାଯାଇଥିଲା ଯାହାକି ତାପର ଦିନ ମଣ୍ଡିକୁ ନେଇ ସେଠାରେ ଅନୁସାଙ୍ଗିକ କାଗଜପତ୍ର ପ୍ରସ୍ତୁତ ହେବାପରେ ମିଲକୁ



ନେବାର କାର୍ଯ୍ୟକ୍ରମ ଥିବା ବିଷୟରେ ବେପାରି ରାଜେଶ ପୁଜାରୀ ତାଙ୍କର ପକ୍ଷ ରଖିଥିବା ବେଳେ ବେପାରି ଟୋକାରାମ ସାହୁଙ୍କ ଗୋଦମରେ ଗଚ୍ଛିତ ରହିଥିବା ହଜାର ହଜାର ବସ୍ତା ଧାନକୁ ଜବତ କରାଯାଇ ତାର ତଦନ୍ତ କରାଯାଉଛି। ରାଜେଶଙ୍କ ନିକଟରୁ ଯୋଗାଣ ବିଭାଗ ଦ୍ୱାରା ଜବତ୍ ଟ୍ରକ୍ ଦ୍ୱୟ ଥନାକୁ ଅଣା ନ ଯାଇ କୌଣସି ମିଲକୁ ନେଇ ରଖାଯାଇଥିବା ଜଣାପଡିଛି। ଧାନ ଚୋରା ଚାଲାଣ, ଚାଷୀଙ୍କ ଧାନର ଅଭାବି ବିକ୍ରୀ ସାଙ୍ଗକୁ ବଳକା ଧାନର ଥଇଥାନ କରିବାକୁ ନେଇ ଚାଷୀ ନିଶ୍ୱ ହେଉଥିବା ବେଳେ ଧାନ ବେପାରୀଙ୍କ ଚୋରା ଚାଲାଣ ଉପରେ ସରକାର ଅଙ୍କୁଶ ଲଗେଇବାରେ ବିଫଳ ହେଉଛନ୍ତି। ତେବେ ଆଜି ଯେଉଁ ୧୦ ଜଣ ଚାଷୀଙ୍କ ଧାନ ମଣ୍ଡିକୁ ନେବା ପାଇଁ ଲୋଡ ହେଉଥିଲା ସେ ସମସ୍ତ ଚାଷୀଙ୍କୁ ନେଇ ରାଜେଶ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଯାଇ ସେମାନଙ୍କ ଧାନ ରହିଥିବା ବିଷୟରେ ବିବୃତ୍ତି ଦେଇଥିବା ଜଣାପଡିଛି।

## ଉଦ୍ଧାର ଶାଗୁଣାକୁ ଚିଡ଼ିଆଖାନା ପଠାଗଲା

କୋଲାବିରା,୨୧।୧(ସମିସ): ଅସୁସ୍ଥ ଶାଗୁଣାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ ସୁରକ୍ଷିତ ଭାବରେ କୋଲାବିରା ବନ ବିଭାଗ ପକ୍ଷରୁ ନନ୍ଦନକାନନ ଚିଡିଆଖାନାକୁ ପଠାଯାଇଛି। ଏବେ ଶାଗୁଣାଟି ସୁସ୍ଥ ଓ ସୁରକ୍ଷିତ ଥିବା ଜଣାପଡିଛି। କୋଲାବିରା ବନାଞ୍ଚଳ ଅଧିନ



କୁଲିହାମାଲ ପଞ୍ଚାୟତ ଅନ୍ତର୍ଗତ ଧୁବେନ ବୁଡ ଗ୍ରାମ ଜଙ୍ଗଲରୁ ଏକ ବଡ ଶାଗୁଣା ଅସୁସ୍ଥ ଥିବାରୁ ଉଡିପାରୁନଥିବା ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି କୋଲାବିରା ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ହିମାଳୟ ଗ୍ରିଫନ୍ ପ୍ରଜାତିର ଲାଲ ତାଲିକାଭୁକ୍ତ ୬୦.୨ କିଲୋଗ୍ରାମ ଓଜନର ଶାଗୁଣାକୁ ବନ ବିଭାଗ ଦ୍ୱାରା ବ୍ଲକ ଭେଟେନାରୀ ଅଧିକାରୀଙ୍କ ମାଧ୍ୟମରେ ଉଦ୍ଧର ଶାଗୁଣାର ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ ପରେ ପୁନଃସ୍ଥାପିତ ପାଇଁ ନନ୍ଦନକାନକୁ ପଠାଯାଇଛି। ଝାରସୁଗୁଡା ଡିଏଫଓଙ୍କ ତତ୍ୱାଧାନରେ ଏହି କାର୍ଯ୍ୟରେ କୋଲାବିରା ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା, ବନପାଳ ରମାକାନ୍ତ ନାଏକ, ଆଶାରାନିବେହେରା, ମାନସପଟେଲ, ବନରକ୍ଷୀକନ୍ଦର୍ପସାହୁପ୍ରମୁଖସହଯୋଗକରିଥିଲେ।

## ୨ୟ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ୨୫ରୁ




ପଦ୍ମପୁର,୨୧।୧(ସମିସ): ପଦ୍ମପୁର ହୋଟେଲ ମିରାଇନଠାରେ ସନ୍ତୋଷ କୁମାର ବୈକାରଙ୍କ ସ୍ମୃତିରେ ଆସନ୍ତା ୨୫ ତାରିଖରୁ ପଦ୍ମପୁର ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ୨ୟ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଦ୍ମପୁର ବ୍ୟାଡମିଣ୍ଟନ ଉନ୍ନୟନ କମିଟିର ସଭାପତି ହରିଶଙ୍କର ସିଂହ, ସମ୍ପାଦକ କିଶୋର ପାତ୍ର, ବଣିକ ସଂଘ ସଭାପତି ତଥା ସିନିୟର ବ୍ୟାଡମିଣ୍ଟନ ଖେଳାଳୀ ପ୍ରତାପ ମିଶ୍ର, ବଂଶୀ ଅଗ୍ରୱାଲ,ବୁଲୁ ବୈକାର ସୂଚାଇଛନ୍ତି। ୧୫ ବର୍ଷରୁ କମ ଯୁଗ୍ମ ଓ ୧୯ ବର୍ଷ ରୁ କମ ଯୁଗ୍ମ ବିଭାଗକୁ ନେଇ ପ୍ରତିଯୋଗିତା ହେବ। ଏଥିରେ ଓଡିଶାର ବିଭିନ୍ନ ଜାଗାରୁ ସର୍ବମୋଟ ୭୦ ଟି ଦଳ ଭାଗ ନେବେ ବୋଲି କମିଟି ପକ୍ଷରୁ ସମ୍ମିଳନୀରେ ସୂଚାଯାଇଥିଲା। ଶେଷରେ ସମ୍ପାଦକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନିପୁନ ସାହୁ, ଫିରୋଜ ଖାନ, ମହମ୍ମଦ ଅବତାବ , ମୋନିତ ପ୍ରଧାନ , ଶ୍ୟାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜଙ୍ଗଲ ଜମିରେ ବେଆଇନ ଭାରୀଯାନ ଚଳାଚଳକୁ ବିରୋଧ

ଝାରସୁଗୁଡା,୨୧।୧(ସମିସ): ଝାରସୁଗୁଡା ଜିଲ୍ଲା ଶ୍ରିପୁରା ଗ୍ରାମରେ ଥିବା ଜଙ୍ଗଲ ଜମିକୁ କିଛି ଘରୋଇ ସଂସ୍ଥା ବେଆଇନ ରାସ୍ତା ରୂପେ ବ୍ୟବହାର କରି ଏହା ଉପରେ ଭାରୀଯାନ ଚଳାଚଳ କରୁଥିବା ଅଭିଯୋଗ ହୋଇଛି। ଯାହା ଦ୍ୱାରା ସୃଷ୍ଟି କରାଯାଇଥିବା ନୂତନ ଜଙ୍ଗଲର କ୍ଷତି ହୋଇଥିବାରୁ ସମ୍ପୃକ୍ତ ଘରୋଇ ସଂସ୍ଥା ଗୁଡିକ ବିରୋଧରେ ଶ୍ରିପୁରା ସରପଞ୍ଚ ବୁଧବାର ପୂର୍ବାହ୍ନରେ ବଡ଼ମାଳ ଥାନା ରେ ଏତଲା ଦେଇଥିବା ଜଣାପଡିଛି। ଶ୍ରିପୁରା ସରପଞ୍ଚଙ୍କ ଏତଲା ଅନୁଯାୟୀ, ଶ୍ରିପୁରା ଗ୍ରାମର ଜଙ୍ଗଲ ଜମିରେ ଏକ ପେଡ ମା କେ



**ଶ୍ରିପୁରା ସରପଞ୍ଚଙ୍କ ଥାନାରେ ଏତଲା**

ନାମ ଯୋଜନାରେ ଚାରା ରୋପଣ କରାଯାଇଛି। ଉକ୍ତ ଜଙ୍ଗଲ ଜମି ଉପରେ କିଛି ଘରୋଇ ସଂସ୍ଥା ଗୁଡିକ ଭାରୀଯାନ ଚଳାଚଳ କରି ସୃଷ୍ଟି କରାଯାଇଥିବା ନୂତନ ଜଙ୍ଗଲ ର ଚାରା ଓ ବୃକ୍ଷ ଉପରେ ବହୁତ କ୍ଷୟ କ୍ଷତି ପହଞ୍ଚାଉଥିବା ନେଇ ଅଭିଯୋଗ କରିଛନ୍ତି। ଘରୋଇ ସଂସ୍ଥା ଗୁଡିକ ଏହି ଜଙ୍ଗଲ ଜମି ଅଞ୍ଚଳରେ ବେଆଇନ ପାର୍କିଂ କରିବା ସହିତ ଏହି ପଲ୍ଲବୀତ ହେଉଥିବା ନୂତନ ଜଙ୍ଗଲ ଉପରେ ବହୁ କ୍ଷତି ପହଞ୍ଚାଉଛନ୍ତି। ସମ୍ପୃକ୍ତ କମ୍ପାନୀ ଗୁଡିକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରିପୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ଏକ ଲିଖିତ ଏତଲା ବଡ଼ମାଳ ଆଇଆଇସିଙ୍କୁ ପ୍ରଦାନ କରିଥିବା ନେଇ ସୂଚନା ମିଳିଛି।

## ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ପଦ୍ମପୁର,୨୧।୧(ସମିସ): ପଦ୍ମପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ବରଗଡ଼ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ଅଣୁ କ୍ଷୁଦ୍ର ମଧ୍ୟମ ପ୍ରତିଷ୍ଠା ନିମନ୍ତେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜବୋଡାସମ୍ବର ବ୍ଲକ୍ ଅଧ୍ୟକ୍ଷ ରଂଜିତ ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ୍ ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳ କଲେଜର ବାଣିଜ୍ୟ ବିଭାଗ ମୁଖ୍ୟ ନବକୃଷ୍ଣ ମିଶ୍ର, ଡିସିର ବରିଷ୍ଠ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ବେହେରା, ସଫଳ ଉଦ୍ୟୋଗୀ ଜ୍ୟୋତ୍ସ୍ନା ରାଣୀ କର, ପଦ୍ମପୁର ଏଓ ପ୍ରଭାସ ରଞ୍ଜନ ପ୍ରଧାନ, ଆଇପିଓ ଅଭୟ କାନ୍ତ ପାଢି ପ୍ରମୁଖ ମଞ୍ଚାସୀନ ଥିଲେ। ସରକାରୀ ଯୋଜନାରେ ନାରୀମାନେ କିପରି ନିଜେ କ୍ଷୁଦ୍ର ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇ ସଫଳ ଉଦ୍ୟୋଗୀ ହୋଇ ପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା । କ୍ଷୁଦ୍ର ବ୍ୟବସାୟ ପାଇଁ ସମସ୍ତ ବ୍ୟାଙ୍କରୁ ୩୫ ପ୍ରତିଶତ ରିହାତିରେ ଲୋନ ନେଇ ବ୍ୟବସାୟ କରିପାରିବେ। ଏଥିରେ ସମସ୍ତ ବ୍ୟାଙ୍କ ସହଯୋଗ କରିବେ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।



## ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ



ଦେବଗଡ଼,୨୧।୧(ସମିସ): ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ କଳାମାଟି ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ମଙ୍ଗଳ ଅଧିକାରୀ ଡୋମନ ଏକ୍କା ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ରାମଚନ୍ଦ୍ର ସୋରେନ ଯୋଗ ଦେଇ ଖେଳାଳୀମାନଙ୍କୁ କ୍ରୀଡାର ଉପାଦେୟତା ଏବଂ କ୍ରୀଡା କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ମନୋରଞ୍ଜନ ବାରିକ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ଜମିରେ ଚାରାରୋପଣର ସୁରକ୍ଷା ଦାବି



ଝାରସୁଗୁଡା,୨୧।୧(ସମିସ): ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ସ୍ଥିତ ଶ୍ରିପୁରା ଗ୍ରାମବାସୀ ଏକ ପେଡ ମା କେ ନାମ ଯୋଜନାରେ ଗ୍ରାମରେ ଥିବା ଜଙ୍ଗଲ ଜମିରେ ୧ ହଜାରରୁ ଉର୍ଦ୍ଧ ଚାରା ରୋପଣ କରିଥିଲେ। ଏହାର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ପାଇଁ ସହାୟତା ପ୍ରଦାନ କରିବା ନିମନ୍ତେ ଗ୍ରାମର ଶତାଧିକ ମହିଳା ପୁରୁଷ ଓ ସ୍ଥାନୀୟ ଜନ ପ୍ରତିନିଧି ବଡ଼ମାଳ ଆଇଆଇସିଙ୍କୁ ବୁଧବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ବର୍ଷା ଋତୁରେ ଗ୍ରାମର ଜଙ୍ଗଲ ଜମିରେ ଏକ ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଏହାର ସୁରକ୍ଷା ଏବଂ ଯତ୍ନ ପାଇଁ ଗତ କିଛି ଦିନ ହେବ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରି ନ ଥିବା ଅଭିଯୋଗ କରିଛନ୍ତି। ଏଣୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ସଭାପତିତ୍ୱରେ ଗତ ଜାନୁୟାରୀ ୧୫ରେ ଗ୍ରାମସଭା କରି ଉକ୍ତ ଜଙ୍ଗଲ ଜମିରେ ରୋପଣ କରାଯାଇଥିବା ଚାରା ତଥା ବୃକ୍ଷ ଗୁଡିକର ଉପଯୁକ୍ତ ଯତ୍ନ ଏବଂ ସୁରକ୍ଷା କରିବା, ଉକ୍ତ ଜଙ୍ଗଲ ଜମିରେ କୌଣସି ଯାନବାହାନ ପ୍ରବେଶ କରାଇ ନ ଦେବା ନେଇଁ ସର୍ବସମ୍ମତି କ୍ରମେ ଗ୍ରାମସଭାରେ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଯାହାକି ଆସନ୍ତା ଫେବୃଆରୀ ୨ ତାରିଖ ଠାରୁ ଆରମ୍ଭ କରାଯିବ। ତେଣୁ ଏହି ମା କେ ପେଡ ଯୋଜନାରେ ଲଗାଯାଇଥିବା ଚାରାର ଯତ୍ନ ଓ ସୁରକ୍ଷା କାର୍ଯ୍ୟରେ ପୁଲିସ ନିୟୋଜିତ କରିବା ସହ ପୁଲିସ ଉପସ୍ଥିତ ରହି ବେଆଇନ ଯାନବାହାନ ପ୍ରବେଶ ଦ୍ୱାରା ସୃଷ୍ଟି ହୋଇଥିବା ଚାରା ଉପରେ ଯେପରି କୌଣସି ପ୍ରଭାବ ନ ପଡିବ ସେଥିପାଇଁ ସୁରକ୍ଷା ଓ ସହାୟତା ପ୍ରଦାନ କରନ୍ତୁ ବୋଲି ଦାବିପତ୍ରରେ ଗ୍ରାମବାସୀ ନିବେଦନ କରିଛନ୍ତି। ଏହି ଦାବିପତ୍ରର ଅବିକଳ ନକଲ ଝାରସୁଗୁଡା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ବଡ଼ମାଳ ଆଇଆଇସିଙ୍କ ଜରିଆରେ ପ୍ରଦାନ କରାଯାଇଛି। ବଡ଼ମାଳ ଆଇଆଇସି ପବିତ୍ର ଭୋଇଙ୍କୁ ଏହି ଦାବିପତ୍ର ଦେବା ସମୟରେ ଶ୍ରୀପୁରା ଗ୍ରାମର ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ,ବ୍ଲକ ଅଧକ୍ଷ ଚିତ୍ରାଣୀ ପଟେଲ, ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୬' ଚତୁର୍ଥ ସନ୍ଧ୍ୟା

# ରୁକୁ ସୁନାଙ୍କ ଗୀତର ତାଳେତାଳେ ଝୁମିଲେ ଦର୍ଶକ






ଦେବଗଡ,୨୧।୧(ସମିସ)

ଦେବଗଡ ଜିଲା ପ୍ରଶାସନ, ସଂସ୍କୃତି ବିଭାଗ ଓ ଓର୍‌ମାସ୍‌ର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଜିଲା ମହୋତ୍ସବ "ଉତ୍ସବ ପ୍ରଧାନପାଟ-୨୦୨୬' ଆଜି ଚତୁର୍ଥ ସଂଧ୍ୟାରେ ପହଞ୍ଚିଛି। ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡବଗିଚା ପଡିଆଠାରେ ନିର୍ମିତ ମୁକ୍ତାକାଶ ରଙ୍ଗ ମଞ୍ଚରେ ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବରେଣ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରିଣୀ ସୁଶ୍ରୀ ରଶ୍ମି ଜୀ ଯୋଗଦେଇ ଚତୁର୍ଥ ସଂଧ୍ୟାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶେଷରେ ଜିଲା ଦକ୍ଷତା ଓ ନିୟୋଜନ ଅଧିକାରୀଣୀ କେ. ରୋଜା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

ସଭାକୁ ଉପସ୍ଥାପିକା ଭାବେ ରାଉରକେଲାର ମୋନାଲିଶା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ କ୍ରୀଡା ଓ ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆଦେଇ ବିବି, ସନ୍ତୋଷ ମୁଣ୍ଡା, ମନୋଜ ମୁଣ୍ଡା, କ୍ରିଷ୍ଣା ଭାଟି,ପରମନନ୍ଦ ରଣା, ରଞ୍ଜନ ନାଏକ, ତପନ ନାଟକ, ଅସ୍ମିନ କେରକେଟ୍ଟା, ଅଙ୍କୁଶ ଭଞ୍ଜଙ୍କ ସମେତ କଳାମାଟି ଏକଲବ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ମୁଖ୍ୟମନ୍ତ୍ରୀ ଜନଜାତି ଯୋଜନାରୁ ହିତାଧିକାରୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭା ପରେ ଦେବଗଡ଼ର ଲୋକ ନୃତ୍ୟ, କାଶ୍ମୀର ଲୋକ ନୃତ୍ୟ, ହରିୟାଣା ଲୋକନୃତ୍ୟ, ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁନାମଧନ୍ୟ କଣ୍ଠ ଶିଳ୍ପୀ ରୁକୁ ସୁନାଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଗଡ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଟୋପଦାର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟସ୍ତରରେ ସମ୍ବର୍ଦ୍ଧିତ ହେବେ ଜିଲ୍ଲାପାଳ

**ନୂଆପଡ଼ା, ୨୧ ।୧(ସମିସ):** ନିକଟରେ ଶେଷ ହୋଇଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନକୁ ସଠିକ ଭାବେ ପରିଚାଳନା କରିଥିବା ହେତୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଆସନ୍ତା ୨୫ତାରିଖ ଦିନ ଜାତୀୟ ମତଦାତା



ଦିବସରେ ଦିଲ୍ଲୀଠାରେ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ ନିର୍ବାଚନ ଆୟୋଗ ତରଫରୁ ନିମନ୍ତ୍ରଣ ପତ୍ର ଆସିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ଆକସ୍ମିକ ବିୟୋଗ ପରେ ଗତ ନଭେମ୍ବର ମାସରେ ଉପନିର୍ବାଚନ ହୋଇଥିଲା। ଏହାକୁ ନିର୍ବାଚନ କମିଶନଙ୍କ ସମସ୍ତ ପ୍ରକାର ଆଚରଣ ବିଧି ସହ ବିଧି ବ୍ୟବସ୍ଥାକୁ ଠିକ ଭାବରେ ପରିଚାଳନା କରିଥିବା ହେତୁ କୌଣସି ପ୍ରକାର ବିଶୃଙ୍ଖଳା ହୋଇନଥିଲା। ଏଥିପାଇଁ ରାଜ୍ୟ ସରକାର ମଧ୍ୟ ପୁରସ୍କାର ପ୍ରଦାନ କରିବା ସୂଚନା ରହିଛି। ଦିଲ୍ଲୀଠାରେ ସମ୍ବର୍ଦ୍ଧିତ ହେବାକୁ ଜିଲ୍ଲାପାଳ ଦାଶ ଆସନ୍ତା ୨୪ତାରିଖ ଦିନ ଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

# ମଦ ଜବତ, ୨ ଗିରଫ

**କୋକସରା, ୨୧ ।୧(ସମିସ) :** କୋକସରା ଅବକାରୀ ଥାନା ପକ୍ଷରୁ ବୁଧବାର ଡାଲଗୁମା ପଞ୍ଚାୟତ ଲଟାପଡ଼ା କେନାଲ ରାସ୍ତାରେ ବାଇକ୍ ସହିତ ୩୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୨ ଜଣକୁ ଗିରଫ କରାଯାଇଛି। ଗିରଫ



ଅଭିଯୁକ୍ତ ଜୟପାଟଣା ଥାନା ଅନ୍ତର୍ଗତ ପିପଲପଡ଼ା ଗ୍ରାମର ଗଣପତି ଦିଶାରୀ (୩୦) ଓ କ୍ଷୀରସିନ୍ଧୁ ମାଝୀ (୩୪)। ସେମାନଙ୍କୁ ପଚରା ଉଚୁରା ସହ ତଦନ୍ତ ପରେ ପରେ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

**ବଲାଙ୍ଗିର ଲୋକ ଉତ୍ସବର ତୃତୀୟ ସନ୍ଧ୍ୟା**

# ପ୍ରଶଂସା ସାଉଁଟିଲେ ରାଜ୍ୟ ବାହାର କଳାକାର

**ବଲାଙ୍ଗିର, ୨୧ ।୧(ସମିସ)**

ବଲାଙ୍ଗିର ଲୋକ ଉତ୍ସବର ତୃତୀୟ ସନ୍ଧ୍ୟା ବେଶ୍ ମନମୁଗ୍ଧକର ଥିଲା। ବାହାର ରାଜ୍ୟର କଳାକାର ସେମାନଙ୍କ କଳା ପରିବେଷଣ କରି ପ୍ରଶଂସା ସାଉଣ୍ଟିଛନ୍ତି। ଏଥିରେ ଜିଲ୍ଲା



ଆଇନ ସେବା ପ୍ରାଧିକରଣ ସମ୍ପାଦକ ପବିତ୍ରାନନ୍ଦ ପ୍ରଧାନ, ବଲାଙ୍ଗିର ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳସଚିବ ହରପ୍ରସାଦ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣି ସୁନା, ଜିଲ୍ଲା ସମାଜ



ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଅତିଥି କଳାକାର ବିପିନ ବିହାରୀ ଭୋଇ, ଖାଦ୍ୟ ଓ ଆବାସ କମିଟି ସହ ଅଧକ୍ଷ ସୁଶ୍ରୀ ମିଲି ବାରିକ, ପଡ଼ିଆ କମିଟି ସହ ଅଧକ୍ଷ ଗୋବିନ୍ଦ ଶତପଥୀ ଓ ସୁମନ ନନ୍ଦ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ କଳାକାର ଆର୍ତ୍ତତ୍ରାଣ ସୁନାନିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ସଭାପତିତ୍ୱ କରିଥିଲେ। ସନ୍ଦୀପ କୁଅଁର ମଞ୍ଚ ସଂଯୋଜନା କରିଥିଲେ। ଗୋବିନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଝାଡ଼ଖଣ୍ଡ ସଢେଇକାର ଛଉ ନୃତ୍ୟ, ମହାରାଷ୍ଟ୍ରର ଲାବଣି ନୃତ୍ୟ, କାଶ୍ମୀରର ରୌଫ ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା ନୃତ୍ୟ ଦଳ ପରିବେଷିତ ହୋଇଥିଲା। ବଲାଙ୍ଗିରର କୋଶଳ ଫୋକ ଏକାଡେମି, ଅନ୍ୱେଷଣ, ଏକତା ଡ୍ୟାନ୍ସ ଗ୍ରୁପ, ପୌରାଞ୍ଚଳ ଯାଦବ ମହାସଭା, ଦୁଲଦୁଲି କଳାପରିଷଦ, ଜୟଦୁର୍ଗା କଳାପରିଷଦ, ବରଗଡ଼ର ଡାଲଖାଇ, ପାଟଣାଗଡ଼ର ଝଙ୍କାର ମ୍ୟୁଜିକ, ଟିଟିଲାଗଡ଼ର ସାଇନିଙ୍ଗ ଷ୍ଟାର ପ୍ରମୁଖ ସାଂସ୍କୃତିକ ଦଳ କଳା ପରିବେଷଣ କରିଥିଲେ। ସକାଳୁ ଜୟଦେବ କଳାସଂସଦରେ ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକ ବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଦେବେନ୍ଦ୍ର କୁମ୍ଭାର, ମହେଶ୍ୱର ଜାଲ, ରଞ୍ଜନ ପଟ୍ଟନାୟକ, ଗୌରହରୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ଲୋକ ବାଦ୍ୟ ଏକକ ପ୍ରତିଯୋଗିତାରେ ଭିମ ସୁନା, ଜଗଦୀଶ ମହାକୁର, ଶଙ୍କର ଭଣ୍ଡା, ଚନ୍ଦନ କୁମ୍ଭାର, ବେଦ ଷାଣ୍ଡ, ଜଗମୋହନ ବାଗ, ଜକସନ କୁମ୍ଭାର, ରାଜୀବ ତାଣ୍ଡି ଅଂଶଗ୍ରହଣ କରିଥିଲେ। ସେହିଭଳି ଜିଲ୍ଲାସ୍ତରୀୟ ଲୋକ ବାଦ୍ୟ ଦଳୀୟ ପ୍ରତିଯୋଗିତାରେ ଭିମ ସୁନା ଓ ଦଳ, ଭବାନୀ ଶଙ୍କର କଳାପରିଷଦ, କାର୍ତ୍ତିକ ନନ୍ଦ ଓ ଦଳ, ରଞ୍ଜନ ନାଗ ଓ ସାଥୀ, କଳାକୃଷ୍ଣ ମହାନନ୍ଦ ଓ ସାଥୀ, କାଳିଆ ସୁନା ଓ ସାଥି ପ୍ରମୁଖ ଭାଗ ନେଇଥିଲେ।

## ଆଗେ ଅନେଇ ବସୁଥିଲେ; ଏବେ ଅମଙ୍ଗ

**ବଲାଙ୍ଗିର, ୨୧।୧ (ସମିସ):** ବଲାଙ୍ଗିର ଜିଲ୍ଲା ଲୋକ ମହୋତ୍ସବ ବହୁ ଆଡମ୍ବର ଲଘୁକ୍ରିୟାରେ ପରିଣତ ହୋଇଛି। ପୂର୍ବରୁ ଏହି ମଞ୍ଚରେ ଜିଲ୍ଲା ରାଜନୀତି ତଥା ରାଜନେତାଙ୍କ ଆଭିମୁଖ୍ୟ ଜଣାପଡୁଥିଲା। ବେଶ୍ ଉତ୍ସାହର ସହ ସ୍ଥାନୀୟ ଜନ ପ୍ରତିନିଧିମାନେ ଏହି ଉତ୍ସବରେ ଅତିଥି ଭାବେ ଯୋଗଦେବା ପାଇଁ ଆସୁଥିଲେ। ଏଥିରେ ଉପସ୍ଥିତ ରହି ଆଗାମୀ ଗୋଟିଏ ବର୍ଷର ତାଙ୍କର ଲକ୍ଷ୍ୟ ଏବଂ ବିଗତ ଦିନରେ ଜିଲ୍ଲା ପାଇଁ କରିଥିବା ପରିଶ୍ରମ ଲୋକଙ୍କ ଆଗରେ ରଖି ଆସ୍ଥା ଭାଜନ ହେବା ପାଇଁ ଚେଷ୍ଟା କରୁଥିଲେ। ଜିଲ୍ଲା ତଥା ଜିଲ୍ଲା ବାହାରର ଜନ ପ୍ରତିନିଧି ମଧ୍ୟ ଏହି ଲୋକ ଉତ୍ସବରେ ଅତିଥି ଭାବେ ଯୋଗ ଦେଉଥିଲେ। ମୋଟାମୋଟି ଭାବେ କଳାକାରଙ୍କ ସଙ୍ଗମ ସ୍ଥଳରେ ରାଜନେତାଙ୍କ ଦବଦବା ମଧ୍ୟ ଦେଖିବାକୁ ମିଳୁଥିଲା। ଚଳିତ ବର୍ଷ ତାହା ଫିକା ପଡ଼ିଛି। ଉତ୍ସବରେ ଅତିଥିଙ୍କୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ୩ ଦିନ ପରେ ବି ସ୍ଥାନୀୟ ଜଣେ ବି ବିଧାୟକ ବଲାଙ୍ଗିର ଲୋକ ଉତ୍ସବରେ ଅତିଥି ଭାବେ ଯୋଗ ଦେଇନାହାନ୍ତି। ଏନେଇ ତାଙ୍କ ସହଯୋଗୀଙ୍କୁ ପଚାରିଲେ ବି ସେମାନେ କୌଣସି ଉତ୍ତର ରଖୁନାହାନ୍ତି। ଯାହାକି ଭିତରେ ଭିତରେ କିଛି ବଡ ଧରଣର ଅସନ୍ତୋଷ ରହିଥିବା ଚର୍ଚ୍ଚା ହେଉଛି। ୧୯ ତାରିଖରେ ବଲାଙ୍ଗିର ଲୋକ ଉତ୍ସବ ଉଦଘାଟିତ ହୋଇଛି। ପୂର୍ବ ବର୍ଷ କେଉଁ ଦିନ କିଏ ଅତିଥି ଭାବେ ଯୋଗଦେବେ ସେନେଇ ତାଲିକା ପ୍ରସ୍ତୁତ କରାଯିବା ସହ ନିମନ୍ତ୍ରଣ ପତ୍ରରେ ସୂଚନା ଦିଆଯାଉଥିଲା। ଏହାଫଳରେ ଲୋକଙ୍କ ମଧ୍ୟରେ ଉତ୍ସବ ମଝିରେ ହେଉଥିବା ବୈଠକକୁ ନେଇ ଉତ୍ସାହିତ ହେଉଥିଲେ; କିନ୍ତୁ ଚଳିତ ବର୍ଷ ତାହା ହୋଇନାହିଁ। ଏହାଫଳରେ କେଉଁ ଦିନ କିଏ ଆସିବେ ତାହା ଅସ୍ପଷ୍ଟ। ଏପରିକି ଶେଷ ସମୟ ପର୍ଯ୍ୟନ୍ତ ଅତିଥି ତାଲିକା ପ୍ରସ୍ତୁତ ହୋଇପାରୁ ନ ଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଉଦ୍‌ଘାଟନୀ ଦିବସରେ ହଠାତ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆସୁଥିବା ସୂଚନା ମିଳିଥିଲା। ଏହା ପରେ ଦ୍ୱିତୀୟ ଦିବସରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା; କିନ୍ତୁ ତାହା ହଠାତ ବାତିଲ ହୋଇଥଲା। ଏଣୁ ସମ୍ମାନୀତ ଅତିଥି ଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ ମୁଖ୍ୟ ଅତିଥି ଭାବେ ରଖାଯାଇଥିଲା। ତୃତୀୟ ଦିବସରେ ମଧ୍ୟ କେହି ଆସି ନ ଥିବାରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମଞ୍ଚରେ ବସିଥିଲେ। ତେବେ ଯେଉଁ ଉତ୍ସବକୁ ପୂର୍ବରୁ ସ୍ଥାନୀୟ ଜନ ପ୍ରତିନିଧି ଜଗି ବସୁଥିଲେ ଆଜି ଆସିବାକୁ ଅମଙ୍ଗ କାହିଁକି ତାହା ବଡ଼ ପ୍ରଶ୍ନ। ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଜରେ ବିଧାୟକ ଆଜି ଉପମୁଖ୍ୟମନ୍ତ୍ରୀ ଏବଂ ଜଣେ କ୍ୟାବିନେଟ ମନ୍ତ୍ରୀ। ସେମାନଙ୍କ ଦେଖାନାହିଁ। ଉତ୍ସବର ଅତିଥି କମିଟି ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ତଥା ଅନ୍ୟମନ୍ତ୍ରୀଙ୍କୁ ଭେଟି ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ସେଥିମଧ୍ୟରୁ ଆଜି ପର୍ଯ୍ୟନ୍ତ ଜଣେ ବି ଏହି ଉତ୍ସବରେ ଯୋଗଦେବାକୁ ସମୟ ଦେଇନାହାନ୍ତି। ତେବେ ଅତିଥିମାନେ ସତରେ ଆସିବା ପାଇଁ ସମୟ ଦେଇନାହାନ୍ତି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି ତାହା ପ୍ରଶ୍ନ ଉଠିଛି।

**ଏ ପର୍ଯ୍ୟନ୍ତ ଜଣେ ବି ବିଧାୟକଙ୍କ ଦେଖା ନାହିଁ**

**ଜଣେ ଉପ ମୁଖ୍ୟମନ୍ତ୍ରୀ ଆଉ ଜଣେ କ୍ୟାବିନେଟ୍ ମନ୍ତ୍ରୀ**

**କାମକେଡ଼ା ଗାଁରେ ହାତୀପଲଙ୍କ ଉପଦ୍ରବ**

# ଘର ଭାଙ୍ଗି ଧାନ ଖାଇଗଲେ



**ନୂଆପଡ଼ା/କୋମନା, ୨୧ ।୧(ସମିସ):** ଆଜିକୁ ଠିକ ମାସକ ତଳେ ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ତିଖାଲି ଡ୍ୟାମ ଦେଇ ପଡୋଶୀ ବଲାଙ୍ଗିର ଜିଲ୍ଲାକୁ ଯାଇଥିବା ୩୦ଟିକିଆ ହାତୀପଲ ମଙ୍ଗଳବାର ବିଳମ୍ବିତ ରାତିରେ କୋମନା ବ୍ଲକ ଦେଇ ସୁନାବେଡା ଅଭୟାରଣ୍ୟକୁ ଯାଇଥିବା ବେଳେ ବୁଧବାର ଛତିଶଗଡ଼କୁ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡ଼ିଛି। ପ୍ରତ୍ୟାବର୍ତ୍ତନ ସମୟରେ କୋମନା ବ୍ଲକ କାମକେଡା ଗାଁର ଜଣେ ଚାଷୀଙ୍କ ଘରକୁ ଦଳି ଚକଟି ଭାଙ୍ଗି ଦେଇଥିବା ବେଳେ ଧାନ ଖାଇଯାଇଛନ୍ତି। ଘର ଭିତରେ ଥିବା ପରିବାର ଲୋକେ ଅଳ୍ପକେ ଜୀବନ ବଞ୍ଚାଇ ବାହାରିଯାଇଛନ୍ତି। ଏହିଭଳି ବାଟରେ ମଧ୍ୟ ବହୁ ଚାଷୀଙ୍କ ଚାଷ ଉଜୁଡ଼ାଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ରାତି ୧୧/୧୨ଟା ସମୟରେ କୋମନା ବ୍ଲକ ପାଟପାଣି ଜଙ୍ଗଲ ଦେଇ ପଡୋଶୀ ବଲାଙ୍ଗିର ଜିଲ୍ଲାରୁ ଓହ୍ଲାଇଥିଲା ହାତୀପଲ। ନୂଆଗାଁ ପଞ୍ଚାୟତର କାମକେଡା ଦେଇ କୋମନା ବ୍ଲକରେ ପ୍ରବେଶ କରିଥିବା ବେଳେ ଜଙ୍ଗଲ ନିକଟରେ ଘର କରି ରହିଥିବା ଡମ୍ବରୁ ଶବରଙ୍କ ଘରକୁ ଭାଙ୍ଗିଦେଇଥିବା ବେଳେ ଘରେ ଥିବା ବିକ୍ରି ପାଇଁ ରଖିଥିବା ୩୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ବସ୍ତା ଧାନକୁ ଖାଇଯାଇଥିବା ବେଳେ ଦୁଇଗୋଟି ଗୋରୁଙ୍କୁ ମଧ୍ୟ ମାଡି ଦଳିଦେଇଥିବା କହିଛନ୍ତି। ଘରେ ଶୋଇଥିବା ଡମ୍ବରୁଙ୍କ ପରିବାର ଲୋକ ସ୍ତ୍ରୀ ଧନ ମତି ଶବର, ଝିଅ ଲକ୍ଷ୍ମୀ ଶବର, ପୁଅ ତୋପିସଗୋପୀନାଥ, ଚିତମନ ଶବର ଠିକ ସମୟରେ ଜାଣିପାରି ଘରୁ ଲୁଚି ବାହାରିଯାଇଥିଲେ। ଫଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହିଭଳି ସାଲେଭଟା ଗାଁର କାନ୍ଥ ଶବର, ବର ପଦରର ଗଜ ଶବର, ଶିବ ଶବର, ନିର୍ମଳ ଶବର କ୍ଷତିଗ୍ରସ୍ତ ହୋଇଛନ୍ତି। ଖବର ପାଇ ବୁଧବାର ସଂଧ୍ୟାରେ କୋମନା ଫରେଷ୍ଟ ରେଞ୍ଜ ଅଫିସରୁ ଅଧିକାରୀମାନେ ଗାଁକୁ ଯାଇ ଡମ୍ବରୁଙ୍କ ପରିବାରର ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ବିଶିବାହାଲ ଦେଇ ଛତିଶଗଡ଼କୁ ପ୍ରତ୍ୟାବର୍ତ୍ତନ**

# ବନ୍ଧୁକ ଛାଡ଼ି ଘରକୁ ଫେରି ଆସିବାକୁ ପରିବାରର ନିବେଦନ

**ସିନାପାଲି, ୨୧ ।୧ (ସମିସ):** ମୁଖ୍ୟ ସ୍ରୋତରେ ସାମିଲ ହୋଇ ଘରକୁ ଫେରି ଆସିବାକୁ ମାଓବାଦୀ ସାଜି ଜଙ୍ଗଲରେ ଘୁରି ବୁଲୁଥିବା ଉଷା, ଅଞ୍ଜୁ ଓ ଜ୍ୟୋତିର ପରିବାର ତରଫରୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି। ଏହି ମାଓବାଦୀମାନେ ଗରିଆବନ୍ଧ ଏରିଆ କମିଟିର କ୍ୟାଡ଼ର ହୋଇଥିବା ବେଳେ ତେଲେଙ୍ଗାନା ରାଜ୍ୟର ସାହାଦ୍ରଭେଲି ବୋଲି ଆତ୍ମସମର୍ପଣ କରିଥିବା ବଳଦେବ ଠାରୁ ଜଣାପଡ଼ିଛି। ପରିବାରର ଅନୁରୋଧ ରକ୍ଷା କରି ଆତ୍ମସମର୍ପଣ କରିଥିବା ବଳଦେବ କହିବା ଅନୁସାରେ ୨୫ରୁ ୩୦ ମାଓବାଦୀ ନୂଆପଡ଼ା ମେନପୁର ଡିଭିଜନରେ ରହିଥିବା ଗଣମାଧ୍ୟମ ନିକଟରେ ପ୍ରକାଶ କରିବା ସହ ମୁଖ୍ୟସ୍ରୋତକୁ ଫେରି ଆସିବାକୁ ସେ ନିବେଦନ କରିଛନ୍ତି। ସାଙ୍ଗରେ ଏମାନେ ଗୋଟିଏ କମିଟିରେ ରହିଥିବା ବେଳେ ଉଷା ଓରଫ ସଙ୍ଗୀତା, ଅଞ୍ଜୁ, ଜ୍ୟୋତିକୁ ବନ୍ଧୁକ ଛାଡ଼ି ଆତ୍ମର୍ପଣ କରି ଘରକୁ ଫେରି ଆସିବାକୁ ନିବେଦନ କରିଛନ୍ତି। ସରକାରଙ୍କ ଡେଡ ଲାଇନ ସରି ଯିବାକୁ ବସିଥିବା ବେଳେ ତା ଆଗରୁ ଆଗ ସମର୍ପଣ କରି ସାଧାରଣ ଜୀବନଯାପନ କରିବାକୁ ପରିବାର ତରଫରୁ ନିବେଦନ କରାଯାଇଛି। ତାଙ୍କ ଫେରିବା ବାଟକୁ ପରିବାର ଲୋକେ ଚାହିଁ ବସିଥିବା ବେଳେ ବାପା ମାଆ କାକୁତି ମିନତି ହୋଇ ଅନୁରୋଧ କରିଛନ୍ତି। ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଏବଂ ସୁରକ୍ଷାବଳ ଦଳର ଲଗାତାର ଚାପର ପରିଣାମ ସ୍ୱରୂପ ଓଡ଼ିଶା ସୀମାନ୍ତ ଗରିଆବନ୍ଧ ଜିଲ୍ଲାରେ ନକ୍ସଲବାଦକୁ ବଡ଼ ଝଟକା ଲାଗିଛି। କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାଓବାଦୀ) ସହ





ଜଡିତ ୯ ଜଣ ହାର୍ଡକୋର ମାଓବାଦୀ ଗରିଆବନ୍ଧ ପୁଲିସ ଓ ସୁରକ୍ଷାବଳ ଦଳ ସମ୍ମୁଖରେ ଅସ୍ତ୍ର, ଶସ୍ତ୍ର ସହିତ ଆତ୍ମର୍ପଣ କରି ସାରିଥିବା ବେଳେ ଏହି ସମସ୍ତ ମାଓବାଦୀଙ୍କ ଉପରେ ମୋଟ ୪୫ ଲକ୍ଷ ଟଙ୍କାର ଇନାମ ଘୋଷିତ ଥିଲା। ଆତ୍ମର୍ପଣ ସମୟରେ ସେମାନଙ୍କ ପାଖରୁ ଏକେ୪୭, ଏସଏଲଆର, ୩୦୩ ରାଇଫଲ, ପିସ୍ତଲ, ମ୍ୟାଗଜିନ, ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପୂର୍ବରୁ ଗରିଆବନ୍ଧ, ଧମତରୀ ଓ ନୂଆପଡ଼ା ଅଞ୍ଚଳର ଅନେକ ଗୁରୁତର ନକ୍ସଲ ଘଟଣାରେ ସାମିଲ ଥିଲେ। ସେମାନଙ୍କ ବିରୁଦ୍ଧରେ ପୁଲିସ ଥାନାରେ ହତ୍ୟା, ମୁକାବିଲା, ବିସ୍ଫୋରଣ, ଲୁଟ, ଅସ୍ତ୍ର ଆଇନ ଓ ଅନ୍ୟାନ୍ୟ ଗମ୍ଭୀର ମାମଲା ଦାଖଲ ଥିଲା। ପୁଲିସର କହିବା ଅନୁସାରେ ଜିଲ୍ଲା ପୁଲିସ ଅଧିକ୍ଷକ ଓ ସୁରକ୍ଷାବଳ ଦଳର ଅଧିକାରୀମାନେ କହିଛନ୍ତି ଯେ ସରକାରଙ୍କ ନୂଆ ଆତ୍ମସମର୍ପଣ ଓ ପୁନର୍ବାସ ନୀତି, ଉନ୍ନୟନମୂଳକ କାର୍ଯ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଯୋଜନା ଏବଂ ଲଗାତାର ସୁରକ୍ଷା ଅଭିଯାନ ଯୋଗୁଁ ମାଓବାଦୀମାନେ ଧୀରେଧୀରେ ମୁଖ୍ୟଧାରାକୁ ଫେରୁଛନ୍ତି।ପୁନର୍ବାସ ସୁବିଧା ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ଛତିଶଗଡ଼ ସରକାରଙ୍କ ନୀତି ଅନୁଯାୟୀ ତୁରନ୍ତ ଆର୍ଥିକ ସହାୟତା, ଘର, ଚିକିତ୍ସା, ଶିକ୍ଷା ଓ ରୋଜଗାର ସୁବିଧା ପ୍ରଦାନ କରାଯିବ। ସେମାନଙ୍କୁ ସମାଜର ମୁଖ୍ୟଧାରାରେ ସମ୍ମାନ ସହ ଫେରାଇବାକୁ ସରକାର ପକ୍ଷରୁ ସମସ୍ତ ପ୍ରୟାସ କରାଯିବ।ପୁଲିସ କହିଛି ଯେ ଆସନ୍ତା ଦିନରେ ଅଧିକ ମାଓବାଦୀ ଆତ୍ମସମର୍ପଣ କରିବାର ସମ୍ଭାବନା ରହିଛି ଏବଂ ନକ୍ସଲବାଦ ବିରୋଧୀ ଅଭିଯାନ ଆହୁରି ତେଜ କରାଯିବ ବୋଲି ସୂଚନା ଦିଆଯାଇଛି।

# ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ଶିକ୍ଷାଦାନ

**ଭବାନୀପାଟଣା, ୨୧।୧ (ସମିସ):** ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଚଳିତ ଶିକ୍ଷା ବର୍ଷରେ ମଧ୍ୟ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ଶିକ୍ଷାଦାନ ସ୍କୁଲ ପରିଚାଳନା କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ମାଛ ବିକାଳି, ରିକ୍ସା ଚାଳକ, ପନିପରିବା ବିକାଳି, ଠେଲାଦୋକାନୀ, ସଫେଇ କର୍ମଚାରି, ଠିକା ଶ୍ରମିକ, ଚା ବିକାଳି ସମେତ ଅନ୍ୟାନ୍ୟ ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ବହୁ ଛାତ୍ରଛାତ୍ରୀ ଘରୋଇ ସ୍କୁଲ ତଥା ଉତ୍ତମ ଶିକ୍ଷା ଦାନରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ କିପରି ସମାଜର ମୁଖ୍ୟ ସ୍ରୋତରେ




ସାମିଲ ହେବେ ଓ ମାଆ ମାଟିର ନାମ ରଖିବେ ସ୍କୁଲ ପରିଚାଳନା କମିଟି ନିଷ୍ପତ୍ତି ନେଇଛନ୍ତି ବୋଲି ସ୍କୁଲର ଅଧକ୍ଷ ତଥା ପ୍ରତିଷ୍ଠାତା ଡ.ଶିବରାମ ନାୟକ ସ୍ୱତନ୍ତ୍ର ବୈଠକରେ ଘୋଷଣା କରିଛନ୍ତି। ସ୍କୁଲର ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ସୁତ୍ତମ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ସରିତା ବାଘେଲ, ଭବାନୀ ନାୟକ, ରୀନା ଡାକୁଆ ପ୍ରମୁଖ ସହଯୋଗ କରିଥିଲେ।

## ଏଡିଇଓ ତପିମଣି ଜାନିଙ୍କୁ ସମ୍ବର୍ଦ୍ଧନା

**ନର୍ଲା, ୨୧ ।୧(ସମିସ):** ନର୍ଲା ବ୍ଲକ ବୁରାଟ କ୍ଲଷ୍ଟରର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ତରଫରୁ ନର୍ଲା ବିଇଓରୁ କଳାହାଣ୍ଡି ଏଡିଇଓ ପଦବୀକୁ ପଦୋନ୍ନତି ପାଇଥିବା ତପିମଣି ଜାନୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୋହିରାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏନେଇ ଆୟୋଜିତ ପଦୋନ୍ନତି ସମ୍ବର୍ଦ୍ଧନା ସଭାରେ ଅଧକ୍ଷତା କରିଥିଲେ ବରିଷ୍ଠ ଶିକ୍ଷକ ହରିଅର୍ଜୁନ ସିଂ। ଅତିଥି ଭାବେ ଏଡିଇଓ ତପିମଣି ଜାନୀ, ନର୍ଲା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୂର୍ଯ୍ୟଦେବ ବାଗ, ଅନ୍ୟତମ ଅତିରିକ୍ତ ଶିକ୍ଷା ଅଧିକାରୀ ସୁଢ଼ଳଦେବ ମୁଣ୍ଡ, ବରିଷ୍ଠ ଶିକ୍ଷକ ତ୍ରିବିକ୍ରମ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିଲେ। ସଭା କାର୍ଯ୍ୟ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷକ ସୁଜିତ ପଣ୍ଡା। କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଅନାଥ ଜୀବନର ଅସହ୍ୟ ଯନ୍ତ୍ରଣାରେ ଛଟପଟ ୬ ଶିଶୁ**

# ବାପାଙ୍କ ମୃତ୍ୟୁର ଦେଢ଼ବର୍ଷ ପରେ ମାଆ ମଧ୍ୟ ଆରପାରିରେ

**ଥୁଆମୂଳରାମପୁର, ୨୧ ।୧(ସମିସ)**

ଚୂନା ହୋଇଗଲା ସୁନା ସଂସାର। ଆଗ ପଛ ହୋଇ ଆରପାରିକୁ ଚାଲିଗଲେ ବାପା-ମା। ଅନାଥ ହୋଇଗଲେ ୬ ଜଣ ନିରୀହ ନିଷ୍ପାପ କୋମଳମତି ଶିଶୁ। ଏବେ ଏତେ ବଡ ଦୁନିଆରେ ଏକା ଏକା କେମିତି ବଞ୍ଚିବେ ତାହାହିଁ ଚିନ୍ତାର ବିଷୟ। ଏପରି ଏକ ହୃଦୟ ବିଦାରକ ଘଟଣା ଦୁର୍ଗମ ମେଲରଫା ଗାଁରେ ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ କେରପାଇ ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମର ଲାକାଣ ମାଝୀ ଓ ସ୍ତ୍ରୀ ସନାମତୀ ନିଜର ଛୋଟଛୋଟ କଅଁଳ ଛୁଆମାନଙ୍କୁ ନେଇ ତେଲଲୁଣର ସଂସାରରେ ହସଖୁସିରେ ରହୁଥିଲେ। ବାପା ମାଆଙ୍କ ସ୍ନେହରେ ଛୁଆଙ୍କ ମୁହଁରେ ହସ ଫୁଟୁଥିଲା।ହେଲେ ଦଇବ ଯେ ଏତେ ନିଷ୍ଠୁର ନିଷ୍ପତ୍ତି ନେଇ ଏହି ସୁନାର ସଂସାରରେ ଅଲିଭା ନିଆଁ ଲଗାଇଦେବ କିଏ ବା ଜାଣିଥିଲା।ଗତ ୨୦୨୪ରେ ବାପା ଲାକାଣ ମାଝୀଙ୍କ ମୃତ୍ୟୁ ପରେ ୫ଜଣ କୋମଳମତୀ ନିଷ୍ପାପ ଛୁଆଙ୍କୁ ନେଇ ଗର୍ଭବତୀ ଥିବା ମାଆ ସନାମତୀ ଉପରେ ବଡ ପାହାଡ ପରି ବୋଝ ମୁଣ୍ଡେଇ ଅସହାୟ ଅବସ୍ଥାରେ ରହୁଥିଲେ। ଏଥିରେ ଦାଉ ସାଜିଲା ଦଇବ। ଚଳିତ ମାସ ୧୦ ତାରିଖରେ ୬ ଜଣ ଛୁଆ ଝିଅ ଲକ୍ଷ୍ମୀ(୧୩), ପୁଅ ଚାନ୍ଦୁ(୧୧), ଝିଅ ଭୂମିତା(୭), ଝିଅ ଚମ୍ପା(୮) ପୁଅ ନବୀନ(୫) ଏବଂ ଦେଢ଼ ବର୍ଷର ଝିଅ ସବିତାଙ୍କୁ ଅନାଥ କରି ମାଆ ମଧ୍ୟ ଚାଲିଗଲେ ଆର ପାରିକୁ। ଦୁଃଖ ଯେତେବେଳେ ଆସେ ସାଥିରେ ନେଇ ଆସେ ଅନେକ ଦୁଃଖ। ବାପା ଚାଲି ଯିବାର ବର୍ଷକ ପରେ ସବୁ ସାହା ଭରସା ଥିବା ମାଆ ମଧ୍ୟ ଚାଲି ଗଲା ଆର ପାରିକୁ। ଏବେ ଅସହାୟ ୬ ଜଣ କୋମଳମତି ଶିଶୁ। ଏଭଳି ସ୍ଥିତିରେ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ଜଣେ ଶିଶୁ ପଡ଼ିଯିବାରୁ ତାର ଗୋଡ ଭାଙ୍ଗିଯାଇଛି। ଏଭଳି ପରିସ୍ଥିତିରେ ସେହି କୋମଳମତି ଶିଶୁଙ୍କ ସହାୟ ହେବ କିଏ




?ଯାହାକୁ ନେଇ ଗରିବ ବଡବାପା ବଡମାଆ ମଧ୍ୟ ଅସହାୟ ହୋଇପଡ଼ିଛନ୍ତି। ଏହି ଅସହାୟ ବାପା ମାଆ ଛେଉଣ୍ଡ ଅନାଥ ଛୁଆଙ୍କ ସୁରକ୍ଷା ଏବଂ ଭବିଷ୍ୟତ କ'ଣ ହେବ ଯାହା ଅତି ବିଡମ୍ବନାର ବିଷୟ ହୋଇଥିବା ବେଳେ ଏନେଇ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଜାଣିବା ପରେ ତୁରନ୍ତ ଏକ ପ୍ରତିନିଧି ଦଳ ପଠାଇ ସେଇ ୬ ଜଣ ଅନାଥ ଶିଶୁଙ୍କୁ କିଛି ଆର୍ଥିକ ସହାୟତା ଦେବା ସହ ଶୁଖିଲା ଖାଦ୍ୟ ମଧ୍ୟ ପ୍ରଦାନ କରିଥିଲେ। ଅନ୍ୟ ପକ୍ଷରେ ଏହି ଶିଶୁ ମାନଙ୍କୁ ସିଡବ୍ଲୁସିରେ ରଖିବା ପାଇଁ ଯୋଜନା କରୁଥିବା କହିଛନ୍ତି। ଅନ୍ୟ ପକ୍ଷରେ ମାଆର ଦଶାହ କାର୍ଯ୍ୟ ଦିନ ଝିଅ ଭୂମିତା ମାଝୀଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ତାଙ୍କୁ ମଧ୍ୟ ଏହି ପ୍ରତିନିଧି ଦଳ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ଏହି ପ୍ରତିନିଧି ଦଳରେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ପ୍ରଦୀପ ନାଏକ, ଦିଲ୍ଲୀପ ଧଙ୍ଗଡ଼ାମାଝୀ ପ୍ରମୁଖ ସାମିଲ ହୋଇଥିଲେ।

## ପମ୍ପ ଷ୍ଟୋରେଜ ପାୱାର ପ୍ଲାଣ୍ଟ ଜନଶୁଣାଣିରେ ଅସନ୍ତୋଷ

**ଜୟପାଟଣା, ୨୧ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ ରାଣୀବାହାଲରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ପମ୍ପ ଷ୍ଟୋରେଜ ପାୱାର ପ୍ଲାଣ୍ଟ ପାଇଁ ବୁଧବାର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକଙ୍କ ଜମି, ଘର ଡିହ ଯିବ। ଏଥିପାଇଁ ମତାମତ ଓ ଲୋକଙ୍କ ସହ ଆଲୋଚନା କରିଥିଲେ। ଶୁଣାଣି ରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଓଏଚ୍‌ପିସି ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅଧିକାରୀ ତଥା ଅନ୍ୟ ଏ ସଂକ୍ରାନ୍ତିୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପ ପ୍ରତିଷ୍ଠା ହେଲେ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇ ଦେବା ସହ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ହେବ ବୋଲି କହିଥିଲେ। କିନ୍ତୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ପୂର୍ବରୁ ନିର୍ମାଣ ହୋଇଥିବା ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ବିସ୍ଥାପିତ ପରିବାରଙ୍କୁ ଅଣଦେଖା, ଆବଶ୍ୟକ କ୍ଷତିପୂରଣ ନଦେବା, ନିଯୁକ୍ତି ସୁଯୋଗ ସୃଷ୍ଟି ନକରିବା, ଅଞ୍ଚଳର ବିକାଶକୁ ଗୁରୁତ୍ୱ ନଦେବା ଭଳି ଅନେକ ଅଭିଯୋଗ କରିଥିଲେ। ପ୍ରକଳ୍ପ କାର୍ଯ୍ୟକୁ ସ୍ୱାଗତ କରୁଛୁ କିନ୍ତୁ ପ୍ରଥମେ ସରକାର କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ, ନିଯୁକ୍ତି ତଥା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ସୁନିଶ୍ଚିତ ପରି ଲିଖିତ ଦେଲେ ଜାଗା ଛାଡିବୁ ବୋଲି କହିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେବ। ତଳ ଅଞ୍ଚଳରେ ଏକ ଜଳ ଭଣ୍ଡାର ନିର୍ମାଣ ସହ ପାୱାର ହାଉସ ସ୍ଥାପିତ ହେବ। ଉପର ଜଳଭଣ୍ଡାରରୁ ପାଣି ଆସି ବିଦ୍ୟୁତ୍ ଉତ୍ପାଦନ ପରେ ପୁଣି ସେଇ ଜଳକୁ ପମ୍ପ ମାଧ୍ୟମରେ ଉପର ଜଳ ଭଣ୍ଡାର କୁ ପଠାଇ ଦିଆଯିବ। ଯାହାଫଳରେ ଜଳର ଅପଚୟ ନହୋଇ ବିଦ୍ୟୁତ ଉତ୍ପାଦନହୋଇ ରାଜ୍ୟର ଏକ ବିଦ୍ୟୁତ୍ ଉତ୍ପାଦନରେ ଏକ




ପ୍ରମୁଖ ଭୂମିକା ଗ୍ରହଣ କରିବ। କିନ୍ତୁ ପୂର୍ବରୁ ମୁଖୀଗୁଡା ଠାରେ ୬୦୦ ମେଗାୱାଟ ସମ୍ପନ୍ନ ପ୍ରକଳ୍ପ ଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିବା ବେଳେ ସ୍ଥାନୀୟ ଅଞ୍ଚଳକୁ ଅଣଦେଖା ବର୍ତ୍ତମାନ ଜନଅସନ୍ତୋଷର କାରଣ ପାଲଟିଛି। ପୂର୍ବ ପ୍ରକଳ୍ପ ୩୦ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଲୋକେ ନିଜର ହକ ପାଇଁ ବାର ଦୁଆର ହେଉଥିବା ନିଜର ଥିବା ବେଳେ ବର୍ତ୍ତମାନର ପ୍ରକଳ୍ପରେ ଲୋକେ କେତେଦୂର ସହାୟତା ପାଇବେ ଓ ଅଞ୍ଚଳର କେତେ ବିକାଶ ହେବ ତାହା ଆଗାମୀ ଦିନ ହିଁ କହିବ।









## ପତ୍ନୀ ମାନ୍ୟତା ମିଳିଲେ ଲିଭ୍-ଇନ୍‌ରେ ମହିଳା ସୁରକ୍ଷିତ ରହିବେ: ହାଇକୋର୍ଟ

ଚେନ୍ନଇ, ୨୧।୧(ଏଜେନ୍ସି): ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ୍ ଲିଭ୍-ଇନ୍ ରିଲେସନରେ ମହିଳାଙ୍କ ସୁରକ୍ଷାକୁ ନେଇ ବଡ଼ ମତ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଲିଭ୍- ଇନ୍‌ରେ ମହିଳାଙ୍କୁ କେବଳ ପତ୍ନୀର ମାନ୍ୟତା ଦିଆଗଲେ ହିଁ ସୁରକ୍ଷିତ ରହିବେ। ଏପରି ସମ୍ପର୍କରେ ମହିଳାଙ୍କ ବୈବାହିକ ସୁରକ୍ଷାର ଅଭାବ ରହିଛି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା କୋର୍ଟରଙ୍କ ଦାୟିତ୍ୱ। ଜଷ୍ଟିସ ଏସ୍ ଶ୍ରୀମତୀ ଜଣେ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଏହି ମନ୍ତବ୍ୟ ଦେଇଛନ୍ତି। ଅଭିଯୁକ୍ତ ପ୍ରଥମେ ଜଣେ ମହିଳାଙ୍କ ସହ ଲିଭ୍-ଇନ୍‌ରେ ରହୁଛନ୍ତି ଓ ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଛନ୍ତି। ସମ୍ପର୍କ ଭାଙ୍ଗିବା ପରେ ମହିଳା ଦୁଷ୍କର୍ମ ଅଭିଯୋଗ ଲଗାଯାଇଛି। ଜାମିନ ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି ଯେ, ବଳାତ୍କାର ନ ହୋଇଥିଲେ ମଧ୍ୟ ଯୌନ ସମ୍ପର୍କକୁ ଏକ ପୃଥକ ଅପରାଧ ଭାବେ ବିବେଚନା କରାଯାଇଥାଏ।

## ମିଳିତ ଅଧିବେଶନକୁ ସମ୍ବୋଧିତ କରିବାକୁ ମନାକଲେ କର୍ଣ୍ଣାଟକ ରାଜ୍ୟପାଳ

ବେଙ୍ଗାଲୁରୁ, ୨୧।୧ (ଏଜେନ୍ସି): ବିଧାନସଭା ଏବଂ ବିଧାନ ପରିଷଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବା ପାଇଁ କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ ମନା କରିଦେଇଛନ୍ତି। ସରକାରଙ୍କ ପକ୍ଷରୁ ଲେଖାଯାଇଥିବା ଅଭିଭାଷଣ ଉପରେ ଆପତ୍ତି ଉଠାଇ ରାଜ୍ୟପାଳ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମାମଲାକୁ ନେଇ ଆଇନମନ୍ତ୍ରୀ ଏଚକେ ପାଟିଲଙ୍କ ନେତୃତ୍ୱରେ ଏକ ଦଳ ଲୋକ ଭବନରେ ରାଜ୍ୟପାଳଙ୍କୁ ଭେଟିଥିଲା। ମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ଲିଖିତ ଅଭିଭାଷଣର ୧୧ତମ ପାରାକୁ ନେଇ ରାଜ୍ୟପାଳ ଆପତ୍ତି ଉଠାଇଛନ୍ତି। ରାଜ୍ୟପାଳ ହେଉଛନ୍ତି ସରକାର ଏବଂ ଜନତାଙ୍କ ସ୍ୱର। ରାଜ୍ୟପାଳଙ୍କ ଅଭିଭାଷଣ ମାଧ୍ୟମରେ ଜନତାଙ୍କ ସ୍ୱର କେନ୍ଦ୍ର ଏବଂ ସାରା ଦେଶ ପର୍ଯ୍ୟନ୍ତ ପହଞ୍ଚୁ ବୋଲି ଆମେ ଚାହୁଁଛୁ। ସେଥିପାଇଁ ତାଙ୍କୁ ମିଳିତ ଅଧିବେଶନକୁ ସମ୍ବୋଧନ କରିବା ପାଇଁ ଅନୁରୋଧ କରାଯାଇଛି। ଦିନକ ତଳେ ଅଣ ବିଜେପି ଶାସିତ ରାଜ୍ୟ କେରଳ ଏବଂ ତାମିଲନାଡୁରେ ରାଜ୍ୟପାଳଙ୍କ ବିଧାନସଭାକୁ ସମ୍ବୋଧନକୁ ନେଇ ବିବାଦ ହୋଇଥିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି।

## ଇରାନରୁ ଫେରିଲେ ଦ୍ୱିତୀୟ ପର୍ଯ୍ୟାୟ ଭାରତୀୟ ଛାତ୍ର

ଶ୍ରୀନଗର, ୨୧।୧(ଏଜେନ୍ସି): ଇରାନରେ ଫସି ରହିଥିବା ଭାରତୀୟ ଛାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ସୁରକ୍ଷିତ ଭାବେ ସ୍ୱଦେଶ ଫେରିଛନ୍ତି। ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍ଏ) ଅନୁଯାଇ, ବର୍ତ୍ତମାନ ସ୍ଥିତିରେ ଛାତ୍ରମାନଙ୍କ ଏହି ପ୍ରତ୍ୟାବର୍ତ୍ତନ ସେମାନଙ୍କ ପରିବାର ପାଇଁ ବଡ଼ ଆସ୍ୱସ୍ତି ଆଣି ଦେଇଛି। ଛାତ୍ରମାନେ ଏୟାର ଇଣ୍ଡିଆ ବିମାନ ଏଆଇ- ୯ ୯ ୬ରେ ଦୁବାଇ ଓ ସାରଜା ଦେଇ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଛାତ୍ର ନିଜ ଖର୍ଚ୍ଚରେ ହିଁ ଭାରତ ଫେରିଛନ୍ତି। ଏପର୍ଯ୍ୟନ୍ତ ୨୦୦ ଭାରତୀୟ ଛାତ୍ର ଇରାନ୍‌ରୁ ଫେରି ସାରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଜମ୍ମୁ-କଶ୍ମୀର ବୋଲି କୁହାଯାଇଛି। ପୂର୍ବରୁ ଜାନୁଆରୀ ୧୭ରେ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଛାତ୍ର ଫେରିଥିଲେ। ଉଲ୍ଲେଖଥାଉ କି, ଇରାନରେ ଡିସେମ୍ବର ୨୮ରୁ ସରକାରୀ ବିରୋଧୀ ଆନ୍ଦୋଳନ ତଥା ବିକ୍ଷୋଭ ଜାରି ରହିଛି। ଇରାନର ୩୧ଟି ରାଜ୍ୟରେ ହିଂସ୍ରକ ଆନ୍ଦୋଳନ ବ୍ୟାପୀ ଯାଇଛି।

## ହାତୀ ପାଇଁ ଏମର୍ଜେନ୍‌ସି

ରାଞ୍ଚି, ୨୧।୧(ଏଜେନ୍ସି): ଝାଡ଼ଖଣ୍ଡର ପଶ୍ଚିମ ସିଂଭୂମ ଜିଲ୍ଲାରେ ଏକ ବଣୁଆ ହାତୀ ୨୨ ଜଣ ଲୋକଙ୍କୁ ମାରିବା ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ସରକାର ବୁଧବାର 'ହାତୀ ଜରୁରୀକାଳୀନ ପରିସ୍ଥିତି' ଘୋଷଣା କରିଛନ୍ତି। ବନ ଅଧିକାରୀମାନେ କହିଛନ୍ତି ଯେ ହାତୀଟି ନିଜ ପଲ ତଥା ଦଳଠାରୁ ଅଲଗା ହେବା ପରେ ଅତ୍ୟନ୍ତ ଆକ୍ରମଣାତ୍ମକ ହୋଇଯାଇଥିଲା। ପ୍ରତିଦିନ ହାତୀଟି ୩୦ କିମି ଅତିକ୍ରମ କରୁଛି ଓ ଏପର୍ଯ୍ୟନ୍ତ ୨୨ ଜଣଙ୍କ ମାରି ସାରିଛି। ବନ ବିଭାଗ ହାତୀକୁ ଟ୍ରାକିଂକରି ଧରିବା ପାଇଁ ୧୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରିଛି। ସେମାନେ ୩ଥର ହାତୀକୁ ଟ୍ରାଙ୍କୁଲାଇଜ୍ କରିବାକୁ ପ୍ରୟାସ କରିଛନ୍ତି। ତେବେ ସେମାନେ ସଫଳ ହୋଇପାରି ନାହାନ୍ତି।

## ସିଞ୍ଜୋ ଆବେଙ୍କ ହତ୍ୟାକାରୀକୁ ଆଜୀବନ ଜେଲ୍

ଟୋକିଓ, ୨୧।୧(ଏଜେନ୍ସି): ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟା କରିଥିବା ଅଭିଯୁକ୍ତକୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୨୨ ଜୁଲାଇ ୮ରେ ନାରା ସିଟିରେ ଏକ ନିର୍ବାଚନ ପ୍ରଚାର ସମୟରେ ଆବେଙ୍କୁ ଅତର୍କିତ ଭାବେ ଗୁଳି କରି ହତ୍ୟା କରାଯାଇଥିଲା। ଆଜି କୋର୍ଟ ହତ୍ୟାକାରୀ ତେତସୂୟା ଆମାଗାମିଙ୍କୁ ଦଣ୍ଡ ଶୁଣାଇଛନ୍ତି। ସରକାରୀ ଓକିଲ କୋର୍ଟରେ କହିଥିଲେ ଯେ, ୟାମାଗାମି କରିଥିବା ଅପରାଧ ଅତ୍ୟନ୍ତ ଗମ୍ଭୀର ଓ ସେ କଠୋରରୁ କଠୋରତମ ଦଣ୍ଡ ପାଇବା ଉଚିତ। ତେବେ ୟମାଗାମୀ ଧାର୍ମିକ ନିର୍ଯାତନାର ଶିକାର ହୋଇଥିଲେ ବୋଲି ତାଙ୍କ ପକ୍ଷ ଯୁକ୍ତି ଉପସ୍ଥାପନ କରିଥିଲେ। ୟାମାଗାମି କୋର୍ଟଙ୍କୁ କହିଥିଲେ ଯେ, ସେ ପ୍ରଥମେ ଚର୍ଚ୍ଚ ସହିତ ଜଡ଼ିତ ଅଧିକାରୀମାନଙ୍କୁ ଆକ୍ରମଣ କରିବାକୁ ଚାହୁଁଥିଲେ। ସେବେ ୨୦୨୧ରେ ସେ ଆବେଙ୍କ ଏକ ଭିଡିଓ ଦେଖିବାକୁ ପାଇଥିଲେ।

## କୋକ୍ରାଝରରେ ସେନା ମୁତୟନ

ଗୌହାଟୀ, ୨୧।୧(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମର କୋକ୍ରାଝର ଜିଲ୍ଲାରେ ସେନା ମୁତୟନ କରାଯାଇଛି। ମଙ୍ଗଳବାର ଏଠାରେ ବୋଡ଼ୋ ସ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ କାରଣରୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିଲେ। ଫଳରେ ହିଂସା ସୃଷ୍ଟି ହେବା ସହ ଭୟଙ୍କର ରୂପ ଧାରଣ କରିଥିଲା। ସମ୍ଭାବ୍ୟ ଆକ୍ରମଣ ଆଶଙ୍କା କରି ଗାଁ ଲୋକେ ଘର ଛାଡ଼ି ପଳାଇଛନ୍ତି। ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି ଯେ, ମଙ୍ଗଳବାର ରାତିରେ ସେନା କର୍ମଚାରୀମାନେ କାରିଗାଉଁ ଓ ଆଖାପାଖ ଅଞ୍ଚଳରେ ପାଟ୍ରୋଲିଂ କରିଥିଲେ ଓ ବୁଧବାର ଅଞ୍ଚଳରେ ଏକ ଫ୍ଲାଗମାର୍ଚ୍ଚ କରିଥିଲେ।

# ଡାଭୋସ୍‌ରେ 'ଶୁଳ୍କଲୋଭୀ' ଟ୍ରମ୍ପଙ୍କୁ ଘେରୁଛନ୍ତି ବିଶ୍ୱନେତା

ଡାଭୋସ, ୨୧।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୭ ୯ ବର୍ଷର ହେଲାଣି। ଏହି ପରିଣତି ବୟସରେ ଟ୍ରମ୍ପ ଯାହା ଚାହୁଁଛନ୍ତି ତାହା ତାଙ୍କୁ ମିଳିପାରୁ ନାହିଁ। ତେଣୁ ଟ୍ରମ୍ପ ପାଗଳ ପ୍ରାୟ ହୋଇ ଯାଇଛନ୍ତି। ମନମୁଖୀ ନିଷ୍ପତ୍ତି ନେଇ ବନ୍ଧୁତା ବଢ଼ାଇବା ପରିବର୍ତ୍ତେ ବନ୍ଧୁଙ୍କୁ ବଇରୀ କରିଦେଉଛନ୍ତି। ଶପଥ ଗ୍ରହଣର ଦିନକ ପରେ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ। କିନ୍ତୁ ତାହା ସେ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି। ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିଥିବା ଦାବି କରିଥିଲେ। ମାତ୍ର ଭାରତ ସରକାର ଏଭଳି ଦାବିକୁ ଖଣ୍ଡନ କରି ତାଙ୍କ ଖୁସିକୁ ଖଟା କରିଦେଲେ। ଏଥିରେ କ୍ଷୁବ୍ଧ ହୋଇ ଟ୍ରମ୍ପ ଭାରତ ଉପରେ ଚଢ଼ା ଶୁଳ୍କ ଲଗାଇଲେ। ଏତିକିରେ କାହାଣୀ ଶେଷ ହୋଇ ନ ଥିଲା। ଟ୍ରମ୍ପର ବିଶ୍ୱର ସମ୍ମାନ ଜନକ ପୁରସ୍କାର ନୋବେଲ ଶାନ୍ତି ଚାହିଁଥିଲେ। ନିଜେ ଆଠ ଆଠଟା ଯୁଦ୍ଧ ବନ୍ଦ କରିଥିବା ଦାବି କରିଥିଲେ। ବିଭିନ୍ନ ଦେଶକୁ ନିଜ ପାଇଁ ପ୍ରସ୍ତାବକ ମଧ୍ୟ କରିଥିଲେ। ନରୱେ ବିଦେଶୀ ମନ୍ତ୍ରୀଙ୍କୁ ଫୋନ କରି ନିଜ ପାଇଁ ନୋବେଲ ମାଗିଥିଲେ। ଏଭଳି ପ୍ରୟାସ ସତ୍ତ୍ୱେ ଟ୍ରମ୍ପ ଗତ ଅକ୍ଟୋବରରେ ନିରାଶ ହୋଇଥିଲେ। ନୋବେଲ ଶାନ୍ତି ପୁରସ୍କାର ନ ପାଇ ରକ୍ତ ଚାଉଳ ଚୋବେଇ ଥିଲେ। ଏହି ପୁରସ୍କାର ନ ପାଇଁ ଟ୍ରମ୍ପ ପାଗଳ ହୋଇ ଯାଇଥିଲେ। ପରେ ବିଶ୍ୱ ତାଙ୍କ ପାଗଳାମୀ ଦେଖିଥିଲା। ଗୋଟିଏ ପରେ ଗୋଟିଏ ଦେଶକୁ ସେ ଧମକ ଦେଇ ଚାଲିଥିଲେ। ଭେନଜୁଏଲା ଆକ୍ରମଣ କରି ରାଷ୍ଟ୍ରପତିଙ୍କୁ ଅପହରଣ କରିଥିଲେ। ଗ୍ରୀନଲାଣ୍ଡ, କାନାଡ଼ା, କ୍ୟୁବାକୁ ଦଖଲ ପାଇଁ ଧମକ ଦେଇ ନାଟୋ ସହଯୋଗୀଙ୍କୁ ଝଟ୍‌କା ଦେଇଥିଲେ। ଶେଷର କିଛି ଦିନ ତଳେ ନୋବେଲ ପୁରସ୍କାର ଦେଇ ନ ଥିବା ନରୱେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ। ନୋବେଲ ଶାନ୍ତି ବିନା ଶାନ୍ତି ନାହିଁ ବୋଲି କହିଥିଲେ। ଶାନ୍ତି ଉପରୁ ତାଙ୍କ ଭରସା ଉଠି ଯାଇଥିବା କହିଥିଲେ। ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟଙ୍କୁ ବିଶ୍ୱ ନେତା ତୀବ୍ର ବିରୋଧ କରିଛନ୍ତି। ସ୍ୱିଜରଲାଣ୍ଡରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ଫୋରମରେ ବିଶ୍ୱ ନେତା ଆମେରିକାକୁ ତୀବ୍ର ସମାଲୋଚନା କରି ଭାରତକୁ ଏକାଠି ହେବାକୁ ବାର୍ତ୍ତା ଦେଇଛନ୍ତି।



କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ବୁଧବାର ଡାଭୋସରେ ଦମଦାର ଭାଷଣ ଦେଇଛନ୍ତି। ବିଶ୍ୱ ରାଜନୀତିକୁ ନେଇ ଟ୍ରମ୍ପଙ୍କ ନୀତି ଏବଂ ସମାଲୋଚନା କରି ଭାରତ ସମେତ ମଧ୍ୟପ୍ରାଚ୍ୟର ଶକ୍ତିଶାଳୀ ଦେଶଙ୍କୁ ବିଶ୍ୱ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ପ୍ରାଧାନ୍ୟ ଥିବା ବୈଶ୍ୱିକ ବ୍ୟବସ୍ଥା ଏବେ ଶେଷ ହୋଇଗଲାଣି। ବିଶ୍ୱ କୌଣସି ପରିବର୍ତ୍ତନ ଅଭିମୁଖେ ନୁହେଁ, ବରଂ ଭାଗ ଭାଗ ହେବାକୁ ଯାଉଛି। ଏବେ ପୁରୁଣା ବ୍ୟବସ୍ଥା ଆଉ ଫେରିବ ନାହିଁ। ନିୟମ ଏବଂ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଚାଲୁଥିବା ବିଶ୍ୱରେ ଯେଉଁ କଥା କୁହାଯାଉଛି ତାହା କେବେ ବି ସମ୍ପୂର୍ଣ୍ଣ ସତ ହେଉ ନାହିଁ। ନିୟମ ଆଧାରିତ ବ୍ୟବସ୍ଥା ସମ୍ପୂର୍ଣ୍ଣ ମିଥ୍ୟା ରହିଛି। ବିଶ୍ୱ ସର୍ବଦା କ୍ଷମତା ଏବଂ ନିଜ ନିଜ ସ୍ୱାର୍ଥ ହିସାବରେ ଚାଲିଛି। ଶକ୍ତିଶାଳୀ ଦେଶ ନିଜ ହିସାବରେ ଆଇନରୁ ବାହାରି ଯାଉଛନ୍ତି ଏବଂ ନୂଆ ଆଇନ କାର୍ଯ୍ୟକାରୀ କରୁଛନ୍ତି। କାର୍ଣ୍ଣି ମାନିଛନ୍ତି ଯେ ପୁରୁଣା ବ୍ୟବସ୍ଥା କାନାଡ଼ାକୁ ଲାଭ ଦେଇଛି। କିନ୍ତୁ ଏହି ବ୍ୟବସ୍ଥା ଆଉ ସ୍ଥାୟୀ ରହିନାହିଁ। ଶକ୍ତିଶାଳୀ ଦେଶଗୁଡ଼ିକ ନିଜର ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଚାପ ପ୍ରୟୋଗ କରୁଛନ୍ତି। ଏହାକୁ ନେଇ ଆର୍ଥିକ ସମ୍ପର୍କକୁ ବ୍ୟବହାର କରୁଛନ୍ତି। ଏହା ହିଁ ବିଶ୍ୱର ବାସ୍ତବତା। ଚାପ ପ୍ରୟୋଗ କରିବା ପାଇଁ ଶୁଳ୍କକୁ ଅସ୍ତ୍ର କରାଯାଉଛି। ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଦେଶଗୁଡ଼ିକୁ ବାଧ୍ୟ କରାଯାଉଛି। ଯୋଗାଣ ଶୃଙ୍ଖଳା ଦୁର୍ବଳତାକୁ ନେଇ ଶୋଷଣ କରାଯାଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକର ଆର୍ଥିକ ଏବଂ ରାଜନୈତିକ ସଙ୍କଟରୁ ପ୍ରମାଣିତ ହୋଇଛି ଯେ ବିଶ୍ୱ ଉପରେ ଅତ୍ୟଧିକ ନିର୍ଭରଶୀଳତା ଯେକୌଣସି ଦେଶ ପାଇଁ ବିପଜ୍ଜନକ ହୋଇପାରେ। ବିଶ୍ୱ ବାଣିଜ୍ୟ ସଂଗଠନ ଏବଂ ଜାତିସଂଘ ଭଳି ବହୁପକ୍ଷୀୟ ପ୍ରତିଷ୍ଠାନ ଦୁର୍ବଳ ହୋଇଯାଇଛି। ଦେଶଗୁଡ଼ିକୁ ଏବେ ନିଜର ସୁରକ୍ଷା, ଶକ୍ତି ଏବଂ ଖାଦ୍ୟ ଆବଶ୍ୟକତାକୁ ସମାଧାନ କରିବାକୁ ପଡିବ। ଯେଉଁ ଦେଶ ନିଜକୁ ଖାଦ୍ୟ ଦେଇପାରିବ ନାହିଁ, ଶକ୍ତି ଯୋଗାଇପାରିବ ନାହିଁ ଏବଂ ନିଜକୁ ରକ୍ଷା କରିପାରିବ ନାହିଁ, ତାଙ୍କ ପାଖରେ କିଛି ବିକଳ୍ପ ନାହିଁ।

## ବିଶ୍ୱକୁ ଅସ୍ଥିର କରୁଛି ଆମେରିକା: ଫ୍ରାନ୍ସ

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ୍ୟ ଡାଭୋସରେ ଟ୍ରମ୍ପଙ୍କୁ ସମାଲୋଚନା କରିଥିଲେ। ବିଶ୍ୱ ଏପରି ଏକ ଯୁଗକୁ ଯାଉଛି ଯେଉଁଠାରେ ଅନ୍ତର୍ଜାତୀୟ ଆଇନକୁ ଦଳି ଦିଆଯାଉଛି। ବିଶ୍ୱ ବ୍ୟବସ୍ଥାକୁ ଶକ୍ତିଶାଳୀ ରାଷ୍ଟ୍ର ଚଳାଉଛନ୍ତି। ଆନ୍ତର୍ଜାତିକ ଆଇନର କୌଣସି ମୂଲ୍ୟ ନ ରହିବା ବିଶ୍ୱ ପାଇଁ ବିପଜ୍ଜନକ। ଏଭଳି ଦୁର୍ବଳ ବ୍ୟବସ୍ଥାରେ ଶକ୍ତିଶାଳୀ ଦେଶମାନେ ଯାହା ଇଚ୍ଛା ତାହା କରନ୍ତି ଏବଂ ଦୁର୍ବଳ ରାଷ୍ଟ୍ରଙ୍କୁ ସବୁ ସହିବାକୁ ପଡୁଛି। ୟୁରୋପର ବାଣିଜ୍ୟ ନୀତିକୁ ଦୁର୍ବଳ କରି ଆଞ୍ଚଳିକ ସାର୍ବଭୌମତ୍ୱ ବିରୋଧରେ ଆମେରିକା କାମ କରୁଥିବା ମାକ୍ରନ ଅଭିଯୋଗ କରିଛନ୍ତି। ଆଜି ବିଶ୍ୱ ଅସ୍ଥିର ହୋଇ ଚାଲିଛି। ଅନେକ ଦେଶରେ ଗଣତନ୍ତ୍ର ଦୁର୍ବଳ ହୋଇ ଏକଛତ୍ରବାଦ ଆଡକୁ ଗତି କରୁଛି। ତେଣୁ ଦୃଢ଼ ଆଇନ ଆଗରେ ନ ନଇଁବା ପାଇଁ ମାକ୍ରନ ୟୁରୋପୀୟ ସଂଘକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ଦାଦାଗିରି କରୁଥିବା ଲୋକଙ୍କ ବ୍ୟତୀତ ସମ୍ମାନକୁ ଅଧିକ ପ୍ରାଧାନ୍ୟ ଦେଉଛୁ। କ୍ରୁରତା ବଦଳରେ ଆଇନର ଶାସନକୁ ପସନ୍ଦ କରୁଛୁ। ସେହିପରି ଟ୍ରମ୍ପଙ୍କ ନାମ ନ ନେଇ ଇୟୁ ଅଧ୍ୟକ୍ଷ ଉର୍ସୁଲା ଭନ ଡେର ଲିନ ବିଶ୍ୱରେ ବଡ଼ ପରିବର୍ତ୍ତନକୁ ଆକାର ଦେବାର ଆବଶ୍ୟକତା ରହିଛି। ଏହି ପରିବର୍ତ୍ତନର ଗତି ଯୋଗୁଁ ୟୁରୋପର ସ୍ୱାଧୀନତାକୁ ନେଇ ସାଧାରଣ ସହମତି ପ୍ରକାଶ ପାଇଛି।

# ଗ୍ରୀନ୍‌ଲାଣ୍ଡ ଆମର; ଦଖଲ ପାଇଁ ବଳ ପ୍ରୟୋଗ କରିବୁନି: ଟ୍ରମ୍ପ

ଡାଭୋସ, ୨୧।୧ (ଏଜେନ୍ସି): ପୁଣିଥରେ ଡାଭୋସ ଆସି ଭଲ ଲାଗୁଛି। ଏଠାରେ ଅନେକ ବ୍ୟବସାୟୀ, ବନ୍ଧୁ, କିଛି ଶତ୍ରୁ ଏବଂ ସ୍ୱତନ୍ତ୍ର ଅତିଥି ଉପସ୍ଥିତ ଅଛନ୍ତି ବୋଲି କହି ବିଶ୍ୱ ଆର୍ଥିକ ମଞ୍ଚ (ଡବ୍ଲୁଇଏଫ) ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଗଳ ପରି ପ୍ରଳାପ କରିଛନ୍ତି। ସେ ଏଠାରେ ଗ୍ରୀନଲାଣ୍ଡକୁ ଆମେରିକାର ବୋଲି କହିଛନ୍ତି। ଏହି ଦେଶକୁ କବ୍‌ଜା କରିବାର ଯୋଜନାକୁ ଟ୍ରମ୍ପ ବିଶ୍ୱ ସମ୍ମୁଖରେ ରଖିଛନ୍ତି। ମାତ୍ର ଗ୍ରୀନଲାଣ୍ଡ ଦଖଲ ପାଇଁ ଆମେରିକା ବଳ ପ୍ରୟୋଗ କରିବ ନାହିଁ ବୋଲି ଘୋଷଣା କରିଛନ୍ତି। ଗ୍ରୀନଲାଣ୍ଡ ଦଖଲକୁ ନେଇ ଟ୍ରମ୍ପ ଦେଶଗୁଡ଼ିକୁ ଧମକ ଦେଇଛନ୍ତି। ଯିଏ ସମର୍ଥନ ଦେବ ତାକୁ ପ୍ରଶଂସା କରିବି ଏବଂ ମନା କଲେ ସବୁବେଳ ପାଇଁ ମନେ ରଖିବି ବୋଲି କହିଛନ୍ତି।

ଆମେରିକା ଦ୍ରୁତ ବିକାଶ କରୁଥିବାବେଳେ ୟୁରୋପ ସଠିକ ଦିଗରେ ଯାଉ ନ ଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। କେବଳ ଆମେରିକାର ହିଁ ଗ୍ରୀନଲାଣ୍ଡକୁ ସୁରକ୍ଷା ଦେଇପାରିବ। ଆଉ କୌଣସି ରାଷ୍ଟ୍ର ଏପରି କରିପାରିବେ ନାହିଁ। ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଗ୍ରୀନଲାଣ୍ଡ ଅତ୍ୟନ୍ତ ଜରୁରୀ। କବ୍‌ଜାକୁ ବିରୋଧ କରୁଥିବା ଟ୍ରମ୍ପ ଡେନମାର୍କକୁ କୃତଘ୍ନ ଆଖ୍ୟା ଦେଇଛନ୍ତି।

୭୫ ମିନିଟ ପର୍ଯ୍ୟନ୍ତ ଅଭିଭାଷଣ ଦେଇ ଟ୍ରମ୍ପ କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମାତ୍ର ୬ ଘଣ୍ଟା ମଧ୍ୟରେ ଡେନମାର୍କ ଜର୍ମାନୀଠାରୁ ହାରି ଯାଇଥିଲା। ସେତେବେଳେ ଡେନମାର୍କ ନିଜର ଏବଂ ଗ୍ରୀନଲାଣ୍ଡର ରକ୍ଷା କରିବାରେ ସମର୍ଥ ହୋଇ ନ ଥିଲା। ଏହି ପରେ ଆମେରିକା ବାଧ୍ୟବାଧକତାରେ ଆଗକୁ ଆସି ଡେନମାର୍କକୁ ସୁରକ୍ଷା ଦେଇଥିଲା। ସେ ସମୟରେ ଗ୍ରୀନଲାଣ୍ଡକୁ ନିଜ ପାଖରେ ରଖିବା ପରିବର୍ତ୍ତେ ଆମେରିକା ଡେନମାର୍କକୁ ପ୍ରଦାନ କରିଥିଲା। ଏହି ନିଷ୍ପତ୍ତି ସବୁଠାରୁ ବଡ଼ ଭୁଲ୍ ଥିଲା। ଆମେରିକା କେବଳ ଏକ ବରଫାବୃତ୍ତ ଅଞ୍ଚଳ ଚାହୁଁଛି। ମାତ୍ର ୟୁରୋପ ଏହା ଦେବାକୁ ପ୍ରସ୍ତୁତ ନାହିଁ। ଆମେରିକା କେତେବେଳେ କିଛି ମାଗିନାହିଁ। ଏବେ ମାଗୁଛି ଯେ ଦିଆଯାଉ ନାହିଁ। ଯଦି ୟୁରୋପ ହଁ କରିବ ତେବେ ଆମେରିକା ଧନ୍ୟବାଦ ଦେବ ନଚେତ ସବୁବେଳ ପାଇଁ ମନେ ରଖିବ। ସେହିପରି ନାଟୋ ଉପରେ ତାଙ୍କର ଭରସା ନ ଥିବା ଟ୍ରମ୍ପ କହିଛନ୍ତି।

ରୁଷ-ୟୁକ୍ରେନ ଯୁଦ୍ଧର ଦାୟିତ୍ୱ ୟୁରୋପକୁ ହେବା ଉଚିତ ବୋଲି ଟ୍ରମ୍ପ କହିଛନ୍ତି। କାରଣ ଏହା ଆମେରିକାଠୁ ବହୁ ଦୂରରେ ରହିଛି। ସେହିପରି ଔଷଧ ମୂଲ୍ୟ ବୃଦ୍ଧିକୁ ନେଇ ଟ୍ରମ୍ପ ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ଇମାନୁଏଲ ମାକ୍ରନଙ୍କୁ ଧମକ ଦେଇଛନ୍ତି।

# କଟକଣା ସତ୍ତ୍ୱେ ଆରାବଳୀରେ ଚାଲିଛି ବେଆଇନ ଖନନ

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ସର୍ବ ପୁରାତନ ପର୍ବତମାଳା ଆରାବଳୀର ଯନ୍ତ୍ରଣା ଅସହ୍ୟ ହେବାରେ ଲାଗିଛି। କଟକଣା ସତ୍ତ୍ୱେ ଏହି ପର୍ବତମାଳାରେ ବେଆଇନ ଖଣି ଖନନ ଚାଲିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଖଣି ଖନନ ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହେବ ଯାହାକୁ କେବେ ସୁଧାରି ହେବନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଖଣି ଖନନ ବନ୍ଦ କରିବାକୁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ। ପରିବେଶବିତ, ବୈଜ୍ଞାନିକଙ୍କୁ ନେଇ ଗଠନ ହେବାକୁ ଥିବା ଏହି କମିଟି ବିଭିନ୍ନ ଦିଗକୁ ଦେଖି ପରାମର୍ଶ ଦେବେ। ଆରାବଳୀ କ୍ଷେତ୍ରରେ କୌଣସି ପ୍ରକାରର ଖଣି ଖନନ ହେବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କଠାରୁ ଗ୍ୟାରେଣ୍ଟି ନେଇଛନ୍ତି।

- ସମୟ ପୂର୍ବରୁ ରୋକା ନ ଗଲେ ସ୍ଥିତି ହାତରୁ ଖସିଯିବ: ସୁପ୍ରିମକୋର୍ଟ
- ଖଣି ଖନନ ରୋକିବାକୁ ଗଠନ ହେବ ବିଶେଷଜ୍ଞ କମିଟି

ସିଜେଆଇ କହିଛନ୍ତି ବେଆଇନ ଖଣି ଖନନ କେବଳ ପରିବେଶର କ୍ଷତି କରେନାହିଁ, ବରଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ। ସମୟ ଥିବା ପୂର୍ବରୁ ଏହାକୁ ରୋକା ନ ଗଲେ ସ୍ଥିତି ହାତରୁ ବାହାରି ଯିବ। ତେଣୁ ପୂର୍ବ ନିର୍ଦ୍ଦେଶକୁ ବଜାୟ ରଖିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆରାବଳୀ କ୍ଷେତ୍ରରେ ବେଆଇନ ଖଣ ଖନନ ରୋକିବା ପାଇଁ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଖଣି ଖନନରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ମାମଲାରେ ବିସ୍ତୃତ ଠୋସ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ସିଜେଆଇ ନିର୍ଦ୍ଦେଶ ଦେଇଛନ୍ତି। ଚାରି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି।



## ଟ୍ରମ୍ପଙ୍କ ବିମାନରେ ଯାନ୍ତ୍ରିକ ତ୍ରୁଟି

ଜେନେଭା, ୨୧।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିମାନ ସ୍ୱିଜରଲାଣ୍ଡର ଡାଭୋସକୁ ବିମାନ ଉଡ଼ାଣ ଆରମ୍ଭ କରିବାକୁ କିଛି ସମୟ ମଧ୍ୟରେ ପ୍ରତ୍ୟାବର୍ତ୍ତନ କରିଥିଲା। ହ୍ୱାଇଟ ହାଉସ୍ ଦେଇଥିବା ତଥ୍ୟ ଅନୁଯାୟୀ, ବିମାନରେ କିଛି ଯାନ୍ତ୍ରିକ ତ୍ରୁଟି ଥିଲା। ପ୍ରେସ୍ ସଚିବ କାରୋଲିନା ଲିଭେଟ କହିଛନ୍ତି ଯେ, ବିମାନ ଟେକ୍‌ଅଫ୍ କରିବାର କିଛି ସମୟ ମଧ୍ୟରେ ବିମାନରେ ଏକ ବୈଦ୍ୟୁତିକ ତ୍ରୁଟି ଥିବା କ୍ରୁ ସଦସ୍ୟ ଜାଣିବାକୁ ପାଇଥିଲେ। ଫଳସ୍ୱରୂପ, ସତର୍କତାମୂଳକ ପଦକ୍ଷେପ ନିଆଯାଇ ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ ଟ୍ରମ୍ପ ଅନ୍ୟ ଏକ ବିମାନରେ କିଛି ସମୟ ପରେ ଯାତ୍ରା କରିଥିଲେ। ସୁଇଜରଲାଣ୍ଡର ଡାଭୋସ୍‌ରେ ଆୟୋଜିତ ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଟ୍ରମ୍ପଙ୍କ ସରକାରୀ ଯାତ୍ରା ପାଇଁ ବର୍ତ୍ତମାନ ଏକ ବୋଇଂ ୭୪୭-୨୦୦ବି ଏୟାର ଫୋର୍ସ-୧ ବିମାନ ବ୍ୟବହୃତ ହେଉଛି। ଏହିପରି ଦୁଇଟି ବିମାନ ତାଙ୍କ ଯାତ୍ରା ପାଇଁ ବ୍ୟବହୃତ ହେଉଛି। ଏହି ବିମାନଗୁଡିକ ୪ ଦଶନ୍ଧି ଅର୍ଥାତ ପାଖାପାଖି ୪୦ ବର୍ଷ ପୁରୁଣା। ଆମେରିକା ବିମାନ ନିର୍ମାତା କମ୍ପାନୀ ବୋଇଂ ନୂଆ ବିକଳ୍ପ ବିମାନ ପ୍ରସ୍ତୁତି କରୁଛି, କିନ୍ତୁ ଏଥିରେ ବିଳମ୍ବ ହେଉଛି।

# ଚନ୍ଦ୍ରକୁ ଯିବାକୁ ଚାହୁଁଛି; ସ୍ୱାମୀ ଅନୁମତି ଦେଉନାହାନ୍ତି

ନୂଆଦିଲ୍ଲୀ, ୨୧।୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ତଥା ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ୱିଲିୟମ୍ସ ଭାରତ ଆସିଛନ୍ତି ଓ ଦିଲ୍ଲୀର ଆମେରିକା ସେଣ୍ଟରରେ ଆୟୋଜିତ 'ଆଖୋଁ ସିତାରୋଁ ପର, ପୈର ଜମି ପର' ସେମିନାରରେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଛନ୍ତି। ଭାରତକୁ ଆସି ଘରକୁ ଫେରିବା ଭଳି ଲାଗୁଛି ବୋଲି ସେ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଏବେ ବିଶ୍ୱରେ ମହାକାଶ ପାଇଁ ପ୍ରତିଯୋଗିତା ଚାଲିଛି। ଅନେକ ଦେଶ ଚନ୍ଦ୍ର ଓ ମହାକାଶରେ ଆଗକୁ ବଢ଼ିବାକୁ ପ୍ରୟାସ କରୁଛନ୍ତି। ମଣିଷମାନଙ୍କୁ ସୁରକ୍ଷିତ ଓ ସ୍ଥାୟୀ ଭାବେ ଚନ୍ଦ୍ରରେ ପହଞ୍ଚିବା ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ। ତେବେ ଏହି କାମ ଗଣତାନ୍ତ୍ରିକ ଭାବେ କରାଯିବା ଉଚିତ, ପାରସ୍ପରିକ ଲାଭ, ସହଯୋଗ ଓ ସ୍ୱଚ୍ଛତା ସହିତ, ଯାହା ଦ୍ୱାରା କୌଣସି ଗୋଟିଏ ଦେଶ ପ୍ରାଧାନ୍ୟ ବିସ୍ତାର ନ କରେ ଏବଂ ସମସ୍ତ ମାନବଜାତି ଲାଭବାନ ହେବ। ସବୁ ଦେଶ ଆଣ୍ଟାର୍କଟିକା ମଡେଲ ଭଳି ସହଯୋଗରେ ଆଗକୁ ବଢ଼ିବା ଉଚିତ। ଭାରତ ଆସିବା ତାଙ୍କ ପାଇଁ ସ୍ୱଦେଶ ଫେରିବା ଭଳି ଅନୁଭବ ହୁଏ। କାରଣ ତାଙ୍କ ପିତା ଗୁଜରାଟର ମେହସାଣା ଜିଲ୍ଲାର ଝୁଲାସନ ଗାଁରୁ ଆସିଥିଲେ। ସେ ଚନ୍ଦ୍ରକୁ ଯିବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ସ୍ୱାମୀ ଅନୁମତି ଦେଉନାହାନ୍ତି ବୋଲି ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ମଜାରେ ସୁନୀତା ଏହି କଥା କହିଛନ୍ତି। ଏବେ ଘରକୁ ଫେରି ଦାୟିତ୍ୱ ହସ୍ତାନ୍ତର କରିବାର ସମୟ ଉପନୀତ ହୋଇଛି। ପରବର୍ତ୍ତୀ ପିଢ଼ିକୁ ମହକାଶ ଅନୁସନ୍ଧାନରେ ନିଜ ସ୍ଥାନ ସୃଷ୍ଟି କରିବାକୁ ପଡ଼ିବ। ମହାକାଶରୁ ପୃଥିବୀ ଦେଖିବା ବେଳେ ଆମେ ସମସ୍ତେ ଏକ ବୋଲି ମନେ ହୁଏ। ୬୦ ବର୍ଷୀୟ ସୁନୀତା ନିକଟରେ ନାସାରୁ ଦୀର୍ଘ ୨୭ ବର୍ଷ ପରେ ଅବସର ଗ୍ରହଣ କରିଛନ୍ତି। ସେ ୪-୫ ଦିନ ଭାରତ ଗସ୍ତରେ ଆସିଛନ୍ତି। ସେ ମଧ୍ୟ ଅନ୍ୟତମ ମହିଳା ଭାରତୀୟ ମହାକାଶଚାରୀ କଳ୍ପନା ଚାୱାଲାଙ୍କ ମା ଓ ଭଉଣୀଙ୍କୁ ଦେଖା କରିଛନ୍ତି। ସୁନୀତା ୨୦୨୪ରେ ୮ ଦିନ ପାଇଁ ମହାକାଶ ଯାଇଥିଲେ। କିନ୍ତୁ ସେଠାରେ ସେ ବିଭିନ୍ନ କାରଣ ପାଇଁ ୯ ମାସରୁ ଅଧିକ ସମୟ ରହିବାକୁ ବାଧ୍ୟ ହୋଇଥିଲେ।





### ପ୍ରଶାସନକୁ ଶଙ୍କରାଚାର୍ଯ୍ୟଙ୍କ ଚେତାବନୀ

# ନୋଟିସ ପ୍ରତ୍ୟାହାର ନ କଲେ କେସ୍ କରିବି

ପ୍ରୟାଗରାଜ, ୨୧।୧ (ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ପ୍ରୟାଗରାଜ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ତାଙ୍କୁ ଜାରି କରାଯାଇଥିବା ନୋଟିସ୍ ପ୍ରତ୍ୟାହାର ନ କରାଯାଏ, ମାନହାନୀ ମାମଲା ଦାଏର କରିବେ ବୋଲି କହିଛନ୍ତି। ପ୍ରଶାସନର ଦେଇଥିବା ନୋଟିସର ଜବାବର ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଇମେଲ୍ ମାଧ୍ୟମରେ ୮ ପୃଷ୍ଠାର ଉତ୍ତର ପଠାଇ ଏହାକୁ ମନମୁଖୀ, ଖରାପ ଏବଂ ଅସାମ୍ବିଧାନିକ କହିଛନ୍ତି। ଅବିମୁକ୍ତେଶ୍ୱରାନନ୍ଦ ଲେଖିଛନ୍ତି ଯେ ସୁପ୍ରିମକୋର୍ଟ ତାଙ୍କୁ ଶଙ୍କରାଚାର୍ଯ୍ୟ ପଦରେ ରହିବାରୁ ବାରଣ କରିବା ପାଇଁ କୌଣସି ନିର୍ଦ୍ଦେଶ ଜାରି କରିନାହାଁନ୍ତି। ମାମଲା ବିଚାରାଧୀନ ଅଛି, ତେଣୁ କୌଣସି ତୃତୀୟ ପକ୍ଷର ମନ୍ତବ୍ୟ ଦେବା କିମ୍ବା ପ୍ରତିବନ୍ଧକ ଲଗାଇବାର ଅଧିକାର ନାହିଁ। ଏହା ମଧ୍ୟରେ ଦ୍ୱାରକା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ମହାରାଜ ମୌନୀ ଅମାବାସ୍ୟାରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସ୍ନାନ କରାଇ ନ ଦେବା ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ପ୍ରଶାସନ କ୍ଷମା ମାଗିବା ଉଚିତ। ପୁଲିସ ବ୍ରାହ୍ମଣମାନଙ୍କୁ କେଶ ଧରି ଟାଣି ନେଇଥିଲା। ଏହା ସରକାରଙ୍କ ଅହଂକାରକୁ ଦର୍ଶାଉଛି। କ୍ଷମତା ସବୁଦିନ ପାଇଁ ସ୍ଥାୟୀ ନୁହେଁ। ଯେଉଁମାନେ ଗଙ୍ଗାରେ ସ୍ନାନ କରିବାରୁ ଲୋକଙ୍କୁ ବାଧା ଦିଅନ୍ତି ସେମାନେ ଗୋହତ୍ୟାର ଦୋଷୀ।

ଉଲ୍ଲେଖଯୋଗ୍ୟ ଯେ ସଦାନନ୍ଦ ମହାରାଜ ଏବଂ ଅବିମୁକ୍ତେଶ୍ୱରାନନ୍ଦ ହେଉଛନ୍ତି ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଶିଷ୍ୟ। ତାଙ୍କ ମୃତ୍ୟୁ ପରେ, ଉଭୟେ ଏକାଠି ଶଙ୍କରାଚାର୍ଯ୍ୟ ହୋଇଥିଲେ।

ଅନ୍ୟପଟେ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦଙ୍କ ପ୍ରତି ଅନ୍ୟାୟ ହୋଇନାହିଁ। ସେ ହିଁ ଅନ୍ୟାୟ କରିଥିଲେ। ପାଲିଙ୍କିରେ ସ୍ନାନ ପାଇଁ ଗଙ୍ଗା ଯାତ୍ରା କରିବାର କୌଣସି ନିୟମ ନାହିଁ। ଆମେ ମଧ୍ୟ ପାଦରେ ଚାଲି ଯାଉ। ନିଜକୁ ଶଙ୍କରାଚାର୍ଯ୍ୟ ପ୍ରମାଣିତ କରିବା ପାଇଁ ସରକାର ତାଙ୍କୁ ଯଥାର୍ଥ ଭାବରେ ନୋଟିସ୍ ଜାରି କରିଛନ୍ତି।

# ସଂଘର୍ଷର ଅନ୍ୟ ନାମ ସନ୍ତୋଷୀ



**ଜୀବନର ଉଠାଣି ଗଡ଼ାଣି ରାସ୍ତାରେ ଚାଲିବା ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ । ଅନେକ ହାରିଯାଆନ୍ତି । ଆଉ କିଛି ହାରି ନ ଯାଇ ଦୁର୍ଯୋଗକୁ ସୁଯୋଗରେ ପରିଣତ କରି ସଫଳତା ପ୍ରାପ୍ତି କରିଥାନ୍ତି । ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ମହିଳା ହେଲେ, କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳକ ସନ୍ତୋଷୀ ଦେଓ । ଏବେ ସେ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ'ର ଜଣେ ସଫଳ ହିତାଧିକାରୀ ହୋଇଛନ୍ତି ।**

ମାତ୍ର ୧୬ ବର୍ଷ ବୟସରେ ସନ୍ତୋଷୀ ହରିୟାନାରେ ବିବାହ କରିଥିଲେ; କିନ୍ତୁ ବିବାହର କିଛିଦିନ ପରେ ସେ ଯୌତୁକ ନିର୍ଯାତନା ଏବଂ ଘରୋଇ ହିଂସାର ସମ୍ମୁଖୀନ ହୋଇଥିଲେ । ଫଳରେ ସ୍ୱାମୀଙ୍କୁ ସବୁଦିନ ପାଇଁ ଛାଡ଼ିବାକୁ ସେ ସ୍ଥିର କରିଥିଲେ । ସ୍ୱାମୀ ପରିତ୍ୟକ୍ତା ହେବାପରେ ସେ ଛୋଟ ଝିଅକୁ ଧରି ସ୍ୱାଭିମାନର ସହ ବଞ୍ଚିବା ପାଇଁ କେନ୍ଦୁଝର ଫେରିଥିଲେ । ଚେନ୍ନାଇର ଜଣେ ମହିଳା ଅଟୋ ଚାଳକଙ୍କୁ ଦେଖି ସେଥିରୁ ଅନୁପ୍ରାଣିତ ହୋଇ ସେ ୨୦୧୫ ମସିହାରେ କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳିକା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାଦ୍ୱାରା ସେ ସାମାଜର ରଢ଼ିବାଦୀ ଚିନ୍ତାଧାରାକୁ ଭାଙ୍ଗିଥିଲେ । ୨୦୨୧ ମସିହାରେ ସେ ଓଡ଼ିଶାର ପ୍ରଥମ 'ମୋ ବସ୍' ଡ୍ରାଇଭର ଭାବେ ଇତିହାସ ରଚିଥିଲେ । ଏହାପରେ ସେ ନିଜର ଦକ୍ଷତା ପ୍ରତିପାଦନ କରି କେନ୍ଦୁଝରର ଏକ ଘରୋଇ ଖଣି କମ୍ପାନୀ ଅଧୀନରେ ୪୦ ମେଟ୍ରିକ ଟନ୍ ବିଶିଷ୍ଟ ବିଶାଳକାୟ 'ଭଲ୍‌ଭୋ ଟ୍ରକ୍' ମଧ ଚଲାଇଥିଲେ । ସେ ନିଜର ଅଟୋ ଧରି ନ୍ୟାୟ ପାଇଁ ପ୍ରାୟ ୧୬୦୦ କିଲୋମିଟର ପଥ ଅତିକ୍ରମ କରି ନୂଆଦିଲ୍ଲୀ ଯାଇଥିଲେ । ନିକଟରେ କେନ୍ଦୁଝରରୁ ଅଯୋଧ୍ୟା ଗାଡ଼ି ଚଳାଇ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ସେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସାହସ ଏବଂ ନିଷ୍ଠାର ପ୍ରତୀକ ଭାବେ ସନ୍ତୋଷୀଙ୍କୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରିଛନ୍ତି । ସନ୍ତୋଷୀ ଦେଓ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ' (ଆମ ସୁବାହକ) ର ଜଣେ ସଫଳ ହିତାଧିକାରୀ ହୋଇଛନ୍ତି । ଏପରି କରି ସେ ଅନ୍ୟ ମହିଳାଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

# ଅଜରଖ ଲେହେଙ୍ଗା

**ମହିଳାମାନେ ବିବାହ ଉତ୍ସବରେ ଲେହେଙ୍ଗା ପିନ୍ଧିବାକୁ ପସନ୍ଦ କରନ୍ତି । ଏଥିପାଇଁ ବରାଦ ଦେଇ ସ୍ୱତନ୍ତ୍ର ଲେହେଙ୍ଗା ଡିଜାଇନ୍ କରିଥାନ୍ତି । ତେଣୁ ବିବାହରେ ନିଜକୁ ଭିନ୍ନ ତଥା ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ ଅଜରଖ ଲେହେଙ୍ଗା ପିନ୍ଧିପାରିବେ । ଏହା ମହିଳାଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ରହିଛି । ଏହା ଗୁଜୁରାଟ, ରାଜସ୍ଥାନର ପାରମ୍ପରିକ ପରିଧାନ ଭାବେ ଜଣାଯାଏ । ଏହା ସବୁ ବୟସର ମହିଳାଙ୍କୁ ମାନିଥାଏ । ଜାଣିବା ସେ ବିଷୟରେ...**



### ଅଜରଖରୁ ରାଜକୀୟ ଲୁକ୍

କଳା ଏବଂ ଖଇରିଆ ରଙ୍ଗର ଏହି ଅଜରଖ୍ ପ୍ରିଣ୍ଟ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଲେହେଙ୍ଗା ତଳପାର୍ଶ୍ୱରେ ସୁନ୍ଦର ଏମ୍ବ୍ରୋଡୋରୀ ସାଙ୍ଗକୁ ମିରର୍ ୱାର୍କ ଥାଏ । ଏହା ବିବାହ ଫଙ୍କସନ୍ ପାଇଁ ଭଲ ହୋଇଥାଏ । ଏଥିସହ ଅଜରଖ ପ୍ରିଣ୍ଟ ଯୁକ୍ତ ଦୁପଟ୍ଟା ଏଥିନିକ୍ ସହ ଆଧୁନିକ ସ୍ପର୍ଶ ଦେଇଥାଏ । ସେହିପରି ଏହା ଚକୋର ନେକ୍‌ଲେସ୍ ସହ ଏକ ରାଜକୀୟ ଲୁକ୍ ଦେଇଥାଏ ।

### ମଲ୍‌ଟିକଲର୍

ମଲ୍‌ଟିକଲର ଲେହେଙ୍ଗା ଡିଜାଇନ୍ ଏବଂ ରଙ୍ଗ ଖୁବ୍ ଉଜ୍ଜ୍ୱଳ ହୋଇଥାଏ । ଏଥିରେ ଅଜରଖ ପ୍ରିଣ୍ଟ ସମେତ କାଚ କାମ, ସୂକ୍ଷ୍ମ ସୂତା କାରିଗରୀ ଥାଏ । ଏଥିରୁ ଏକ ଫେଷ୍ଟିଭ୍ ଲୁକ୍ ମିଳିଥାଏ । ଏଥିସହ ଭାରି ଦୁପଟ୍ଟା ଏବଂ ଅଳଙ୍କାର ପିନ୍ଧି ଯେ କୌଣସି ବିବାହ ଫଙ୍କସନ୍‌ରେ ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ ।

### ଘେର ଯୁକ୍ତ ଲେହେଙ୍ଗା

ନାଲିରଙ୍ଗର ଅଜରଖ ପ୍ରିଣ୍ଟ ଲେହେଙ୍ଗା ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଷ୍ଟାଇଲିଶ୍ ହୋଇଥାଏ । ଏଥିରେ ଭିନ୍ନ ପ୍ୟାଟର୍ଣ୍ଣର କପଡ଼ା ଥାଏ ।

# ବ୍ଲରିଙ୍ଗ୍ ମେକ୍‌ଅପ୍

**ସମୟ ଅନୁସାରେ ମେକ୍‌ଅପ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ବ୍ଲରିଙ୍ଗ୍ ମେକ୍‌ଅପ୍ ଲୋକପ୍ରିୟ ରହିଛି । ଏହା ତ୍ୱଚାର ଥିବା ଦାଗ, ବ୍ରଣ , ଲୋମଛିଦ୍ର ଦୂର କରି ସେଲ୍‌ଫି ଫିଲ୍‌ଟର୍ ଭଳି କୋମଳ ଏବଂ ଦାଗବିହୀନ ତ୍ୱଚା ଦେଇଥାଏ ।**

### ବ୍ଲରିଙ୍ଗ୍ ମେକ୍‌ଅପ୍ କ'ଣ

ବ୍ଲରିଙ୍ଗ୍ ମେକ୍‌ଅପ୍ ତ୍ୱଚାକୁ ସୁନ୍ଦର ଓ ନିର୍ମଳ ରଖିଥାଏ । ଏହା ତ୍ୱଚାରେ ଥିବା ପୋର୍ସ, ଚର୍ମ କୁଞ୍ଚନ, ହାଲୁକା ଦାଗ ଆଦିକୁ ଲୁଚାଇ ଥାଏ । ଏଥିରେ ସିଲିକନ୍ ତଥା ଫାଇନ୍ ପାଉଡର୍ ଯୁକ୍ତ ପ୍ରାଇମର୍ ବ୍ୟବହାର କରାଯାଇଥାଏ । ଏହି ମେକ୍‌ଅପ୍ ବିଶେଷ କରି ତେଲିଆ ଏବଂ କମ୍ବିନେସନ୍ ସ୍କିନ୍‌କୁ ଭଲ ଦିଶିଥାଏ ।

### ମେକ୍‌ଅପ୍ ପ୍ରଣାଳୀ

#### କ୍ଲିନ୍, ମଏଶ୍ଚରାଇଜ୍

ଫ୍ଲୋଲେସ୍ ମେକ୍‌ଅପ୍ ପାଇଁ ସର୍ବ ପ୍ରଥମେ ତ୍ୱଚାକୁ ସଫା କରିବା ଆବଶ୍ୟକ । କାରଣ ତ୍ୱଚା ଅପରିଷ୍କାର ଏବଂ ତେଲିଆ ଥିଲେ, ଏହି ମେକ୍‌ଅପ୍ ଦୀର୍ଘ ସମୟ ରହି ନ ଥାଏ । ଏଥିପାଇଁ ଫେସ୍‌ୱାସ୍‌ରେ ତ୍ୱଚାକୁ ଭଲ କରି ସଫା କରନ୍ତୁ । ଏହାପରେ ମୁହଁରେ ମଏଶ୍ଚରାଇଜର୍ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ ।

#### ପ୍ରାଇମର୍

ମେକ୍‌ଅପ୍‌ରେ ପ୍ରାଇମର୍ ମୁଖ୍ୟ ହୋଇଥାଏ । ଏହା ତ୍ୱଚାକୁ କୋମଳ କରିବା ସହ ଫାଉଣ୍ଡସେନ୍ ଏକ ଭଲ ବେଶ୍ ଦେଇଥାଏ । ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ ମ୍ୟାଟ୍ ଫିନିଶ୍ ପ୍ରାଇମର୍ ସବୁଠୁ ଭଲ ହୋଇଥାଏ ।

#### ଫାଉଣ୍ଡେସନ୍

ପ୍ରାଇମର୍ ଲଗାଇବା ପରେ, ତ୍ୱଚାର ରଙ୍ଗ ସହ ମିଶୁଥିବା ହାଲୁକା ଫାଉଣ୍ଡେସନ ଲଗାନ୍ତୁ । ଏଥିରୁ ଏକ ମ୍ୟାଟ୍ ଫିନିଶ୍ ଲୁକ୍ ମିଳିଥାଏ । ଫାଉଣ୍ଡେସନକୁ ବ୍ରଶ୍ ଏବଂ ସ୍ପଞ୍ଜ ସହ ଭଲ ଭାବେ ମ୍ୟାଚ୍ କରନ୍ତୁ । ସେହିପରି ତ୍ୱଚାରେ ଦାଗ, ବ୍ରଣ ତଥା ଆଖିତଳେ ସମସ୍ୟା ଥିଲେ, ସେହି ସ୍ଥାନରେ କନ୍‌ସିଲର୍ ଲଗାଇପାରିବେ ।

#### ଟ୍ରାନ୍ସଲୁସେଣ୍ଟ ପାଉଡର୍

ବ୍ଲରିଙ୍ଗ୍‌ର ମେକ୍‌ଅପ୍‌ର ସବୁଠୁ ମୁଖ୍ୟ ହେଲା, ଟ୍ରାନ୍ସଲୁସେଣ୍ଟ ପାଉଡର୍ । ଏହାକୁ ଲଗାଇ ମେକ୍‌ଅପ୍‌କୁ ସେଟ୍ କରନ୍ତୁ । ଏହା ଚେହେରାର ଅତିରିକ୍ତ ଚମକକୁ କମ୍ କରିଥାଏ । ଏବଂ ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିଥାଏ । ଏଥିପାଇଁ ବ୍ରଶ୍‌ରେ ହାଲୁକା ହାତରେ ମୁହଁରେ ଲଗାନ୍ତୁ । ଏହାପରେ ବ୍ଲଶ୍ ଓ ହାଇଲାଇଟର୍ ଲଗାଇପାରିବେ ।



# ପ୍ରଜାପତି ମୁଦି

**ଅଧିକାଂଶ ମହିଳା ନୂଆ ତଥା ଭିନ୍ନ ଡିଜାଇନର ମୁଦି ପିନ୍ଧିବାକୁ ପସନ୍ଦ କରନ୍ତି । ଏହି କ୍ରମରେ ଏବେ ପ୍ରଜାପତି ମୁଦି(ବଟରଫ୍ଲାଏ ରିଙ୍ଗ) ଲୋକପ୍ରିୟ ରହିଛି । ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଖୁବ୍ ଷ୍ଟାଇଲିଶ୍ ଦିଶିଥାଏ । ଜାଣିବା ଏହି ଡିଜାଇନ ବିଷୟରେ...**

### ଆଡଜଷ୍ଟେବୁଲ୍ ରିଙ୍ଗ

ପାର୍ଟି, ଫଙ୍କସନକୁ ଯାଉଥିଲେ ମହିଳାମାନେ ଆଉଟ୍‌ଫିଟ୍ ସହ ଡିଜାଇନର ମୁଦି ପିନ୍ଧିବାକୁ ପସନ୍ଦ କରନ୍ତି । କିନ୍ତୁ ଅନେକ ସମୟରେ ବ୍ୟସ୍ତତା ଯୋଗୁ ଏହା ମିଳେନି, ଏପରି ସ୍ଥଳେ ଏହି ବଟର୍‌ଫ୍ଲାଏ ଡିଜାଇନର ଆଡଜଷ୍ଟେବୁଲ୍ ମୁଦି ପିନ୍ଧିପାରିବେ ।

### ସିଲ୍‌ଭର୍

ସେହିପରି ଦିନପିନ୍ଧା କରିବାକୁ ଚାହୁଁଥିଲେ, ସିଲ୍‌ଭର୍ ରଙ୍ଗର ବଟର୍‌ଫ୍ଲାଏ ମୁଦି ପିନ୍ଧିପାରିବେ । ଏହା ସୁନ୍ଦର ଦେଖାଯିବା ସହ ଦୀର୍ଘ ଦିନ ଲାଷ୍ଟିଙ୍ଗ୍ କରିଥାଏ । ଏହାକୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରୁ କିଣିପାରିବେ ।

### ଷ୍ଟୋନ୍ ବଟର୍‌ଫ୍ଲାଏ ରିଙ୍ଗ

ବିଶେଷ କରି କଲେଜ ଏବଂ ଅଫିସ୍ ଯାଉଥିବା ମହିଳାଙ୍କ ମଧ୍ୟରେ ଏହି ଡିଜାଇନ୍ ଖୁବ୍ ଲୋକପ୍ରିୟ ରହିଛି । ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପିନ୍ଧି ନିଜକୁ ଏକ ଭିନ୍ନ ଲୁକ୍ ଦେଇପାରିବେ । ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।



# କଦଳୀ ମେଥି ତରକାରି

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ମେଥିଶାଗ – ଦୁଇବିଡ଼ା, ପାଚିଲା କଦଳୀ – ଚାରିଗୋଟି, ଜିରା – ଏକ ଚାମଚ, ଶୁଖିଲା ଲଙ୍କା – ଦୁଇଟି, କଞ୍ଚା ଲଙ୍କା – ଦୁଇଟି, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ –ଏକ ଚାମଚ, ଜୀରାଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ କଦଳୀରୁ ଚୋପା ଛଡ଼େଇ ଏହାକୁ ଛୁରୀରେ ଗୋଲ କରି କାଟନ୍ତୁ । ଏହାପରେ ଶାଗକୁ ଧୋଇ ଗୁଣ୍ଡ କରି କାଟନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ ଜିରା ଶୁଖିଲା ଲଙ୍କା, କଞ୍ଚା ଲଙ୍କା ଏବଂ ଅଦା ଦେଇ କଦଳୀ ପକାଇ ଭାଜନ୍ତୁ । ଏହାପରେ ସେଥିରେ କାଟି ରଖିଥିବା ଶାଗକୁ ଦିଅନ୍ତୁ । ଏହାକୁ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ । ପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜୀରାଗୁଣ୍ଡ , ଧନିଆ ଗୁଣ୍ଡ ସମେତ ଲୁଣ ଦେଇ ଏପାଖସେପାଖ କରନ୍ତୁ । ଏହାପରେ ସେଥିରେ ସାମାନ୍ୟ ପାଣି ଛିଞ୍ଚି ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଢାଙ୍କୁଣି ଖୋଲି ପରଷନ୍ତୁ ସ୍ୱାଦିଷ୍ଟ 'କଦଳୀ ମେଥି ତରକାରି' ।



# ଚର୍ମକୁଞ୍ଚନ ଦୂର କରିବ ଆଇ ଜେଲ୍

**ସାଧାରଣତଃ ବୟସ ବଢ଼ିଲେ ଏହାର ପ୍ରଭାବ ପ୍ରଥମେ ଆଖିରେ ଦେଖିବାକୁ ମିଳିଥାଏ । ଆଖିତଳ କଳାପଡ଼ିବା, ଦାଗ, ତଥା କୁଞ୍ଚନ ସମସ୍ୟା ହୋଇଥାଏ । ଏଥିପାଇଁ ଅନେକ ବଜାରରେ ମିଳୁଥିବା ଦାମୀ କ୍ରିମ୍ ଲଗାଇଥାନ୍ତି । କିନ୍ତୁ ଏହା ସେତେ ପ୍ରଭାବୀ ହୋଇ ନଥାଏ । ତେଣୁ ଚାହିଁଲେ ଘରେ ଜେଲ୍ ପ୍ରସ୍ତୁତ କରି ଲଗାଇପାରିବେ । ଏହା ବିଭିନ୍ନ ଆଖିଜନିତ ସମସ୍ୟା ଦୂର କରିଥାଏ ।**

### ଜେଲ୍ ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ଆଲମଣ୍ଡକୁ ବାଟି ଏକ ପେଷ୍ଟ କରି ସେଥିରେ କ୍ଷୀର, ଆଲୋଭେରା ଜେଲ୍ ଏବଂ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଭଲରେ ମିକ୍ସ କରି ଏକ କାଚ ବୋତଲରେ ରଖନ୍ତୁ । ଏହାକୁ ରାତିରେ ଶୋଇବା ପୂର୍ବରୁ ଆଖି ତଳେ ଲଗାଇ ହାଲୁକା ମସାଜ୍ କରନ୍ତୁ ।

### ଲଗାଇବା ବିଧି

- ପ୍ରଥମେ ମୁହଁକୁ ଭଲରେ ଧୋଇ ପରିଷ୍କାର କରନ୍ତୁ । ପରେ ଆଖିରେ ମେକ୍‌ଅପ୍ କିମ୍ବା କାଜଲ୍ ଲାଗିଥିଲେ ଏହାକୁ ପୋଛି ସଫା କରନ୍ତୁ ।
- ଅଙ୍ଗୁଳିରେ ଜେଲ୍ ନେଇ ଆଖିତଳେ କିମ୍ବା ଆଖପାଖରେ ଲଗାଇ ମସାଜ୍ କରନ୍ତୁ । ହାତକୁ ଗୋଲାକାର ମୋସନରେ ବୁଲାନ୍ତୁ । ଏପରି ଦୁଇମିନିଟ୍ ଯାଏ ଆଖି ମସାଜ୍ କରନ୍ତୁ ।
- ସେହିପରି ଚାହିଁଲେ ଏହାକୁ ଆଖିରେ ଲଗାଇ ମଧ ଶୋଇପାରିବେ । ଏହା ସମସ୍ତ ଆଖି ସମସ୍ୟା ଦୂର କରିଥାଏ ।

# ଏପରି ସଜାନ୍ତୁ ଡାଇନିଙ୍ଗ୍

**ମହିଳାମାନେ ଘରକୁ ସୁନ୍ଦର କରି ସଜାଇବାକୁ ପସନ୍ଦ କରନ୍ତି । ହେଲେ ଡାଇନିଙ୍ଗ୍ ଟେବୁଲ୍ ପ୍ରତି କେହି ଏତେଟା ଧ୍ୟାନ ଦିଅନ୍ତିନି । ସେହିପରି ଅଧିକାଂଶ ଘରେ ମଧ ଡାଇନିଙ୍ଗ୍ ଏରିଆ ଛୋଟ ଥାଏ । ତେଣୁ ଚାହିଁଲେ କମ୍ ଖର୍ଚ୍ଚରେ ମଧ ଡାଇନିଙ୍ଗ୍‌କୁ ସୁନ୍ଦର କରି ସଜାଇପାରିବେ ।**



### ଝୁମର୍

ଝୁମର୍ ଘରକୁ ଏକ ରାଜକୀୟ ଲୁକ୍ ଦେଇଥାଏ । ଏହା ଡାଇନିଙ୍ଗର ସୁନ୍ଦରତା ଦ୍ୱିଗୁଣିତ କରିଥାଏ । ତେବେ ଡାଇନିଙ୍ଗ୍ ଟେବୁଲର ଠିକ୍ ମଝିଭାଗରେ ଝୁମର୍ ଲଗାଇଲେ ଏହା ବେଶି ଭଲ ଦିଶିଥାଏ ।

### ୱାଲ୍ ପେପର୍

ଘର କାନ୍ଥ ପୁରୁଣା ଥିଲେ ଏଥିରେ ୱାଲ୍ ପେପର୍ ଲଗାଇ ସଜାଇପାରିବେ । ଏହା କାନ୍ଥର ସୁନ୍ଦରତା ବୃଦ୍ଧି କରିଥାଏ । ଏଥିସହ କମ୍ ଖର୍ଚ୍ଚରେ ଏହି କାର୍ଯ୍ୟ ହୋଇଥାଏ ।

### କାରପେଟ୍

କାରପେଟ୍ ପକାଇଲେ ଛୋଟ ଘର ମଧ ସୁନ୍ଦର ଦିଶିଥାଏ । ତେଣୁ ଏହାକୁ ଇଣ୍ଟେରିୟର ଡିଜାଇନରେ ସାମିଲ କରିବା ଭଲ । କାରପେଟ୍ ସାଇଜ୍ ଡାଇନିଙ୍ଗ୍ ଟେବୁଲ୍ ଆକାରଠୁ ବଡ଼ ହେବା ଆବଶ୍ୟକ ।

### ଫୁଲଦାନୀ

ଡାଇନିଙ୍ଗ୍ ଟେବୁଲ୍ ମଧ୍ୟରେ ଏକ ଫ୍ଲାୱାର୍ ପଟ୍, ସତେଜ ଫୁଲ, ଫଳ ଟୋକେଇ ତଥା ସୁନ୍ଦର ସୋପିସ୍ ରଖିପାରିବେ । ଏହା ଡାଇନିଙ୍ଗ୍‌କୁ ଖୁବ୍ ସୁନ୍ଦର କରିଥାଏ ।

### ମହମବତୀ

ସେହିପରି ଡାଇନିଙ୍ଗ୍‌କୁ ସୁନ୍ଦର କରିବା ପାଇଁ, ଚାହିଁଲେ ରଙ୍ଗିନ ମହମବତୀ ଲଗାଇପାରିବେ । ଏଥିସହ କାନ୍ଥରେ ଖାଦ୍ୟ ସମ୍ବନ୍ଧୀୟ ପେଣ୍ଟିଙ୍ଗ୍ ମଧ ଲଗାଇପାରିବେ ।

### କାଠ ଉପକରଣ

ଡାଇନିଙ୍ଗ୍ ଟେବୁଲ୍‌କୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, କାଠବାସନ ସହ ସାଜଉପକରଣ ମିଶାଇପାରିବେ । ଏହା ଖାଦ୍ୟ ସହ ଡାଇନିଙ୍ଗ୍ ହଲ୍‌ର ଶୋଭାବର୍ଦ୍ଧନ କରିଥାଏ ।

## ଅର୍ଦ୍ଧଶତକରେ ଅଭିଷେକଙ୍କ ରେକର୍ଡ: ପ୍ରଥମ ଟି-୨୦ରେ ନ୍ୟୁଜିଲାଣ୍ଡ ଧରାଶାୟୀ

# ଭାରତର ନାଗପୁର ବିଜୟ

ନାଗପୁର, ୨୧।୧ (ଏଜେନ୍ସି):

ଦମ୍‌ଦାର ବିଜୟରୁ ଘରୋଇ ଭାରତ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜରେ ଅଭିଯାନ ଆରମ୍ଭ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ୪୮ ରନରେ ନ୍ୟୁଜିଲାଣ୍ଡକୁ ହରାଇଦେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୩୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ କିୱି ଦଳ ୭ ୱିକେଟରେ ୧୯୦ ରନ କରିବାକୁ ସମର୍ଥ ହୋଇଥିଲା। ଏଥିସହ ସୂର୍ଯ୍ୟ ସେନା ୧-୦ରେ ସିରିଜ ଅଗ୍ରଣୀ ରହିଛି। ବିଶ୍ୱରେକର୍ଡ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଯୁବ ଓପନର୍ ଅଭିଷେକ ଶର୍ମା ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ରାୟପୁରରେ ଖେଳାଯିବ। ୨-୧ରେ ଐତିହାସିକ ଦିନିକିଆ ସିରିଜ ଜିତିଥିବା ନ୍ୟୁଜିଲାଣ୍ଡ ଆଜି ବୋଲିଂରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା।



### ୭୮୫ ଦିନ ପରେ ଫେରିଲେ ଇଶାନ

ବୁଧବାର ରାତିରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଭାରତ ୩ ଓଭର ମଧ୍ୟରେ ସଞ୍ଜୁ ସାମସନ (୧୦ ରନ) ଓ ଇଶାନ କିଶାନ (୮ ରନ)ଙ୍କ ୱିକେଟ୍ ହରାଇଥିଲା। ୭୮୫ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଇଶାନ ଜାକବ ଡଫିଙ୍କ ବଲରେ ବିଦାୟ ନେଇଥିଲେ। ଇଶାନ ଶେଷଥର ଲାଗି ୨୦୨୩ ନଭେମ୍ବର ୨୮ ତାରିଖରେ ଅଷ୍ଟ୍ରେଲିଆ (ଟି-୨୦) ବିପକ୍ଷରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୨୭ ରନରେ ଦୁଇଟି ୱିକେଟ୍ ହରାଇବା ପରେ ଯୁବ ଓପନର ଅଭିଷେକ ଶର୍ମାଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ। ତୃତୀୟ ୱିକେଟ୍ ଭାଗୀଦାରିରେ ଉଭୟ ୪୭ ବଲରୁ ୯୯ ରନ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। କ୍ରିଜରେ ଜମି ଆସୁଥିବା ସୂର୍ଯ୍ୟ ୨୨ ବଲରୁ ୩୨ ରନ କରି ପ୍ରତିପକ୍ଷ ଅଧିନାୟକ ମିଚେଲ ସାନ୍ତନରଙ୍କ ଶିକାର ବନିଥିଲେ। ଏହାପରେ ଅଭିଷେକ ମଧ୍ୟ ତାଙ୍କ କ୍ୟାରିୟରର ୮ମ ଅର୍ଦ୍ଧଶତକ ହାସଲ କରି ୩୫ ବଲରେ ୮୪ ରନ (୫ଟି ଚୌକା ଓ ୮ଟି ଛକା) କରି ଆଉଟ୍ ହୋଇଥିଲେ। ଅଭିଷେକ ତାଙ୍କ ଅର୍ଦ୍ଧଶତକ ୨୨ ବଲରେ ପୂରଣ କରିଥିଲେ। ଏଥିସହ ୨୫ରୁ କମ୍ ବଲ୍ ଖେଳି ଅନ୍ତର୍ଜାତୀୟ ଟି-୨୦ରେ ସର୍ବାଧିକ ଅର୍ଦ୍ଧଶତକ ମାରିବାରେ ରେକର୍ଡ ଅଭିଷେକଙ୍କ ନାମରେ ଲିପିବଦ୍ଧ ହୋଇଛି। ୭ଟି ଲେଖାଏ ଅର୍ଦ୍ଧଶତକ ସହ ଫିଲ୍ ସଲ୍ଟ, ସୂର୍ଯ୍ୟକୁମାର ଓ ଏଭିନ ଲୁଇସ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶେଷ ଭାଗରେ ରିଙ୍କୁ ସିଂ ୨୦ ବଲରେ ୪୪ ରନର ଦ୍ରୁତ ପାଳି ଖେଳିବା ଯୋଗୁ ଭାରତ ୭ ୱିକେଟରେ ୨୩୮ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଅନ୍ୟମାନଙ୍କ ଶିଭବ ଦୁବେ ୯, ଅକ୍ଷର ପଟେଲ ୫ ଓ ଅର୍ଶଦୀପ ସିଂ ଅପରାଜିତ ୬ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର କାଏଲ ଜେମିସନ ଓ ଡଫି ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଗ୍ଲେନ ଫିଲିପ୍ସଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୭ ୱିକେଟ ହରାଇ ୧୯୦ ରନ କରିପାରିଥିଲା। ଫିଲିପ୍ସ ୬ ଚୌକା ଓ ୪ ଛକା ସହ ୪୦ ବଲରୁ ୭୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କ ଚାପମାନ ୩୯, ଡାରୀଲ ମିଚେଲ ୨୮, ସାନ୍ତନର ୨୦, ଟିମ୍ ରବିନସନ ୨୧ ରନ କରିଥିଲେ। ବୋଲିଂରେ ବରୁଣ ଚକ୍ରବର୍ତ୍ତୀ ଓ ଦୁବେ ୨ଟି ଲେଖାଏ ଏବଂ ଅର୍ଶଦୀପ, ପାଣ୍ଡ୍ୟା ଓ ଅକ୍ଷର ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ରୋହିତ ଶର୍ମା, ବିରାଟ କୋହଲି ଓ ପାଣ୍ଡ୍ୟାଙ୍କ ପରେ ସୂର୍ଯ୍ୟକୁମାର ୧୦୦ତମ ଟି-୨୦ ମ୍ୟାଚ୍ ଖେଳିଛନ୍ତି।

### ସଂକ୍ଷିପ୍ତ ସ୍କୋର

ଭାରତ: ୨୩୮/୭, ୨୦ ଓଭର (ଅଭିଷେକ- ୮୪, ରିଙ୍କୁ- ଅପରାଜିତ- ୪୪, ସୂର୍ଯ୍ୟକୁମାର- ୩୨, ହାର୍ଦ୍ଦିକ- ୨୫, ସାମସନ- ୧୦, ଇଶାନ- ୮, ଡଫି- ୨/୨୭, ଜେମିସନ- ୨/୫୪)

ନ୍ୟୁଜିଲାଣ୍ଡ:୧୯୦/୭, ୨୦ ଓଭର (ଫିଲିପ୍ସ-୭୮, ଚାପମାନ- ୩୯, ମିଚେଲ- ୨୮, ସାନ୍ତନର-୨୦, ରାଚତ ରବୀନ୍ଦ୍ର- ୧, କନୱେ-୦, ଦୁବେ- ୨/୨୮, ବରୁଣ ୨/୩୭)।

## ବାଂଲାଦେଶକୁ ଆଉ ଗୋଟିଏ ଦିନ ସମୟ ଦେଲା ଆଇସିସି

ଦୁବାଇ, ୨୧।୧ (ଏଜେନ୍ସି): ଭାରତ ମାଟିରେ ଆଗାମୀ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବା ଲାଗି ଅଡ଼ି ବସିଥିବା ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)କୁ ନିରାଶ ହେବାକୁ ପଡ଼ିଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବାଂଲାଦେଶର ମ୍ୟାଚ୍‌ଗୁଡ଼ିକ ଭାରତରେ ଖେଳାଯିବ ବୋଲି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର କୁହାଯାଇଛି। ଆଗାମୀ ଟି-୨୦ ବିଶ୍ୱକପ୍ ଉପରେ ବିସିବି ବୁଧବାର ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଆଇସିସି ନିକଟରେ ଦାଖଲ କରିବାର ଥିଲା। କିନ୍ତୁ ବିସିବିକୁ ଚେତାବନୀ ସହିତ ଆଇସିସି ଆଉ ଗୋଟିଏ ଦିନର ମହଲତ୍ ଦେଇଛି। ଅର୍ଥାତ୍ ଗୁରୁବାର ସୁଦ୍ଧା ବାଂଲାଦେଶ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବ। ଫଳରେ ବାଂଲାଦେଶର ବିଶ୍ୱକପ୍ ଖେଳିବା ଚିତ୍ର ଗୁରୁବାର ସ୍ପଷ୍ଟ ହୋଇଯିବ। ଏନେଇ ବୁଧବାର ଦୁବାଇସ୍ଥିତ ଆଇସିସି ମୁଖ୍ୟାଳୟରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ବଦଳରେ ଶ୍ରୀଲଙ୍କାରେ ଖେଳିବା ଲାଗି ବାଂଲାଦେଶ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିଲାଗି ବୈଠକରେ ଏକ ଭୋଟିଂ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିଯୋଗ ଆଇସିସି ସମେତ ଅଧିକାଂଶ ସଦସ୍ୟ ରାଷ୍ଟ୍ର ବାଂଲାଦେଶ ରାଜି ନ ହେଲେ ବିକଳ୍ପ ଦଳକୁ ସାମିଲ କରିବା ସପକ୍ଷରେ ଯାଇ ଭୋଟ୍ ଦେଇଥିଲେ। ଯଦି ବାଂଲାଦେଶ ମନା କରିଦିଏ ତେବେ ର୍‌ୟାଙ୍କିଂ ଅନୁଯାୟୀ ସ୍କଟଲାଣ୍ଡକୁ ଯୋଗ୍ୟତା ମିଳିବ। ପ୍ରକାଶଯୋଗ୍ୟ, ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଖେଳାଯିବ। ବାଂଲାଦେଶ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ତେବେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ହତ୍ୟା କରାଯିବାକୁ ନେଇ ଭାରତ ବିଭିନ୍ନ ସଂଗଠନ ପ୍ରତିବାଦ କରିଥିଲେ। ସେମାନେ ଆଇପିଏଲ୍‌ରୁ ବାଂଲା କ୍ରିକେଟର୍ ମୁସ୍ତାଫିଜୁର ରହେମାନଙ୍କୁ ବାହାର କରିବାକୁ ଦାବି କରିଥିଲେ। ଏହାପରେ ବିସିସିଆଇର ନିର୍ଦ୍ଦେଶରେ କୋଲକାତା ନାଇଟ୍ ରାଇଡର୍ସ ଦଳ ରହେମାନଙ୍କୁ ଆଗାମୀ ଆଇପିଏଲ୍‌ରୁ ବିଦା କରିଦେଇଥିଲା। ଏହାକୁ ବିରୋଧ କରି ବାଂଲାଦେଶ କ୍ରିକେଟ୍ ବୋର୍ଡ ସୁରକ୍ଷାଜନିତ କାରଣ ଦର୍ଶାଇ ଭାରତରେ ମ୍ୟାଚ୍ ନ ଖେଳିବା ଲାଗି ଅଡ଼ି ବସିଛି।

### ଆଇସିସି ଦିନିକିଆ ର୍‌ୟାଙ୍କିଂ

## ବିରାଟ ଖସିଲେ; ଶୀର୍ଷରେ ମିଚେଲ

ଦୁବାଇ, ୨୧।୧ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଦିନିକିଆ ର୍‌ୟାଙ୍କିଂର ଭାରତର ବ୍ୟାଟିଂ ଆଇକନ୍ ବିରାଟ କୋହଲି ଶୀର୍ଷ ସ୍ଥାନ ହରାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ କୋହଲି ଗୋଟିଏ ସ୍ଥାନ ହରାଇ ଦ୍ୱିତୀୟକୁ ଖସିଯାଇଛନ୍ତି। ସେହିଭଳି ଭାରତ ମାଟିରେ ନ୍ୟୁଜିଲାଣ୍ଡକୁ ଐତିହାସିକ ଦିନିକିଆ ସିରିଜ ଭେଟି ଦେଇଥିବା ଡାରୀଲ ମିଚେଲ ଗୋଟିଏ ପାହାଚ ଉଠି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ମିଚେଲ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜରେ ଯଥାକ୍ରମେ ୮୪, ୧୩୧ ଓ ୧୩୭ ରନ ସହ ମୋଟ୍ ୩୫୨ ରନ କରିଥିଲେ। ଏହି ପ୍ରଦର୍ଶନ ଲାଗି ଆଇସିସି ଦିନିକିଆ ର୍‌ୟାଙ୍କିଂରେ ସେ କୋହଲିଙ୍କୁ ହଟାଇ ଏକ ନମ୍ବର ସ୍ଥାନ ଦଖଲ କରିଛନ୍ତି। ଅପରପକ୍ଷରେ କୋହଲି ୩ଟି ଇନିଂସ ଖେଳି ୨୪୦ ରନ କରିଥିଲେ। ଯେଉଁଥିରେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ୧୨୪ ରନର ଶତକୀୟ ପାଳି ସାମିଲ ରହିଛି। ଏହାସତ୍ତ୍ୱେ କୋହଲି ଶୀର୍ଷ ମାନ୍ୟତାକୁ କେବଳ ଗୋଟିଏ ସପ୍ତାହ ବଜାୟ ରଖିବାରେ ସଫଳ ହୋଇଥିଲେ। ୮୪୫ ରେଟିଂ ପଏଣ୍ଟ ସହ ମିଚେଲ ଶୀର୍ଷରେ ରହିଥିବାବେଳେ କୋହଲିଙ୍କ ରେଟିଂ ୭୯୫ ରହିଛି। ଅପରପକ୍ଷରେ ଶ୍ରେୟାସ ଆୟରଙ୍କୁ ହଟାଇ ଲୋକେଶ ରାହୁଲ ଟପ୍-୧୦ରେ ରହିଛନ୍ତି। ସଦ୍ୟ ର୍‌ୟାଙ୍କିଂରେ ନ୍ୟୁଜିଲାଣ୍ଡର ଗ୍ଲେନ ଫିଲିପ୍ସ ୩୬ରୁ ୨୦ତମ ସ୍ଥାନକୁ ଲମ୍ଫ ମାରିଛନ୍ତି। ଦିନିକିଆ ବୋଲିଂ ତାଲିକାରେ କୁଲଦୀପ ଯାଦବ ୪ଟି ପାହାଚ ତଳକୁ ଖସି ୭ମ ସ୍ଥାନରେ ରହିଛନ୍ତି।

### ଓଡ଼ିଶା ଓପନ୍ ଚେସ୍: କାଟାଗୋରୀ-ସି ଆରମ୍ଭ

## ଅଭିଜିତ୍, ମାଧବେନ୍ଦ୍ର, ଗୁୟେନ ମିଳିତ ଅଗ୍ରଣୀ



ଭୁବନେଶ୍ୱର, ୨୧।୧ (ସମିସ): ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ), ଇ-ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଚାଲିଥିବା ୧୬ତମ ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର ଚେସ୍‌ର କାଟାଗୋରୀ-ସି ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ବର୍ଗରେ ରେକର୍ଡ ୪୪୫ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୨୮୮ ଜଣ ରେଟେଡ୍ ଖେଳାଳି ରହିଛନ୍ତି। ବୁଧବାର ୬ଷ୍ଠ ରାଉଣ୍ଡ ସୁଦ୍ଧା ୩ଜଣ ଖେଳାଳି ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଏମାନେ ହେଲେ ପାଞ୍ଚଥରର କମନୱେଲଥ ଚାମ୍ପିଅନ ଅଭିଜିତ୍ ଗୁପ୍ତା, ଭିଏତନାମର ଗ୍ରାଣ୍ଡମାଷ୍ଟର ଗୁୟେନ ଭାନ ହୁୟ ଓ କ୍ୟାଣ୍ଡିଡେଟ ମାଷ୍ଟର ମାଧବେନ୍ଦ୍ର ପ୍ରତାପ। ଏହି ୩ଜଣ ଖେଳାଳି ୫.୫ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଅତିଥିଭାବେ ଯୋଗଦେଇ କାଟାଗୋରୀ-ସି'କୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ରୋଟାରୀ କ୍ଲବ ନିଳାଦ୍ରୀର ସଭାପତି ସୁଜିତ ରାଉତ, ବିଶ୍ୱଜିତ ରାୟ, ଚେସ୍ ଏକାଡେମୀ ନିର୍ଦ୍ଦେଶକ ଏସ୍. ସତ୍ୟକାମ ପ୍ରମୁଖ ଉପସ୍ଥିତ ରହିଥିଲେ।

### ହକି ଇଣ୍ଡିଆ ଲିଗ୍

## ଲାନ୍ସର୍ସ-ରୟାଲ୍ସ କ୍ୱାଲିଫାୟର-୧

ଭୁବନେଶ୍ୱର, ୨୧।୧ (ସମିସ): ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ଚଳିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)ର ପ୍ରଥମ କ୍ୱାଲିଫାୟର ଖେଳାଯିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ରାଞ୍ଚି ଏହାର ଶେଷ ଲିଗ୍ ମ୍ୟାଚରେ ସୁଟ୍ ଆଉଟ୍‌ରେ ୨-୪ ଗୋଲରେ ତାମିଲନାଡୁ ଡ୍ରାଗନ୍ସ ନିକଟରୁ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ୩-୩ ଗୋଲରେ ଡ୍ର ରହିବା ପରେ ସୁଟଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଡ୍ରାଗନ୍ସ ବାଜିମାତ୍ କରିନେଇଥିଲା। ପରାଜୟ ସତ୍ତ୍ୱେ ରାଞ୍ଚିକୁ ଏହି ମ୍ୟାଚରୁ ୧ ପଏଣ୍ଟ ମିଳିଥିଲା। ଫଳରେ ରାଞ୍ଚି ୭ ମ୍ୟାଚରୁ ୧୨ ପଏଣ୍ଟ ପାଇ କଳିଙ୍ଗ ଲାନ୍ସର୍ସ (୧୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହି କ୍ୱାଲିଫାୟର-୧ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ସନ୍ଧ୍ୟା ୫ଟାରେ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ପ୍ରଥମ କ୍ୱାଲିଫାୟର ଖେଳାଯିବ। ଏହାର ବିଜେତା ସୋମବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ସେହିଭଳି ପଏଣ୍ଟ ଟେବଲର ୩ୟ ସ୍ଥାନରେ ଥିବା ହାଇଦରାବାଦ୍ ତୁଫାନ୍ସ (୧୧ ପଏଣ୍ଟ) ଓ ୪ର୍ଥ ସ୍ଥାନରେ ରହିଥିବା ଏଚଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ ମଧ୍ୟରେ ଶୁକ୍ରବାର ଏଲିମିନେଟର ମ୍ୟାଚ ଅନୁଷ୍ଠିତ ହେବ। ଏଲିମିନେଟରର ବିଜେତା ଓ କ୍ୱାଲିଫାୟର-୧'ର ପରାଜିତ ଦଳ ମଧ୍ୟରେ ରବିବାର କ୍ୱାଲିଫାୟର-୨ ଖେଳାଯିବ। ଏହାର ବିଜେତା ଫାଇନାଲକୁ ଉତ୍ତୀର୍ଣ୍ଣ ହେବ।




ରନର୍ସ ଅପ୍ ଓଡ଼ିଶା ବାଳକ ରଗ୍‌ବୀ ଦଳ

### ଜାତୀୟ ସବ୍-ଜୁନିଅର ରଗବୀ

## ବିହାର ଚାମ୍ପିଅନ; ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୨୧।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍-ଜୁନିଅର ରଗବୀ ଚାମ୍ପିଅନସିପ୍ ବୁଧବାର ଉଦଯାପିତ ହୋଇଯାଇଛି। ବାଳକ ବିଭାଗରେ ଓଡ଼ିଶା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଫାଇନାଲରେ ବିହାର ୨୫-୫ ସ୍କୋରରେ ଓଡ଼ିଶାକୁ ପରାସ୍ତ କରି କ୍ରମାଗତ ଟାଇଟଲ୍ ଜିତିବାରେ ସଫଳ ହୋଇଛି। ସେହିଭଳି ଗତ ସଂସ୍କରଣ ରନର୍ସଅପ୍ ରାଜସ୍ଥାନକୁ ଏଥର କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୂର୍ବରୁ ଅନୁଷ୍ଠିତ ବାଳିକା ବିଭାଗରେ ମଧ୍ୟ ବିହାର ଚାମ୍ପିଅନ ହୋଇଥିଲା। ସେହିଭଳି ଓଡ଼ିଶା ବାଳିକା ଦଳ କାଂସ୍ୟ ପଦକ ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ୨୪ଟି ରାଜ୍ୟର ୫୫୦ରୁ ଊର୍ଦ୍ଧ୍ୱ ୧୫ ବର୍ଷରୁ କମ୍ ବାଳକବାଳିକା ରଗବୀ ଖେଳାଳି ଅଂଶଗ୍ରହଣ କରିଥିଲେ।

## କଳିଙ୍ଗ ହେବ ୨୦୨୮ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ

ଭୁବନେଶ୍ୱର,୨୧।୧(ସମିସ): ଭାରତ ୨୦୨୮ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ପାଇଁ ଆନୁଷ୍ଠାନିକ ଭାବେ ବିଡ୍ ଅର୍ଥାତ ନିଜର ଦାବି ଉପସ୍ଥାପନ କରିଛି। ଏଥିପାଇଁ ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍‌ର ଏକ ପ୍ରତିନିଧିମଣ୍ଡଳୀ ବୁଧବାର କଳିଙ୍ଗ ଷ୍ଟାଡିୟମ ଭିତ୍ତିଭୂମି ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗର ଯାଞ୍ଚ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବିଡ୍ ମୁଖ୍ୟ ମାର୍କ ହର୍ଷ୍ଟ ଓ ଇଭେଣ୍ଟ ନିର୍ଦ୍ଦେଶକ ମାର୍ଟିନ ଗ୍ୟୁଲାଇ ଓ ଅନ୍ୟମାନେ ସାମିଲଥିଲେ। ଅଧିକାରୀମାନେ କଳିଙ୍ଗରେ ଉପଲବ୍ଧ ବୈଷୟିକ କ୍ଷମତା ଓ ଆନ୍ତର୍ଜାତୀୟ ମାନଦଣ୍ଡ ମୂଲ୍ୟାଙ୍କନ କରିବା ପାଇଁ ଇନଡୋର ଆଥଲେଟିକ୍ସ ଷ୍ଟାଡିୟମର ପରିଦର୍ଶନ କରିଥିଲେ। ଏହିକ୍ରମରେ ପ୍ରତିନିଧିମଣ୍ଡଳୀ ୱାର୍ଲ୍ଡ ଆଥଲେଟିକ୍ସ ଉପ- ସଭାପତି ଆଦିଲ ସୁମରିୱାଲା, ଦୁଇ ଅଧିକାରୀ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ କ୍ରୀଡ଼ା ଅଧିକାରୀମାନଙ୍କୁ ଭେଟି ଷ୍ଟାଡିୟମର ଇଣ୍ଡୋର ସ୍ଥାନ ସହ ହୋଟେଲ ଓ ବିମାନ ବନ୍ଦର ଭଳି ଅନ୍ୟାନ୍ୟ ସୁବିଧା ସୁଯୋଗଗୁଡ଼ିକର ଯାଞ୍ଚ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ବେଶ ଭଲ ବୋଲି ସୁମରିୱାଲା କହିଛନ୍ତି। ୱାର୍ଲ୍ଡ ଆଥଲେଟିକ୍ସ ଅନୁଯାୟୀ ଫେବୃଆରୀ ୨୦ ହେଉଛି ବିଡ୍ ଦାଖଲ କରିବାର ଶେଷ ତାରିଖ। ସେହିପରି ଆଗାମୀ ମାର୍ଚ୍ଚରେ ୱାର୍ଲ୍ଡ ଆଥଲେଟିକ ପରିଷଦ ଦ୍ୱାରା ଆୟୋଜକ ସହର ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଭାରତ ବ୍ୟତୀତ କାଜାଖସ୍ତାନ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ବିଡ୍ ଦାଖଲରେ ଆଗରେ ରହିଛନ୍ତି। ଉଲ୍ଲେଖଥାଉ କି, କଳିଙ୍ଗ ଷ୍ଟାଡିୟମରେ ଦକ୍ଷିଣ ଏସିଆର ସର୍ବବୃହତ୍ ଇଣ୍ଡୋର ଆଥଲେଟିକ୍ସ ଏରିନା ରହିଛି। ଏହାକୁ ୱାର୍ଲ୍ଡ ଆଥଲେଟିକ୍ସ କାଟାଗୋରି-୧ର ମାନ୍ୟତା ପ୍ରଦାନ କରିଛି। ଏଠାରେ ମାର୍ଚ୍ଚ ୨୪ରୁ ୨୫ ମଧ୍ୟରେ ଜାତୀୟ ଇଣ୍ଡୋର ଚାମ୍ପିଅନସିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି ଓ ୨୦୨୮ ଇଭେଣ୍ଟ ପାଇଁ ଏହି ଇଭେଣ୍ଟ ପରୀକ୍ଷା ସଦୃଶ ହେବ।

**ଯାଞ୍ଚ କଲେ ୱାର୍ଲ୍ଡ ଆଥଲେଟିକ୍ସ ଅଧିକାରୀ**

## ଆଜିଠୁ କିଟ୍‌ରେ ଓଡ଼ିଶା-ତାମିଲନାଡୁ ରଣଜୀ ଲଢ଼େଇ

କଟକ, ୨୧।୧ (ସମିସ): ରଣଜୀ ଟ୍ରଫିର ୬ଷ୍ଠ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହିକ୍ରମରେ ଘରୋଇ କିଟ୍ ଗ୍ରାଉଣ୍ଡରେ ଓଡ଼ିଶା ଦଳ ତାମିଲନାଡୁକୁ ଭେଟିବ। ଓଡ଼ିଶା ଏବଂ ତାମିଲନାଡୁ ଏଲିଟ ଗ୍ରୁପ-ଏ ଟେବଲର ଯଥାକ୍ରମେ ୬ଷ୍ଠ ଏବଂ ୭ମ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ତିଷ୍ଠି ରହିବା ନିମନ୍ତେ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ହୋଇ ନଥିଲେ ସୁଦ୍ଧା ୨୫ବର୍ଷ ପରେ ଉଭୟ ଦଳ ବିଜୟ ଅପେକ୍ଷାରେ ରହିଛନ୍ତି। ୨୦୦୦ ମସିହାରୁ ଏଯାବତ୍ ଉଭୟ ୪ଥର ମୁହାଁମୁହିଁ ହୋଇଥିଲେ ସୁଦ୍ଧା ସମସ୍ତ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। କିଟ୍ ଗ୍ରାଉଣ୍ଡରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ବିଜୟ ଆଶା ନେଇ ପଡ଼ିଆକୁ ଓହ୍ଲାଇବ।



ନାରାୟଣ ଜଗଦୀଶନଙ୍କ ନେତୃତ୍ୱରେ ଗଠିତ ତାମିଲନାଡୁ ୫ଟି ମ୍ୟାଚ୍‌ରୁ ଗୋଟିଏ ବି ବିଜୟ ପଏଣ୍ଟ ହାସଲ କରି ପାରିନାହିଁ। ବାବା ଇନ୍ଦ୍ରଜିତ, ରଞ୍ଜନ ପଲ, ଆନ୍ଦ୍ରେ ସିଦ୍ଧାର୍ଥ ଦଳର ପ୍ରମୁଖ ବ୍ୟାଟର ଭାବେ ଚଳିତ ସିଜନରେ ଉଭା ହୋଇଛନ୍ତି। ଦୁଇଟି ଶତକୀୟ ପାଳି ବଳରେ ରଞ୍ଜନ ସର୍ବାଧିକ ୩୮୪ ରନ ସଂଗ୍ରହ କରିଛନ୍ତି। ସେହିପରି ବୋଲିଂ ଲାଇନଅପକୁ ନଜର ପକାଇଲେ ସାଇ କିଶୋରଙ୍କ ବ୍ୟତୀତ ଅନ୍ୟ କେହି ସଫଳ ସାବ୍ୟସ୍ତ ହୋଇ ପାରିନାହାନ୍ତି। ୪ଟି ମ୍ୟାଚ୍ ଖେଳିଥିବା ସାଇ କିଶୋରଙ୍କୁ ୧୪ଟି ୱିକେଟ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ନିମନ୍ତେ ଅଧିନାୟକ ଶୁଭ୍ରାଂଶୁ ଏବଂ ଓପନର ସ୍ୱସ୍ତିକ ସାମଲ ଉଭୟ ୩୯୩ ରନ ଲେଖାଏ ସଂଗ୍ରହ କରି ବ୍ୟାଟରମାନଙ୍କ ତାଲିକାରେ ଆଗରେ ରହିଛନ୍ତି। ଉଭୟଙ୍କ ନାମରେ ଗୋଟିଏ ଲେଖାଏ ଶତକୀୟ ପାଳି ରହିଛି। ନାଗାଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ଅନିଲ ପରିଡ଼ା ଶତକ ହାସଲ କରିବା ସହିତ ଦଳରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକଙ୍କ ଉପରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରିବ। ୨୧୦ରନ ସଂଗ୍ରହ କରିବା ସହିତ ୧୨ଟି ୱିକେଟ ଅକ୍ତିଆର କରିଥିବା ଅଲରାଉଣ୍ଡର ଗୋବିନ୍ଦ ଓଡ଼ିଶା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

## ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ଜ୍ୱେରେଭ, ସାବାଲେଙ୍କା

### ଅଷ୍ଟ୍ରେଲିଆନ ଓପନ୍

ମେଲବୋର୍ଣ୍ଣ, ୨୧।୧ (ଏଜେନ୍ସି):

ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ଆଲ୍‌କାରାଜ ୭-୬ (୪), ୬-୩, ୬-୨ ସେଟ୍‌ରେ ଜର୍ମାନୀର ୟାନ୍ନିକ ହନଫମାନ୍ନଙ୍କୁ ପରାସ୍ତ କରିଥିଲେ। ସ୍ପାନିଶ ତାରକା ଆଲ୍‌କାରାଜ ୩ୟ ରାଉଣ୍ଡରେ ଫ୍ରାନ୍ସର କୋରେଣ୍ଟିନ ମୌଟେଟ୍‌ଙ୍କୁ ଭେଟିବେ। ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ମୌଟେଟ୍ ୩-୬, ୬-୧, ୬-୩, ୨-୦ରେ ଆମେରିକାର ମାଇକେଲ୍ ଝେଙ୍ଗ୍‌କୁ ହରାଇଥିଲେ। ସେହିଭଳି ଗତ ସଂସ୍କରଣର ଫାଇନାଲିଷ୍ଟ ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୩, ୪-୬, ୬-୩ ସେଟ୍‌ରେ ଫ୍ରାନ୍ସର ଆଲେକ୍ସଜାଣ୍ଡର ମୁଲରଙ୍କୁ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ଭିକ, ରୁଷିଆର ୧୧ତମ ସିଡ୍ ଡାନିଲ ମେଡଭେଡେଭ, ୧୩ତମ ସିଡ୍ ଆନ୍ଦ୍ରେ ରୁବଲେଭ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟ ଲାଭ କରିଥିଲେ।

ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍, ୧୨ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନା, ଚେକ ଗଣରାଜ୍ୟର କାରୋଲିନା ମୁଚୋଭା, ଇଟାଲୀର ୭ମ ସିଡ୍ ଯସ୍ମିନ ପାଓଲିନ, ୮ମ ସିଡ ରୁଷିଆର ମାରିଆ ଆନ୍ଦ୍ରିଭା ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ତେବେ ବ୍ରିଟେନର ଇମା ରାଡୁକାନୁ ୨ୟ ରାଉଣ୍ଡରେ ହାରି ନିରାଶ କରିଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ଭାମ୍ବ୍ରୀ

ଭାରତର ୟୁକି ଭାମ୍ବ୍ରୀ ପୁରୁଷ ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସ୍ୱିଡେନର ଆନ୍ଦ୍ରେ ଗୋରାନସନଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରୀ ୬-୩, ୬-୪ ସେଟ୍‌ରେ ଘରୋଇ ଅଷ୍ଟ୍ରେଲିଆର ଜେମ୍ସ ଡକୱର୍ଥ ଓ କ୍ରୁଜ ହେୱିଟ୍ଟ ଯୋଡ଼ିଙ୍କୁ ପରାସ୍ତ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS